

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୨ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 12 May 2026
Vol.No. 36 ■ No.124 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ବଢ଼ିଲା ଡିଜିଟାଲ୍ ଯୁଦ୍ଧ ଆଶଙ୍କା: ହର୍ମୁଜ୍ ପ୍ରଣାଳୀରେ ସମୁଦ୍ରତଳ ଇଣ୍ଟରନେଟ୍ କେବୁଲ ଉପରେ ଇରାନର ଟିକସ ଯୋଜନା



ନୂଆଦିଲ୍ଲୀ,୧୧/୫ : ଇରାନ ସହିତ ଯୁଦ୍ଧ ଆଉ କେବଳ କ୍ଷେପଣାସ୍ତ୍ର, ଲଢୁଆ ବିମାନ ଏବଂ ଯୁଦ୍ଧଜାହାଜ ମଧ୍ୟରେ ନୁହେଁ, ବରଂ କ୍ଲାଉଡ୍ ଏବଂ ଇଣ୍ଟରନେଟ୍ କେବୁଲ୍ ?ରେ ମଧ ହେବାକୁ ଯାଉଛି। ହରମୁଜ୍ ପ୍ରଣାଳୀରେ ଏକ ଦୋହରା ଅବରୋଧ କାର୍ଯ୍ୟକାରୀ ହେଉଛି। ଗୋଟିଏ ପଟେ ଇରାନ ନିଜ ସହମତି ବିନା ଜାହାଜଗୁଡ଼ିକୁ ଯିବାକୁ ନିଷେଧ କରୁଛି। ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅବରୋଧ ଜାରି ରହିଛି। ଯାହାଦ୍ୱାରା ଇରାନୀ ଜାହାଜଗୁଡ଼ିକୁ ଯିବାକୁ ବାରଣ କରାଯାଉଛି। ତେଲ ବିକ୍ରିରେ ସମସ୍ୟା ଯୋଗୁଁ ଇରାନ ବହୁ କ୍ଷତି ସହୁଛି। ଫଳରେ ଇରାନ ଜାହାଜଗୁଡ଼ିକ ଉପରେ ଟୋଲ୍ ଟିକସ ଆଦାୟ କରି କ୍ଷତିପୂରଣ ଭରଣା କରି ଆସୁଛି। ତେବେ ଏବେ ଇରାନ ସେହି ବାଟେ ସମୁଦ୍ରର ପାଣିତଳେ ଦେଇ ଯାଉଥିବା ଡିଜିଟାଲ୍ ତଥ୍ୟର ମାଧ୍ୟମ କେବୁଲ ଉପରେ ଟିକସ ଆଦାୟ କରିବାକୁ ପ୍ରସ୍ତୁତ ହେଉଛି। ଇରାନ ହର୍ମୁଜ୍‌ରେ ଥିବା ଫାଇବର ଇଣ୍ଟରନେଟ୍ କେବୁଲଗୁଡ଼ିକ ଉପରେ ଏକ ଶୁଳ୍କ ଲାଗୁ କରିପାରେ। ଏହି ଅଞ୍ଚଳ ଦେଇ ଡାଟା ଟ୍ରାନ୍ସମିସନ୍ ପାଇଁ ଇରାନକୁ ଟିକସ ଦେବାକୁ ପଡିବ। ଯେଉଁ ଦେଶଗୁଡ଼ିକ ଏହି ଶୁଳ୍କ ଦେଇପାରିବେ ନାହିଁ ସେମାନଙ୍କର ଡାଟା ଟ୍ରାନ୍ସଫରକୁ ଇରାନ ଅବରୋଧ କରିବ। ଏହାକୁ ନେଇ ୟୁରୋପରୁ ଏସିଆ ପର୍ଯ୍ୟନ୍ତ ଦେଶଗୁଡ଼ିକର ଉତ୍ତେଜନା ବୃଦ୍ଧି କରିଛି। ରିପୋର୍ଟରେ କୁହାଯାଇଛି ଯେ, ଏହି କେବୁଲଗୁଡ଼ିକ ମାଧ୍ୟମରେ ସୁଇଫ୍ଟ ବ୍ୟାଙ୍କିଂ ମେସେଜ୍, ଷ୍ଟକ୍ ମାର୍କେଟ ବାଣିଜ୍ୟ ତଥ୍ୟ ଏବଂ ଟଙ୍କା ସ୍ଥାନାନ୍ତର ତଥ୍ୟ ସ୍ଥାନାନ୍ତରିତ ହୁଏ। ପ୍ରତିଦିନ ପ୍ରାୟ ୧୦ ଟ୍ରିଲିୟନ ଡଲାର ମୂଲ୍ୟର ଆର୍ଥିକ ତଥ୍ୟ ଏହି କେବୁଲଗୁଡ଼ିକ ଦେଇ ଗତି କରିଥାଏ। ଇରାନ ଅନୁସାରେ ଏପରି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ କାର୍ଯ୍ୟକଳାପ ଏହାର ଅଧିକାର କ୍ଷେତ୍ର ମଧ୍ୟରେ ଘଟୁଛି ଏବଂ ଇରାନକୁ ଏହା ବଦଳରେ ଶୁଳ୍କ ମିଳିବା ଉଚିତ। ଇରାନ ମଧ ନିଜର ଦାବିକୁ ସମର୍ଥନ କରିବା ପାଇଁ ଅନ୍ତର୍ଜାତୀୟ ଆଇନର ଉଦାହରଣ ଦେଉଛି। ଇରାନ ଏବେ ଜାତିସଂଘର ସମୁଦ୍ର ଆଇନ ଧାରା ୩୪ର ସାହାରା ନେଇଛି।

◆◆ପୃଷ୍ଠା ୭

## ରାଜ୍ୟସଭା ନିର୍ବାଚନରେ ଅନିୟମିତତା ନେଇ ସିଇଓଙ୍କୁ ଭେଟିଲା ବିଜେଡି

ଭୁବନେଶ୍ୱର, ୧୧/୫ (ନି.ପ୍ର): ରାଜ୍ୟସଭା ନିର୍ବାଚନରେ ଦୁଇ ବିଜେପି ବିଧାୟକଙ୍କୁ ବେଆଇନ ଭାବେ ଦ୍ୱିତୀୟ ବାଲାଟ୍ ପ୍ରଦାନ ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ସୋମବାର ଦିନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନିର୍ବାଚନ ସମୟରେ ବିଜେପି ବିଧାୟକ ଶ୍ରୀମତୀ ଉପାସନା ମହାପାତ୍ର ଓ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଦ୍ୱିତୀୟ ବାଲାଟ୍ ପ୍ରଦାନ କରିବା ସମ୍ପୂର୍ଣ୍ଣ ଅବୈଧ ବୋଲି ବିଜେଡି ଅଭିଯୋଗ କରିଛି। ଏଦିଗରେ ତୁରନ୍ତ ଉପଯୁକ୍ତ ପଦକ୍ଷେପ ନେବାକୁ ଦଳର ପ୍ରତିନିଧିମଣ୍ଡଳୀ ଦାବି କରିଛନ୍ତି। ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ: ବିରୋଧୀ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଏବଂ ରାଜ୍ୟସଭା ନିର୍ବାଚନ ପୋଲିଂ ଏଜେଂଟ ଶ୍ରୀ ପ୍ରତାପ ଦେବ: ବିରୋଧୀ ଦଳ ଉପମୁଖ୍ୟ ସଚେତକ ଡ଼ ଅରୁଣ କୁମାର ସାହୁ: ସାଂସଦ ଡ଼ ସସ୍ମିତ ପାତ୍ର ଏହି ପ୍ରତିନିଧି ଦଳରେ ସାମିଲ ଥିଲେ। ଡ଼ ଅରୁଣ କୁମାର ସାହୁ କହିଥିଲେ, ରାଜ୍ୟ ନିର୍ବାଚନ କମିଶନର ବିଜେଡିର ଅଭିଯୋଗକୁ ବିଚାର କରିବା ପାଇଁ ନିଜର ଅସମର୍ଥ ପ୍ରକାଶ କଲେ, ଯାହା ସବୁଠାରୁ ଦୁଃଖ ଓ ଦୁର୍ଭାଗ୍ୟର ବିଷୟ । ରାଜ୍ୟ ନିର୍ବାଚନ କମିଶନ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଭୋଟ ଦେଲା ବେଳେ ବ୍ୟବହାର ହେଉଥିବା କଲମରୁ ଅତ୍ୟାଧିକ କାଳି ବୋହିଗଲା । ଆଶ୍ଚର୍ଯ୍ୟର ବିଷୟ ଉକ୍ତ କଲମକୁ ଅନ୍ୟ ବିଧାୟକମାନେ ଭୋଟ ଦେଲାବେଳେ ବ୍ୟବହାର କରିଥିଲେ, କିନ୍ତୁ ସେଥିରୁ କାଳି ବୋହିନଥିଲା ବେଳେ ବିଧାୟିକା ଉପାସନା ମହାପାତ୍ର ଭୋଟ ପାଇଁ ବ୍ୟବହାର କଲା ବେଳେ କେମିତି କାଳି ବୋହିଲା ? ଏଥିରୁ ସ୍ପଷ୍ଟ ଜଣାପଡୁଛି ବିଧାୟିକାଙ୍କ ଭୋଟ ନାକଚ ହୋଇଥିଲା, ଯାହାକୁ ବିଜେଡି ଏଜେଂଟ ବିରୋଧ କରି ଅଭିଯୋଗ କରିଥିଲେ ।

◆◆ପୃଷ୍ଠା ୭

## ମୌସୁମୀ ପାଇଁ ପାଗ ଅନୁକୂଳ

ଭୁବନେଶ୍ୱର, ୧୧/୫ (ନି.ପ୍ର): ମୌସୁମୀ ପାଇଁ ପାଗ ଅନୁକୂଳ ରହିଛି। ଚଳିତ ସପ୍ତାହର ଶେଷ ଆଡ଼କୁ ଦକ୍ଷିଣ ବଙ୍ଗୋପସାଗରକୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଛୁଇଁବା ଆଶା ରହିଛି। ଏକ୍ସ'ରେ ଏନେଇ ସୂଚନା ଦେଇ ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ଲେଖିଛନ୍ତି ଚଳିତ ସପ୍ତାହର ଶେଷ ଆଡକୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କିଛି ଅଂଚଳକୁ ଦକ୍ଷିଣପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ହେବାର ସମ୍ଭାବନା ରହିଛି ।

## ବିଏମସି ପକ୍ଷରୁ ଜନ ଶୁଣାଣି ଅନୁଷ୍ଠିତ

ଭୁବନେଶ୍ୱର, ୧୧/୫ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ସୋମବାର ଜନ ଶୁଣାଣି ବିଏମ୍ ସି ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ କମିଶନର ଶ୍ରୀ କୈଳାସ ଚନ୍ଦ୍ର ଦାସ ଲୋକମାନଙ୍କର ଅଭିଯୋଗ ଶୁଣିବା ସହ ସେମାନଙ୍କ ସମସ୍ୟାର ତୁରନ୍ତ ଆଇନ ଅନୁଯାୟୀ ସମାଧାନ କରିବା ପାଇଁ ଉପସ୍ଥିତ ଉପବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ବିଏମ୍ ସି ସମସ୍ତ ଉପବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ବିଏମ୍ ସି ପକ୍ଷରୁ ହେଉଥିବା ଏହି ଜନ ଶୁଣାଣିରେ ସେମାନଙ୍କ ଅଭିଯୋଗ ଶୁଣାଯାଉଛି ଏବଂ ସମସ୍ୟା ସମାଧାନର ବାଟ ଖୋଲୁଥିବାରୁ, ଲୋକେ ବେଶ୍ ସନ୍ତୋଷ ପ୍ରକାଶ କରିଛନ୍ତି ।

## ରାଜ୍ୟରେ ଭୁଶୁଡ଼ିଛି କି ଆଇନଶୃଙ୍ଖଳା ?: କଥା କଥାକେ ବୁଲୁଛି ଖଣ୍ଡା, ଗଡୁଛି ମୁଣ୍ଡ

ଭୁବନେଶ୍ୱର, ୧୧/୫ (ନି.ପ୍ର): ରାଜ୍ୟରେ ବଢୁଛି ବର୍ବରତା । କଥା କଥାକେ ଗଡୁଛି ମୁଣ୍ଡ । ପରିସ୍ଥିତି ଏମିତି ହୋଇଛି ଯେମିତି ଲୋକେ ଆଇନକୁ ହାତକୁ ନେବାକୁ ମଧ ପଛାଉ ନାହାନ୍ତି । କେନ୍ଦ୍ରାପଡ଼ାରୁ ସୋର, ଉଦଳାରୁ ନୟାଗଡ଼, ଆଜି ରାଜ୍ୟର ବିଭିନ୍ନ ସ୍ଥାନରୁ ସାମ୍ନାକୁ ଆସିଛି ଏଭଳି ବର୍ବରତାର ଖବର। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ଯୁବକଙ୍କୁ ପିଟି ପିଟି ବୀଭତ୍ସ ହତ୍ୟା ଘଟଣା ମନରୁ ଲିଭିନି । ଏବେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଛି ବର୍ବରତାର ଖବର। ତେବେ ନୟାଗଡ଼ରେ ସୀମା ଟପିଛି ନୃଶଂସତା । ଚୋରା ମାଙ୍କଡା ପଥର ବୋଝେଇ ଗାଡି ଅଟକାଇବାରୁ ଗଡ଼ିଛି ମୁଣ୍ଡ । ଓଡ଼ଗାଁ ରୋହିବାଙ୍କରୁ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଥିବା ବେଳେ ଅଜିତ୍ ଓ ଅନ୍ୟ କିଛି ଯୁବକ ପ୍ରତିବାଦ କରିଥିଲେ । ଏହାପରେ ମାଫିଆ ମାନେ ଅଜିତଙ୍କୁ ହତ୍ୟା କରିଛନ୍ତି । ରାଜଧାନୀ ଉପକଣ୍ଠ ଫୁଲନଖରା ନିକଟରେ ମଧ ବାଲି ଚୋରା କାରବାରକୁ ନେଇ ବୁଲିଛି ଖଣ୍ଡା। ଦୁର୍ବୃତ୍ତଙ୍କ ଆକ୍ରମଣରେ ୩ ଜଣ ଆହତ ହୋଇଛନ୍ତି, ଯାହାର ଚିତ୍ର ସିସିଟିଭିରେ କଏଦ୍ ହୋଇଛି । ଛାତ ପଡ଼ିବାକୁ ନେଇ ବାଲେଶ୍ୱରରେ ବୀଭତ୍ସ ହତ୍ୟା । ଖଇରା ଥାନା ହରିପୁର ଗାଁର ସୁରେନ୍ଦ୍ର ସେଠୀଙ୍କ ଘରର ଛାତ ପଡ଼ିବା ପାଇଁ ସେଣ୍ଟ୍ରିଂ ହେଉଥିଲା ।

◆◆ପୃଷ୍ଠା ୭

## ଆଇଆଇଟି ବମ୍ବେରେ ଦେଶର ପ୍ରଥମ କାର୍ବନ କ୍ୟାପଚର ଲ୍ୟାବ୍‌ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ





ମୁମ୍ବାଇ/ଭୁବନେଶ୍ୱର,୧୧/୫ : ଭାରତର ପ୍ରଥମ 'ଇଂଟିଗ୍ରେଟେଡ୍ କାର୍ବନ କ୍ୟାପଚର, ୟୁଟିଲାଇଜେସନ୍ ଏଣ୍ଡ୍ ଷ୍ଟୋରେଜ୍ (ସିସିୟୁଏସ)' ଫିଲ୍ଡ ଲାବୋରେଟୋରୀର ଶୁଭାରମ୍ଭ ବର୍ତ୍ତମାନ ସମୟରେ ପୂର୍ଣ୍ଣ ରୂପେ ସ୍ୱାଗତଯୋଗ୍ୟ । ଏହା ଭାରତର ସ୍ୱଚ୍ଛ ଉର୍ଜା ଇନୋଭେସନ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ସୋମବାର ଆଇଆଇଟି ବମ୍ବେ ଠାରେ ଏହି ଲ୍ୟାବର ଶୁଭାରମ୍ଭ କରିବା ସହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପଂଚାମୃତ' ପ୍ରତିଶ୍ରୁତି ଏବଂ ୨୦୭୦ ସୁଦ୍ଧା 'ନେଟ୍ ଜିରୋ' ଲକ୍ଷ୍ୟ ହାସଲ କରିବାରେ ଏହି ପ୍ରଯୁକ୍ତିବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

◆◆ପୃଷ୍ଠା ୭

## ଅମିତ ଶାହଙ୍କୁ ଭେଟିଲେ ଓମାର ଅବଦୁଲ୍ଲା

ନୂଆଦିଲ୍ଲୀ, ୧୧/୫ : ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସୋମବାର ଏଠାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ରାଜ୍ୟ ସହ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ବୈଠକରେ ଜାମ୍ମୁ-କାଶ୍ମୀରକୁ ରାଜ୍ୟ ମାନ୍ୟତା ପୁନରୁଦ୍ଧାର, ବ୍ୟବସାୟର ନିୟମ, ସଂରକ୍ଷଣର ଯୁକ୍ତିସଙ୍ଗତକରଣ ଏବଂ ଶାସନ ତଥା ଜନକଲ୍ୟାଣ ସମ୍ବନ୍ଧୀୟ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜାମ୍ମୁ-କାଶ୍ମୀରର ବର୍ତ୍ତମାନର ସୁରକ୍ଷା ଏବଂ ଆର୍ଥିକ ସ୍ଥିତି ଉପରେ ମଧ ଆଲୋଚନା କରାଯାଇଥିଲା। ଏହି କ୍ଷେତ୍ରରେ ସ୍ଥାୟୀ ଶାନ୍ତି, ସ୍ଥିରତା ଏବଂ ସମାବେଶୀ ବିକାଶ ସୁନିଶ୍ଚିତ କରିବା ଉପରେ ଦୁଇ ନେତା ବିଶେଷ ଗୁରୁତ୍ୱାରୋପ କରିଥିଲେ। ସୂତ୍ରରୁ ପ୍ରକାଶ ଯେ ଏହି ବୈଠକରେ ଆଗାମୀ ଅମରନାଥ ଯାତ୍ରା ପାଇଁ ପ୍ରସ୍ତୁତି ଏବଂ ସୁରକ୍ଷା ବ୍ୟବସ୍ଥା ଉପରେ ମଧ ଆଲୋଚନା କରାଯାଇଥିଲା।

## ଆଜି ଅପରାହ୍ନ ୪ଟାରେ ରତ୍ନଭଣ୍ଡାର ଗଣତି ହେବ

ପୁରୀ, ୧୧/୫ (ନି.ପ୍ର): ଆଜି ଅପରାହ୍ନ ୪ଟାରେ ରତ୍ନଭଣ୍ଡାର ଗଣତି ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂଚନା ଦେଇଛି । ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା (ଏସଓପି) ଆଧାରରେ ତା ୨୫.୩.୨୦୨୬ ରିଖ ଠାରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା । ବିଭିନ୍ନ ପର୍ଯ୍ୟାୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୫୭ ଘଣ୍ଟା ୮ ମିନିଟ୍ ରତ୍ନଭଣ୍ଡାର ଗଣତି ହୋଇସାରିଛି । ମହାପ୍ରଭୁଙ୍କ ଆଶୀର୍ବାଦରୁ ସଂପୂର୍ଣ୍ଣ ପ୍ରକ୍ରିୟା ବ୍ୟବସ୍ଥାବଳୀ ଅନୁଯାୟୀ ସ୍ୱଚ୍ଛତା ଓ ଅଧିକୃତ ସେବକ ତଥା ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ/ ମାଜିଷ୍ଟ୍ରେଟ୍/ଅଧିକାରୀଙ୍କ ଉପସ୍ଥିତିରେ କରାଯାଉଅଛି ।

## ଛତିଶଗଡର ବିଜାପୁରରୁ ନକ୍ସଲମାନେ ଲୁଚାଇ ରଖିଥିବା ସାମଗ୍ରୀ ଜବତ

ବିଜାପୁର, ୧୧/୫ : ଛତିଶଗଡ଼ର ବିଜାପୁର ଜିଲ୍ଲାର ଗଙ୍ଗାଲୁର ଥାନା ଅନ୍ତର୍ଗତ ଡୋଡିତୁମନାର ପଟେଲପାରା ପାହାଡ଼ିଆ ଅଞ୍ଚଳରୁ ନକ୍ସଲମାନେ ପୂର୍ବରୁ ଲୁଚାଇ ରଖିଥିବା ବିସ୍ଫୋରକ ତିଆରି ଯନ୍ତ୍ରପାତି ଏବଂ ଅନ୍ୟାନ୍ୟ ନକ୍ସଲ ସାମଗ୍ରୀ ସୁରକ୍ଷାବଳ ସୋମବାର ଜବତ କରିଛି। ପୁଲିସକୁ ଗୁପ୍ତ ସୂଚନା ମିଳିଥିଲା ଯେ, ଡୋଡିତୁମନାର ଜଙ୍ଗଲ-ପାହାଡ଼ ଅଞ୍ଚଳରେ ନକ୍ସଲ କାର୍ଯ୍ୟକଳା ଚାଲୁଥିଲା ଏବଂ ସେଠାରେ ବହୁ ପରିମାଣରେ ନକ୍ସଲ ସାମଗ୍ରୀ ଲୁଚାଇ ରଖାଯାଇଛି। ଏହା ପରେ ପୁଲିସ ସହାୟତା କେନ୍ଦ୍ର ପିଡିଆ ଏବଂ ଗଙ୍ଗାଲୁର ଥାନାର ଯୁକ୍ତ ପୁଲିସ ଦଳ ସେହି ଅଞ୍ଚଳରେ ବ୍ୟାପକ ସର୍ଚ୍ଚିଂ ଅଭିଯାନ ଚଳାଇଥିଲେ। ସର୍ଚ୍ଚିଂ ସମୟରେ ଯବାନମାନେ ମାଟି ତଳେ ତିଆରି ହୋଇଥିବା ଏକ ସନ୍ଦିଗ୍ଧ ବଙ୍କର ଚିହ୍ନଟ କରିଥିଲେ। ଡିମାଇନିଂ ଏବଂ ସୁରକ୍ଷା ଯାଞ୍ଚ ପରେ ବଙ୍କରଟି ଖୋଲାଯାଇଥିଲା, ଯେଉଁଠାରୁ ବହୁ ପରିମାଣରେ ନକ୍ସଲ ସାମଗ୍ରୀ ଜବତ କରାଯାଇଥିଲା।

## କବି ଶବ୍ଦ ସହ ତପସ୍ୟା କରେ: କବୀ ସୈରିନ୍ଧ୍ରୀ ସାହୁ



ନୀଳଗିରି , ୧୧/୫ (ନି.ପ୍ର): କବିତା କୌଣସି ଶବ୍ଦ ସଂଯୋଜନା ନୁହେଁ, ଏହା ହୃଦୟର ଅନନ୍ୟ ଅନୁରକ୍ତି । କବିତା ଲେଖିବା ପାଇଁ ତପସ୍ୟା ବା ସାଧନା ଜରୁରୀ । ସର୍ବୋପରି ପାଣି ପରି ହେଉ କବି ଓ ନିଆଁ ପରି ହେଉ ତାର କବିତା ବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାରର ତୃତୀୟ ରାଜ୍ୟସ୍ତରୀୟ ଆଭାସୀ କବିତା ଆସରରେ ଯୋଗଦେଇ କବୀ ତଥା ସାଗରିକା ଓ ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ନିଜ ମତ ଉପସ୍ଥାପନ କରିଛନ୍ତି । ପ୍ରାରମ୍ଭରେ ସାହିତ୍ୟିକ କବିବନ୍ଧୁ ପରିବାରର ସମ୍ପାଦିକା କବୀ ପ୍ରଣତି ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରରେ କୁମାରୀ ନିବେଦିତା ମହାପାତ୍ର ସ୍ୱାଗତ ସଂଗୀତ ଓ ଗଞ୍ଜାମରୁ କବୀ ପଦ୍ମିନୀ ମିଶ୍ର ସମସ୍ତ କବିତା ଗୁଡ଼ିକୁ ତାଙ୍କର ସ୍ୱତନ୍ତ୍ର ଶୈଳୀର ଶବ୍ଦ ଐଶ୍ୱର୍ଯ୍ୟ ମଧ୍ୟରେ ସଂଯୋଜନା କରିଥିଲେ । କବି ମାନଙ୍କ ବର୍ଷୀୟାନ କବୀ କନକପ୍ରଭା ଷଡଙ୍ଗୀ (ନୀଳଗିରି), ଅକ୍ଷୟମାଳା ମିଶ୍ର (କେନ୍ଦ୍ରାପଡ଼ା), ପ୍ରଫୁଲ୍ଲ ଦାଶ( ନୟାଗଡ ) , ରୀତା ଅପରାଜିତା ମହାନ୍ତି (ଭୁବନେଶ୍ୱର), ରତି ନାରାୟଣ ରାଉତ (କେନ୍ଦୁଝର), ଅନୁପମା ନାଥଶର୍ମା (ଭୁବନେଶ୍ୱର), ଅଧ୍ୟାପିକା ବିଷ୍ଣୁପ୍ରିୟା ଜେନା (ନିମାପଡ଼ା), ଉନ୍ନତି ପ୍ରଧାନ (ପୁରୀ) , ଅର୍ଚ୍ଚନା ମହାପାତ୍ର (କଲିକତା) , ବିଜୟ ଦଳାଇ (ବାଲେଶ୍ୱର), ସୁଚିସ୍ମିତା ସାହୁ (ଯାଜପୁର), ନାରାୟଣ ଦଣ୍ଡସେନା (କଳାହାଣ୍ଡି) , ପୂଜାଶ୍ରୀ (କେନ୍ଦ୍ରାପଡ଼ା), ଡ . ଅରୁଣ ଦାସ (ଭୁବନେଶ୍ୱର) , ପ୍ରଭାତ ମଲ୍ଲିକ (ଯାଜପୁର), ଅଧ୍ୟାପିକା ଚିନ୍ମୟୀ ଜେନା (କେନ୍ଦ୍ରାପଡ଼ା), ଅଧ୍ୟାପିକା ହରିପ୍ରିୟା ସେଠୀ (ଭଦ୍ରକ) , ଗୀତାରାଣୀ ସାହୁ (ଭଦ୍ରକ), ଅଧ୍ୟାପିକା ଗୀତାରାଣୀ ନାୟକ (ଭୁବନେଶ୍ୱର), ଶ୍ରୀଲିପି ମହାପାତ୍ର (ଭୁବନେଶ୍ୱର) , ଗବେଷିକା ଅଲିଭା ଘୋଷ (ବାଲେଶ୍ୱର) , ପ୍ରମୁଖ ନିଜନିଜର ସ୍ୱରଚିତ କବିତା ପାଠ କରିଥିଲେ । କବିତାପାଠ ପରେ ପରିବାରର ସଂପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର କବିତା ଗୁଡ଼ିକୁ ସୁନ୍ଦର ଭାବରେ ସମୀକ୍ଷା କରି ଆସରର ଗୌରବବୃଦ୍ଧି କରିଥିଲେ । ଶେଷରେ କବି ଅଲିଭା ଘୋଷ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ୍ ପ୍ରଦାନ କରିଥିଲେ । ଉକ୍ତ ଆସରରେ ବହୁ କବିତା ରସ ପିପାସୁ ଯୋଗଦାନକରି ଏପରି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ।

## ସୋମନାଥ ଅମୃତ ମହୋତ୍ସବରେ ଅଂଶଗ୍ରହଣ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୧/୫ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ସୋମନାଥ ଅମୃତ ମହୋତ୍ସବରେ ଯୋଗ ଦେଇଛନ୍ତି । ଶ୍ରୀ ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ସୋମନାଥ ମନ୍ଦିର ପରିସରରେ ଏକ ବିଶାଳ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମକୁ କେବଳ ଏକ ଆନୁଷ୍ଠାନିକ ଉତ୍ସବ ନୁହେଁ, ବରଂ ଭାରତର ଶାଶ୍ୱତ ଚେତନା ଏବଂ ସଭ୍ୟତାଗତ ଶକ୍ତି ଭାବେ ବର୍ଣ୍ଣନା କରିଥିଲେ। ଏହି ଐତିହାସିକ ସମାବେଶରେ ଦିବ୍ୟ ଭକ୍ତି ଏବଂ ରାଷ୍ଟ୍ରୀୟ ଗୌରବର ଏକ ଉଲ୍ଲେଖନୀୟ ସଙ୍ଗମ ଦେଖିବାକୁ ମିଳିଥିଲା । ବୈଦିକ ମନ୍ତ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ଏବଂ ସମୁଦ୍ର ଲହଡ଼ିର ଗର୍ଜନ ସହିତ ଏହି ପବିତ୍ର ସ୍ଥାନର ପୁନଃନିର୍ମାଣ ଉତ୍ସବକୁ ଭବ୍ୟ ଆକାରରେ ପାଳନ କରାଯାଇଥିଲା । ପ୍ରାଚୀନ ଶାସ୍ତ୍ର ଜ୍ଞାନର ଉଦାହରଣ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ବ୍ରହ୍ମାଣ୍ଡ ଈଶ୍ୱରଙ୍କଠାରୁ ଉତ୍ପନ୍ନ ହୁଏ ଏବଂ ତାଙ୍କ ମଧ୍ୟରେ ଲୀନ ହୁଏ। ଶ୍ରୀ ମୋଦୀ କହିଥିଲେ, ''ଯତୋ ଜାୟତେ ପାଲ୍ୟତେ ଯେନ ବିଶ୍ୱମ୍, ତମିଷମ୍ ଭଜେ ଲିୟତେ ଯତ୍ର ବିଶ୍ୱମ୍'',-ଆଜି ଆମେ ଈଶ୍ୱରଙ୍କ ନିବାସସ୍ଥଳୀ ପୁନଃନିର୍ମାଣର ଉତ୍ସବ ପାଳନ କରୁଛୁ। ନିଜର ବ୍ୟକ୍ତିଗତ ଭକ୍ତି ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ନିଜକୁ ଦାଦା ସୋମନାଥଙ୍କ ଜଣେ ପରମ ଭକ୍ତ ଭାବରେ ବର୍ଣ୍ଣନା କରିଥିଲେ । ଏହି ମନ୍ଦିରକୁ ଅନେକ ଥର ଆସିଥିବା ମନେ ପକାଇଥିଲେ। ଶ୍ରୀ ମୋଦୀ କହିଥିଲେ, ମୁଁ ତାଙ୍କ ସମ୍ମୁଖରେ ଅଗଣିତ ଥର ପ୍ରଣାମ କରିଛି, କିନ୍ତୁ ଆଜି ଯେତେବେଳେ ମୁଁ ଏଠାକୁ ଆସୁଥିଲି, ସେତେବେଳେ ସମୟର ଏହି ଯାତ୍ରା ମୋତେ ଏକ ସୁଖଦ ଅନୁଭୂତି ଦେଇଥିଲା।'' ପ୍ରଧାନମନ୍ତ୍ରୀ ଶ୍ରୀ ସୋମନାଥ ସ୍ୱାଭିମାନ ପର୍ବ ଉପଲକ୍ଷେ କିଛି ମାସ ପୂର୍ବରୁ ଏହି ମନ୍ଦିରକୁ ତାଙ୍କର ଯାତ୍ରା ବିଷୟରେ ମନେ ପକାଇଥିଲେ ।

◆◆ପୃଷ୍ଠା ୭

# ଚାଷ କରିଛି କୋଟିପତି, ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଦୈନିକ ଦେଉଛନ୍ତି ରୋଜଗାର : ମୁଖ୍ୟମନ୍ତ୍ରୀ ଦେଇଛନ୍ତି ପୁରସ୍କାର, ବିଭାଗର ଅଣଦେଖା

ବଲାଙ୍ଗିର, ୧୧/୦୫ (ନି.ପ୍ର): ପନିପରିବା ଚାଷ କରି ଅଂଚଳରେ ଉଦାହରଣ ସୃଷ୍ଟି କରିଛନ୍ତି ବଲାଙ୍ଗୀର ଜିଲ୍ଲା ଆଗଲପୁର (ଡୁଡୁକା ) ବ୍ଲକ ବଡ଼ଟିକା ଗାଁ ର ଚାଷୀ ସଞ୍ଜୟ ପଧାନ । ପ୍ରାୟ ୮୦ ଏକର ଜମିରେ ବାଇଗଣ, ଟମାଟୋ, କଲରା, କାକୁଡି, ଲାଉ, କଖାରୁ, ଗେଣ୍ଡୁ ଫୁଲ ଚାଷ ସହିତ ୬ ଏକର ଜମିରେ ଉନ୍ନତମାନର ପିଜୁଳି ଲଗେଇଛନ୍ତି। ଯାହା ବର୍ଷ ସାରା ଅମଳ ଦେଉଛି। ସେ ଯେଉଁ ଚାଷ କରନ୍ତି ୫ ଏକରରୁ ଊର୍ଦ୍ଧ୍ୱ କରନ୍ତି ସେଥିପାଇଁ ତାଙ୍କୁ ଅଧିକ ଲାଭ ମିଳେ ଓ ସେ ସଫଳ ହୁଅନ୍ତି। ଧାନ ଚାଷ ଠାରୁ ପନିପରିବା ଚାଷରୁ ଅଧିକ ଲାଭ ମିଳୁଥିବାରୁ ସଞ୍ଜୟ ପରିବା ଚାଷକୁ ବେଶୀ ପ୍ରାଧାନ୍ୟ ଦେଉଥିବା କହିଛନ୍ତି । ପ୍ରତିଦିନ ତାଙ୍କ ଠାରୁ ୨ ଟ୍ରକ ପନିପରିବା ବାହାରକୁ ଯାଉଛି ଏବଂ ଆଗଲପୁର ଓ ଲୋଇସିଂହା ଅଂଚଳର ୧୦୦ ଜଣ ପୁରୁଷ ମହିଳା ମିଶି କ୍ଷେତରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି । ଦାଦନ ପ୍ରବଣ ଅଂଚଳ ହୋଇଥିବାରୁ କିଛି ଲୋକଙ୍କୁ ଦାଦନ ଖଟି ଯିବାରୁ ରୋକି ରୋଜଗାର ଦେଇଥିବାରୁ ସଞ୍ଜୟଙ୍କୁ ଅଂଚଳରେ ବହୁ ପ୍ରଶଂସା ମିଳୁଛି । ଆଗାମୀ ବର୍ଷ ଛତୁ ଚାଷ ଓ କୁକୁଡ଼ା ଫାର୍ମ ଆରମ୍ଭ ହେଲେ ୫୦୦ ଲୋକଙ୍କୁ ରୋଜଗାର ଦେବାକୁ ଲକ୍ଷ୍ୟ ରଖିଛି ବୋଲି ସଞ୍ଜୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଏବେ ବର୍ଷ ସାରା ପନିପରିବାର ଚାହିଦା ରହୁଥିବାରୁ ଏଇ ଚାଷ କରି ଦିନକୁ ଲକ୍ଷେ ଟଙ୍କାରୁ ଅଧିକ ରୋଜଗାର କରି କୋଟିପତି ହୋଇପାରିଛି ବୋଲି ସଞ୍ଜୟ କହିଛନ୍ତି । ଏଥିରେ ତାଙ୍କ ପୁଅ ତାଙ୍କୁ ସହଯୋଗ କରିବା ସହିତ ଜଣେ ମ୍ୟାନେଜର ସବୁ ବୁଝାବୁଝି କରନ୍ତି । ବିହନ ସମ୍ପର୍କରେ ପଚରା ଯିବାରୁ ବିହନ ଉପରେ ନିର୍ଭର ନକରି ରାୟପୁରର ଏକ ନର୍ସରିରୁ ଉନ୍ନତ ମାନର ଚାରା ଆଣି ଲଗେଇ ଥାନ୍ତି ଓ ଏହା ମୋତେ ଆହୁରି ଲାଭବାନ କରାଉଛି ବୋଲି ସଞ୍ଜୟ କହିଛନ୍ତି। ଜିଲ୍ଲାର ସଫଳ ଚାଷୀ ଭାବରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ମଧ ସେ ପୁରସ୍କାର ପାଇଛନ୍ତି । ଜଳସେଚନ ପାଇଁ ୪ଟି ପୋଖରୀ ଓ ୪ଟି ବୋରୱେଲ ଖୋଳିଛନ୍ତି ଓ ସମସ୍ତ ଚାଷକୁ ବୁନ୍ଦା ଜଳସେଚନର ବ୍ୟବସ୍ଥା କରିଛନ୍ତି । ଏବେ ନୂତନ ଜ୍ଞାନକୌଶଳରେ ଚାରା ଉତ୍ପାଦନ, ଯନ୍ତ୍ର, ଜଳସେଚନ, କୀଟନାଶକ ସିଂଚନ ବ୍ୟବସ୍ଥା ହୋଇଥିବାରୁ ବେଶ୍ ସହଜ ହୋଇପାରୁଛି ବୋଲି କହିଛନ୍ତି। ତେଣୁ କୃଷି ବିଭାଗ କିମ୍ବା ଉଦ୍ୟାନ ବିଭାଗରୁ କିଛି ପ୍ରୋତ୍ସାହନ ମିଳିଲେ ଆହୁରି ଭଲ ହୁଅନ୍ତା ବୋଲି ସଞ୍ଜୟ କହିଛନ୍ତି ।

# ଆଗୁଆ ପରୀକ୍ଷଣ ଦ୍ୱାରା ଲୁପସ ବ୍ୟାଧିକୁ ପରାସ୍ତ କରି ହେବ: ବିଶେଷଜ୍ଞ

ଭୁବନେଶ୍ୱର, ୧୧/୦୫ (ନି.ପ୍ର): ଅନେକ ଜାଣନ୍ତି ନାହିଁ ଯେ ଲୁପସ୍ ହେଉଛି ଏକ ଅଟୋଇମ୍ୟୁନ ବ୍ୟାଧି ଯେଉଁଥିରେ ଶରୀରର ପ୍ରତିରକ୍ଷା ପ୍ରଣାଳୀ ନିଜର ସୁସ୍ଥ କୋଷକୁ ଆକ୍ରମଣ କରେ । ଏହି ସମସ୍ୟା ୨୦ ବର୍ଷରୁ ଆରମ୍ଭ କରି ୫୦ ବର୍ଷ ପର୍ଯ୍ୟନ୍ତ ମହିଳାମାନଙ୍କ ଠାରେ ପ୍ରାୟତଃ ଦେଖାଯାଇଥାଏ । ତେବେ ଏହାର ଚିକିତ୍ସା ସମ୍ଭବ ଏବଂ ଉଚିତ୍ ପଦକ୍ଷେପ ନେଲେ ରୋଗୀ ଜଣକ ସାଧାରଣ ଜୀବନ ଧାରଣ କରିପାରିବ ବୋଲି ରବିବାର ସୂଚନା ଦେଇଛନ୍ତି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ର କ୍ଲିନିକାଲ୍ ଇମ୍ୟୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ପ୍ରଦୀପ୍ତ ଶେଖର ପାତ୍ରୋ । ଲୁପସ୍ ଏକ ସଂକ୍ରାମକ ବ୍ୟାଧି ନୁହେଁ, ଯଦିଓ ଏହାର ଅନେକ ପ୍ରତିରୂପ ରହିଛି ତେବେ ଏହାର ଚିକିତ୍ସା ସମ୍ଭବ । ଲୁପସ୍ ବା ଏସ୍.ଏଲ୍.ଇ (ସିଷ୍ଟମିକ ଲୁପସ୍ ଏରିଥ୍ମାଟୋସିସ୍) ସାଧାରଣତଃ ମହିଳା ମାନଙ୍କ କ୍ଷେତ୍ରରେ ଅଧିକ ଦେଖାଯାଇଥାଏ । ଏହି ରୋଗ ଶରୀରର ଯେ କୌଣସି ଅଙ୍ଗକୁ ଆକ୍ରାନ୍ତ କରିପାରେ । ସବୁ ଲୁପସ୍ ରୋଗୀଙ୍କ ଲକ୍ଷଣ ଏକ ପ୍ରକାର ହୋଇ ନଥାଏ । କାହାକୁ ଜ୍ୱର ସହିତ ଗଣ୍ଠି ବ୍ୟଥା ଅନୁଭବ ହେଉଥିବାବେଳେ ଆଉ କାହାର ପରାସ୍ରାରେ ଅଧିକ ପ୍ରୋଟିନ୍ ଯାଇଥାଏ ବୋଲି ରବିବାର ବିଶ୍ୱ ଲୁପସ ଦିବସ ଅବସରରେ ଆଇଏମଏସ ଆଣ୍ଡ ସମ ହସ୍ପିଟାଲ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଫେସର ପାତ୍ରୋ ସୂଚନା ଦେଇଛନ୍ତି ।

ଏହା ଏକ ଅଟୋଇମ୍ୟୁନ ବ୍ୟାଧି । ଏଥିରେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ସହ କୋଷ, ଚର୍ମ, ରକ୍ତ କଣିକା, ବୃକକ୍ (କିଡନୀ) ଏବଂ ମସ୍ତିଷ୍କ ଭଳି ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରିଥାଏ । ତେବେ ଏହାର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ ବୋଲି ଡାକ୍ତର ପାତ୍ରୋ କହିଛନ୍ତି । ବିଶ୍ୱ ଲୁପସ୍ ଦିବସ ଅବସରରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ର କ୍ଲିନିକାଲ୍ ଇମ୍ୟୁନୋଲୋଜି ଏବଂ ର୍ୟୁମାଟୋଲୋଜି ବିଭାଗ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଂଟିନ୍ ଛକରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏକ ସଚେତନତା ର୍ୟାଲିର ମଧ ଆୟୋଜନ କରାଯାଇଥିଲା । ରବିବାର ସକାଳ ସମୟରେ ଆୟୋଜିତ ଏହି ର୍ୟାଲିରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏବଂ ପ୍ରଫେସର ପାତ୍ରୋ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବାଚସ୍ପତି ଶ୍ରୀମତି ପାଢ଼ୀ କହିଥିଲେ ଯେ ଲୁପସ ଅଧିକ ମାତ୍ରାରେ ଯୁବତୀମାନଙ୍କୁ ପ୍ରଭାବିତ କରୁଥିବା ବେଳେ ଏହି ରୋଗର ନିରାକରଣ ଏବଂ ଏହା ସହ ଲଢ଼ିବା ପାଇଁ ସଚେତନତାର ଆବଶ୍ୟକତା ରହିଛି । ସେହିପରି ଶ୍ରୀ ବାବୁ ସିଂ କହିଥିଲେ ଯେ ଏହି ରୋଗ ସମ୍ପର୍କରେ ଖୁବ୍ କମ୍ ବ୍ୟକ୍ତି ଅବଗତ ଥିବା ବେଳେ ଏ ନେଇ ଅଧିକ ସଚେତନ ହେବାର ଆବଶ୍ୟକତା ରହିଛି । ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍ ଏ ଦିଗରେ ଖୁବ୍ ଭଲ କାର୍ଯ୍ୟ ଏବଂ ଚିକିତ୍ସା ପ୍ରଦାନ କରୁଛି ବୋଲି ସେ କହିଥିଲେ ।

ଆୟୋଜିତ ଏହି ର୍ୟାଲିରେ ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲର ୨୦୦ ରୁ ଊର୍ଦ୍ଧ୍ୱ ଡାକ୍ତର, ନର୍ସ, ଛାତ୍ରଛାତ୍ରୀ ଓ ସ୍ୱାସ୍ଥ୍ୟସେବୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସାମ୍ବାଦିକ ସମ୍ମିଳନୀରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଏବଂ ମେଡିକାଲ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଉପସ୍ଥିତ ରହି ହସ୍ପିଟାଲର ଚିକିତ୍ସା ଓ ସଫଳତା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ପ୍ରଫେସର ପାତ୍ରୋ ସାମ୍ବାଦିକମାନଙ୍କୁ ସୂଚନା ଦେଇ କହିଥିଲେ ଯେ ଲୁପସ୍ ରୋଗର ଲକ୍ଷଣ ଗୁଡ଼ିକ ହେଲା ଅତ୍ୟଧିକ ତ୍ରୁଟି ଉପୁଡ଼ିବା, ଖରାରେ ଗଲେ ମୁହଁରେ ଶରୀରରେ ଲାଲ ରଙ୍ଗର ଚିହ୍ନ ହେବା, ଗଣ୍ଠି ବ୍ୟଥା ସହିତ ଫୁଲିଯିବା, ପରିସ୍ରାରେ ଅତ୍ୟଧିକ ପ୍ରୋଟିନ୍ ଯିବା, ସଠିକ୍ ଭାବରେ ମସ୍ତିଷ୍କ କାମ ନ କରିବା ଏବଂ ବାରମ୍ବାର ଫିଟ୍ସ ମାରିବା, ହିମୋଗ୍ଲୋବିନ୍ ସହିତ ପ୍ଲେଟଲେଟ୍ କମିଯିବା, ମାଂସପେଶୀ ଦୁର୍ବଳ ହୋଇଯିବା ଯୋଗୁଁ ହାତ ଉପରକୁ ଉଠାଇ ନ ପାରିବା ଏବଂ ତଳେ ବସିଲେ ଉଠି ନ ପାରିବା, ବେଳେବେଳେ ଛାତି ଭିତରେ ଏବଂ ହୃତପିଣ୍ଡର ବାହାରେ ପାଣି ଜମିବା ।

# ଅପରେସନ୍ ସିନ୍ଦୂର ଅବସରରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ଏନସିସି କ୍ୟାଡେଟମାନଙ୍କ ଦ୍ୱାରା ବିତର୍କ ଓ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ

ଜୟପୁର, ୧୧/୦୫ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର ୧୫(କ୍ଷ) ବିଏନ ଏନସିସି , ଜୟପୁର ୟୁନିଟ୍ ପକ୍ଷରୁ "ଅପରେସନ୍ ସିନ୍ଦୂର" ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ବିଭିନ୍ନ ଶିକ୍ଷାମୂଳକ ଓ ଦେଶପ୍ରେମ ଭିତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ବିତର୍କ ଓ ପୋଷ୍ଟର ପ୍ରତିଯୋଗିତା ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀ ଓ ଏନ୍‌ସିସି କ୍ୟାଡେଟମାନଙ୍କ ମଧ୍ୟରେ ଦେଶପ୍ରେମ, ସାମାଜିକ ସଚେତନତା, ଶୃଙ୍ଖଳା ଓ ନେତୃତ୍ୱ ଗୁଣର ବିକାଶ କରିବା ।ଏହି ପ୍ରତିଯୋଗିତାରେ ବହୁ ସଂଖ୍ୟକ ଏନ୍‌ସିସି କ୍ୟାଡେଟ ଓ ଛାତ୍ରଛାତ୍ରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ବିତର୍କ ପ୍ରତିଯୋଗିତାରେ ଜାତୀୟ ଏକତା, ନାରୀ ସଶକ୍ତିକରଣ, ସାମାଜିକ ଦାୟିତ୍ୱ ଓ ରାଷ୍ଟ୍ର ଗଠନରେ ଯୁବପିଢ଼ିର ଭୂମିକା ଭଳି ବିଷୟ ଉପରେ ଅଲୋଚନା କରାଯାଇଥିଲା। ପ୍ରତିଯୋଗୀମାନେ ନିଜ ମତାମତକୁ ଆତ୍ମବିଶ୍ୱାସର ସହିତ ପ୍ରକାଶ କରିଥିଲେ । ପୋଷ୍ଟର ପ୍ରତିଯୋଗିତାରେ ଦେଶପ୍ରେମ, ଶାନ୍ତି, ସାମାଜିକ ସମ୍ପ୍ରୀତି ଓ "ଅପରେସନ୍ ସିନ୍ଦୂର" ର ଗୁରୁତ୍ୱ ଉପରେ ସୃଜନଶୀଳ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା । କ୍ୟାଡେଟମାନେ ନିଜର ସୃଜନାତ୍ମକ ପ୍ରତିଭା ପ୍ରଦର୍ଶନ କରି ସମାଜ ପାଇଁ ସକାରାତ୍ମକ ସନ୍ଦେଶ ପ୍ରେରଣ କରିଥିଲେ । ଏହି କାର୍ଯ୍ୟକ୍ରମ କ୍ୟାପଟ୍ଟେନ୍ ଡ଼ଃ. ଲକ୍ଷ୍ମଣ ପାତ୍ର, ଆସୋସିଏଟ୍ ଏନ୍‌ସିସି ଅଫିସର, ବିକ୍ରମ ଦେବ ବିଶ୍ୱବିଦ୍ୟାଳୟଙ୍କ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଏନସିସି ଅଧିକାରୀମାନେ କ୍ୟାଡେଟମାନଙ୍କ ଶୃଙ୍ଖଳା, ସକ୍ରିୟ ଅଂଶଗ୍ରହଣ ଓ ନିଷ୍ଠାକୁ ପ୍ରଶଂସା କରିଥିଲେ । ସେମାନେ କହିଥିଲେ ଯେ, ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନେତୃତ୍ୱ, ଆତ୍ମବିଶ୍ୱାସ, ଦଳୀୟ କାର୍ଯ୍ୟଦକ୍ଷତା ଓ ସାମାଜିକ ଦାୟିତ୍ୱବୋଧ ବୃଦ୍ଧି କରେ ।ଶେଷରେ ବିଜେତାମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଯୁବପିଢ଼ି ଦେଶର ଏକତା, ସେବା ଓ ଜାତୀୟ ସମ୍ମାନ ରକ୍ଷା ପାଇଁ ଆଗକୁ ଆସିବାକୁ ଆହ୍ୱାନ ଜଣାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ବିଶ୍ୱଓଡ଼ିଆ ପରିବାର ପକ୍ଷରୁ ମାତୃ ଦିବସ ପାଳିତ

## ମାଆ କେବଳ ପରିବାରର ଆଧାର ନୁହେଁ, ସୁସଂସ୍କୃତ ସମାଜ ଗଠନର ପ୍ରମୁଖ ଶକ୍ତି

ଭୁବନେଶ୍ୱର, ୧୧/୦୫ (ନି.ପ୍ର): ସମାଜରେ ମାଆଙ୍କ ଅସୀମ ତ୍ୟାଗ, ସ୍ନେହ ଓ ସଂସ୍କାରର ମହତ୍ୱକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ବିଶ୍ୱଓଡ଼ିଆ ପରିବାର ପକ୍ଷରୁ ଭୁବନେଶ୍ୱରରେ ଭାବଗମ୍ଭୀର ପରିବେଶରେ "ମାତୃ ଦିବସ" ପାଳନ କରାଯାଇଛି । ସମାଜସେବୀ ଡାକ୍ତର ସିକ୍ତା ପତିଙ୍କ ଆବାହକତ୍ୱରେ ଆୟୋଜିତ ଏହି ସମାରୋହରେ ମାତୃତ୍ୱର ଗୌରବ ଓ ସମାଜ ଗଠନରେ ମାଆଙ୍କ ଭୂମିକା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ସଂଗଠନର ଅଧକ୍ଷ ସଜ୍ଜନ ଶର୍ମା କହିଥିଲେ ଯେ, ମାଆ କେବଳ ପରିବାରର ଆଧାର ନୁହେଁ, ସେ ଏକ ସୁସଂସ୍କୃତ ସମାଜ ଗଠନର ପ୍ରମୁଖ ଶକ୍ତି। ମାଆଙ୍କ ଆଦର୍ଶ, ଶିକ୍ଷା ଓ ସଂସ୍କାର ଜଣେ ସନ୍ତାନଙ୍କୁ ସଫଳ ଓ ଦାୟିତ୍ୱବାନ ନାଗରିକରେ ପରିଣତ କରେ। ଆଜିର ସମୟରେ ପରିବାରିକ ମୂଲ୍ୟବୋଧକୁ ସୁରକ୍ଷିତ ରଖିବାରେ ମାଆଙ୍କ ଭୂମିକା ଅପରିସୀମ ବୋଲି ସେ ମତ ପ୍ରକାଶ କରିଥିଲେ। ଅନୁଷ୍ଠାନରେ ଅତିଥିମାନେ ମାତୃତ୍ୱର ମହାନତା ବିଷୟରେ ନିଜ ମତାମତ ରଖିଥିଲେ। ସେମାନେ କହିଥିଲେ ଯେ, ଜଣେ ମାଆ ସନ୍ତାନଙ୍କ ପ୍ରଥମ ଶିକ୍ଷକ ଓ ପ୍ରଥମ ପ୍ରେରଣା। ତାଙ୍କର ନିଷ୍କାମ ସ୍ନେହ, ତ୍ୟାଗ ଓ ଆଦର୍ଶ ମାନବଜୀବନକୁ ସଠିକ୍ ଦିଗ ଦେଇଥାଏ। ଆଧୁନିକ ସମାଜରେ ବୃଦ୍ଧାଶ୍ରମର ସଂଖ୍ୟା ବୃଦ୍ଧି ପ୍ରତି ଚିନ୍ତା ପ୍ରକାଶ କରି ଅତିଥିମାନେ ଯୁବପିଢ଼ୀଙ୍କୁ ମାତାପିତାଙ୍କ ପ୍ରତି ସମ୍ମାନ, ସେବା ଓ ସମ୍ବେଦନଶୀଳତା ରଖିବାକୁ ଆହ୍ୱାନ କରିଥିଲେ।

ଏହି କାର୍ଯ୍ୟକ୍ରମରେ ସମାଜସେବୀ, ସାହିତ୍ୟିକ, ଶିକ୍ଷାବିଦ୍, ସଂସ୍କୃତିପ୍ରେମୀ ଓ ବିଶ୍ୱଓଡ଼ିଆ ପରିବାରର ସଦସ୍ୟମାନେ ଯୋଗଦେଇଥିଲେ। କନକଲତା ଭଞ୍ଜ, ସରୋଜିନୀ ବେହେରା, କଳ୍ପନା ମହାପାତ୍ର, ଡାକ୍ତର ପ୍ରୀତିପ୍ରତିଭା ଭୋଳ, ବିଦ୍ୟୁତଲତା ଦେବୀ, ନୟନା ଚାଟାର୍ଜୀ, ନନ୍ଦିନୀ ନାୟକ, ଜଗନ୍ନାଥ ଚାଟାର୍ଜୀ, କୁଳମଣି ରାଉତ, ଡାକ୍ତର ବଂଶୀଧର ଦାଶ, ଅକ୍ଷୟ କୁମାର ସ୍ୱାଇଁ, ଚିନ୍ମୟ ବୋଡ଼େ, ଡାକ୍ତର ସଂଜୀବ ଦୀକ୍ଷିତ ଓ କମାଣ୍ଡର ଦାଶରଥୀ ନନ୍ଦକିଶୋର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ରାସ୍ତା ଉପରେ ଥିବା ବାଲି ଗୋଡି ହଟାଇବା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡା, ୧୧/୦୫ (ନି.ପ୍ର): କେନ୍ଦ୍ରାପଡା ସହର ଓ ଏହାର ଆଖପାଖ ଅଂଚଳର ମୁଖ୍ୟ ରାସ୍ତା ଉପରେ ମନ ମୁତାବକ ବାଲି-ଗୋଡ଼ି ମହଜୁଦ ରଖିବା ଦ୍ୱାରା ପଥଚାରୀଙ୍କ ପାଇଁ ବିପଦର କାରଣ ପାଲଟିଛି। ଜିଲ୍ଲାପାଳଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ କେନ୍ଦ୍ରାପଡ଼ା ସଦର ଥାନା ନିକଟରୁ ବସୁପୁର ପୋଲ ପର୍ଯ୍ୟନ୍ତ ରାସ୍ତାକୁ ଜିଲ୍ଲାର ଏକ ପ୍ରମୁଖ ବ୍ୟସ୍ତବହୁଳ ସଡ଼କ ଭାବେ ଗଣାଯାଏ । ଏହି ରାସ୍ତା ଉପରେ ବିଭିନ୍ନ ସ୍କୁଲ, କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲାପାଳ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟ ରହିଥିବାରୁ ପ୍ରତିଦିନ ହଜାର ହଜାର ଲୋକଙ୍କ ଯାତାୟାତ ଲାଗି ରହୁଛି । ହେଲେ ମେହେନ୍ଦିପୁର ଛକରୁ ମହାରାକୂଳ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ଉପରେ ଅବୈଧ ଭାବେ ବଡ଼ ବଡ଼ ହାଇୱା, ଟ୍ରାକ୍ଟର ଓ ଅନ୍ୟାନ୍ୟ ଗାଡ଼ି ରଖି ବାଲି ଓ ଗୋଡ଼ି ମହଜୁଦ କରାଯାଉଥିବାରୁ ପଥଚାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଭିଯୋଗ ଅନୁଯାୟୀ, ରାସ୍ତା ଉପରେ ଟ୍ରାକ୍ଟର ରଖି ଗୋଡ଼ି ଲୋଡ଼ିଂ କରାଯାଉଥିବା ବେଳେ ବେଲଚା ମାଧ୍ୟମରେ ଗୋଡ଼ି ପଥଚାରୀଙ୍କ ଉପରେ ପଡୁଥିବା ଘଟଣା ମଧ୍ୟ ଦେଖାଯାଉଛି । ଏଥିସହ ରାତି ସମୟରେ ରାସ୍ତା ଉପରେ ଅନ୍ଧାରରେ ଗାଡ଼ି ଛାଡ଼ି ଦିଆଯାଉଥିବାରୁ ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦିଆନପାଟଣା ଛକରେ ମଧ ରାସ୍ତା ଉପରେ ଗାଡ଼ି ରଖାଯାଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି । ଏନେଇ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରାସ୍ତା ଅବରୋଧ କରିଥିବା ଗାଡ଼ି ଓ ସାମଗ୍ରୀକୁ ତୁରନ୍ତ ହଟାଇବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ । ସ୍ଥାନୀୟ ଲୋକେ ମଧ ଦୁର୍ଘଟଣା ରୋକିବା ପାଇଁ ଏଭଳି ଅବୈଧ ରାସ୍ତା ଦଖଲ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

# ତିନି ଦଫା ଦାବିପୂରଣ ପାଇଁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ ନେଇ ସଜବାଜ

ଜୟପୁର, ୧୧/୦୫ (ନି.ପ୍ର): ତିନି ଦଫା ଦାବିପୂରଣ ପୂରଣ ନେଇ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ ନିମନ୍ତେ ସଜବାଜ ଆରମ୍ଭ ହେଲାଣି । କଥା ଦେଇ କଥା ରଖୁ ନାହାନ୍ତି ମୋହନ ସରକାର । କ୍ଷମତାକୁ ଆସିବା ଆଗରୁ ଦୃଢ ପ୍ରତିଶୃତି, କ୍ଷମତାରେ ବସିଲା ପରେ ଆଉ ପାଖ ମଡେଇ ଦେଉ ନାହାନ୍ତି। ଗତ ମାର୍ଚ୍ଚ ମାସରେ ଆନ୍ଦୋଳନ ଚାଲିଥିବା ବେଳେ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ । ହେଲେ ବି କିଛି ଫଳପ୍ରଦ ହେଉନାହିଁ । ୨୪ ବର୍ଷର ସରକାରରେ ବିଭିନ୍ନ କାରଣରୁ ୨୯୭ ଜଣ ଛଟେଇ ହୋଇଥିଲେ । କିନ୍ତୁ, ୨ ବର୍ଷର ସରକାର, ଚାରି ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଙ୍କୁ ଅତ୍ୟନ୍ତ ନିଷ୍ଠୁର, ଅନ୍ୟାୟ ଓ ଅବିଚାରିତ ଭାବେ ଛଟେଇ କରି ସେମାନଙ୍କ ଅସହାୟ ପରିବାରକୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଛନ୍ତି । ବର୍ଷବର୍ଷ ଧରି ନିଷ୍ଠାପର ଭାବେ ସେବା ଯୋଗାଇ ଆସୁଥିଲେ ମଧ ସ୍ଥାୟୀ କରାଯାଉନି, ବାରମ୍ବାର ଆବେଦନ ନିବେଦନ କଲେ ମଧ ମୁଖ୍ୟମନ୍ତ୍ରୀ ମହାସଂଘକୁ ଶୁଣିବା ପାଇଁ ଦୁଇ ମିନିଟ ସମୟ ଦେଉନାହାନ୍ତି ମାତ୍ର ବିଭିନ୍ନ ଗଣମାଧ୍ୟମ ମାନଙ୍କ ପ୍ରଶ୍ନରେ ବରେଣ୍ୟ ଲୋକଙ୍କ ମୁଖ୍ୟମନ୍ତ୍ରୀ ଉତର ରଖୁଛନ୍ତି ଯେ, ଆମେ ସରଜମିନ ତଦନ୍ତ କରୁଛୁ କିଛି ଭଲ ନିଷ୍ପତି ନିଆଯିବ କିନ୍ତୁ କେବେ ସେ ନିଷ୍ପତି ନେବେ କିଛି ଜଣାପଡିଲା ନାହିଁ । ରାଜ୍ୟର ସମଗ୍ର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ଓଡିଶାର ନାଗରିକ ଭାବେ ବିଚାର କରୁନାହାନ୍ତି ଓ ଆର୍ଥିକ ମାନସିକ ଚାପ ପକେଇ ସେମାନଙ୍କ ସଂସାରକୁ ରସାତଳକୁ ନେଇଯାଉଛନ୍ତି ବୋଲି ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସରକାରଙ୍କ ଏଭଳି ଜନ ବିରୋଧୀ ଶୋଷଣ ଓ ଅହଂକାରକୁ ବିରୋଧ କରି ନ୍ୟାୟ ପାଇବା ଆଶାରେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ମହାସଂଘ ସଜବାଜ ହେଲାଣି। ବ୍ଲକ ଠାରୁ ସଚିବାଳୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ସାରା ଓଡିଶାର ହଜାର ହଜାର କର୍ମଚାରୀଙ୍କ ପ୍ରତିବାଦ । ସମାଗତ ବିକ୍ଷୋଭକାରୀ କର୍ମଚାରୀଙ୍କୁ ଆହ୍ୱାନ ଦେଇ ମହାସଂଘର ନେତୃମଣ୍ଡଳୀ କହିଥିଲେ ଯେ, ବିଗତ ସରକାର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ କିଛି କିଛି ଦାବି ପର୍ଯ୍ୟାୟ କ୍ରମେ ପୂରଣ କରିଥିଲେ ଓ ମୁଖ୍ୟ ଦାବି ଗୁଡିକ ସମାଧାନ ପାଇଁ ଏକ ଆଉଟସୋର୍ସିଙ୍ଗ ଆମ୍ବୁଡ଼ସମ୍ୟାନ ର ବ୍ୟବସ୍ଥା କରିଥିଲେ । କିନ୍ତୁ ବିଜେପି ସରକାର ଆସିଲା ପରେ ଦାବି ପୂରଣ ତ ଦୂରର କଥା ପ୍ରତିଦିନ ବ୍ୟାପକ ଛଟେଇ କରାଯାଉଛି ଓ ମାସ ମାସ ଧରି ଦରମା ଦିଆଯାଉନି । ତିନି ଦଫା ଦାବି ପୂରଣ ପାଇଁ ମହାସଂଘ ପକ୍ଷରୁ ଚଳିତ ବର୍ଷ ଆନ୍ଦୋଳନ କରାଯାଇଥିଲା । ଗତବର୍ଷ ଆନ୍ଦୋଳନ ସ୍ଥଳକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଦୁଇ ଜଣ ବିଧାୟକ ଆସି ମୁଖ୍ୟମନ୍ତ୍ରୀ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଏକ କମିଟି ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠନ କରିଛନ୍ତି ବୋଲି ଘୋଷଣା କଲେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ମଧ କରେଇଦେଲେ । କିନ୍ତୁ ଇତିମଧ୍ୟରେ ମାସ ମାସ ବିତିଥିଲେ ବି ମୁଖ୍ୟମନ୍ତ୍ରୀ ସମୟଦେଲେ ନାହିଁ କି ସମସ୍ୟାର ସମାଧାନ ପାଇଁ ସାମାନ୍ୟ ସୌଜନ୍ୟତା ପ୍ରକାଶ କଲେ ନାହିଁ । ଅଧିକନ୍ତୁ ବିଭିନ୍ନ ମେଳା ମୌହୁବରେ ଭାଷଣ ପାଇଁ ସମୟ ପାଉଥିବା ଲୋକଙ୍କ ମୁଖ୍ୟମନ୍ତ୍ରୀ ଅସହାୟ ଶୋଷିତ କର୍ମଚାରୀଙ୍କ ସହ ଆଲୋଚନା ପାଇଁ ୫ ମିନିଟ୍ ସମୟ ଦେଉନାହାନ୍ତି ଅଧିକନ୍ତୁ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ନୀଚ ଓ ବିଶ୍ୱାସଯୋଗ୍ୟ ନୁହନ୍ତି ବୋଲି ନିମ୍ନରୁଚିର ମନ୍ତବ୍ୟ ଦେଇଚାଲିଛନ୍ତି । ପୂର୍ବ ସରକାରରେ ଅମଲାରାଜ ଚାଲୁଥିଲା ବୋଲି ଅପପ୍ରଚାର କରୁଥିବା ବିରୋଧୀ ଦଳ ନିଜେ କ୍ଷମତାକୁ ଆସିବା ପରେ ଉଚ୍ଚ ପଦବୀରେ ଥିବା ଅମଲା ମାନଙ୍କ ଚକ୍ରବ୍ୟୁହରେ ଫସିଥିବା ସ୍ପଷ୍ଟ ହୋଇଯାଇଛି । ୨୪ ବର୍ଷ ମଧ୍ୟରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ଯେଉଁ ଅତ୍ୟାଚାର ଓ ଶୋଷଣ ହୋଇ ନଥିଲା, ତାହା ଏବେ ଭୟଙ୍କର ଭାବେ କରାଯାଉଛି ବୋଲି ନେତୃମଣ୍ଡଳୀ ଅଭିଯୋଗ କରିଥିଲେ । ବହୁ ନିବେଦନ ପରେ ଯେତେବେଳେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ଓ ସେମାନଙ୍କ ନ୍ୟାୟସଙ୍ଗତ ତିନି ଦଫା ଦାବି ପ୍ରତି ସରକାରଙ୍କ ମାନସିକତାର ପରିବର୍ତନ ହେଉନାହିଁ ଏବଂ ଦାବି ପୂରଣ ନ କରି ପ୍ରତିଦିନ ଛଟେଇ, ଦରମା ବନ୍ଦ ଭଳି କୁଣ୍ଠିତ ବ୍ୟବସ୍ଥା ଜାରି ରହିଛି । ରାଜ୍ୟ ସରକାର ନିଜେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟାର ସମାଧାନ ନିମନ୍ତେ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି କଥା ଘୋଷଣା କରିଥିଲେ ସୁଦ୍ଧା କାହିଁକି ଉକ୍ତ କମିଟି ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରି ସମସ୍ୟା ସମାଧାନ କରୁନାହାନ୍ତି ବୋଲି ପ୍ରଶ୍ନ କରିଛି ସଂଘ । ଦୀର୍ଘ ବର୍ଷର ସଫଳ ସେବା ଓ ଅଭିଜ୍ଞତାକୁ ଆଧାର କରି ସ୍ଥାୟୀ କରିବା, ଛଟେଇ ବନ୍ଦ ସହ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ଡେଲି ୱେଜେସ ଆଉଟସୋର୍ସିଙ୍ଗ ଦୈତ୍ୟ ବ୍ୟବସ୍ଥା ବଦଳରେ ଏକକ ବ୍ୟବସ୍ଥା ଗ୍ରହଣ କରିବା ଓ ସ୍ଥାୟୀ ହେବା ପର୍ଯ୍ୟନ୍ତ ଚାକିରି ନିରାପତା ଯୋଗାଇ ଦେବା ଆଦି ତିନି ଦଫା ଦାବି ନେଇ ଆନ୍ଦୋଳନ କରିବାକୁ ସଜବାଜ ହେଉଛି ।

# ଭାଲୁ ଆକ୍ରମଣରେ ୨ ଗୁରୁତର

ବଲାଙ୍ଗିର, ୧୧/୦୫ (ନି.ପ୍ର): ବଲାଙ୍ଗିର ଜିଲାର ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଗୁଡିଘାଟ ପଂଚାୟତର କୁଟୁନିଝରନ ଗାଁରେ ଭାଲୁ ଆକ୍ରମଣରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ କୁଟୁନିଝରନ ଗାଁର କର ନାଗ (୩୪ ) ଓ ରାଣୀ ସିଲେଟ ଗାଁର ଜନ୍ମୟ ମାଝି (୩୫)। ସୂଚନା ଅନୁଯାୟୀ, ଦୁହେଁ ଚାର ଫଳ ଗୋଟାଇବାକୁ ଗାଁ ପାଖ ଜଙ୍ଗଲକୁ ଯାଇଥିଲେ । ଏତିକି ବେଳେ ଏକ ଭାଲୁ ଦୁଇ ଯୁବକଙ୍କୁ ଅତର୍କିତ ଆକ୍ରମଣ କରିଥିଲା । ସ୍ଥାନୀୟ ଲୋକେ ଦୁହିଁଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତେବେ ଗୁରୁତର ହେବାରୁ ସେଠାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଉଭୟ ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି।

# ପାକେଲଖୋଲ-କୁଅରମାଲ ଛକରେ ଯାତ୍ରୀଙ୍କ ପାଇଁ ପ୍ରତୀକ୍ଷାଳୟ ଓ ଶୌଚାଳୟ ଦାବି

ଝାରସୁଗୁଡ଼ା, ୧୧/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ଅନ୍ତର୍ଗତ ପାକେଲଖୋଲ—କୁଅରମାଲ ଛକରେ ଯାତ୍ରୀ ପ୍ରତୀକ୍ଷାଳୟ ଓ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ସାଧାରଣ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏଠାରେ ଯାତ୍ରୀ ପ୍ରତୀକ୍ଷାଳୟ ସହ ଶୌଚାଳୟ ନିର୍ମାଣ କରିବାକୁ ଆଞ୍ଚଳିକ ବିକାଶ ପରିଷଦ ସଙ୍ଗଠନ ପକ୍ଷରୁ ପ୍ରଶାସନଙ୍କ ନିକଟରେ ଦାବି ହୋଇଛି। ସୂଚନା ଅନୁଯାୟୀ, ପାକେଲଖୋଲ—କୁଅରମାଲ ଛକ ଲଇକେରା ସହିତ ଝାରସୁଗୁଡ଼ା, କୋଲାବିରା ଓ କିର୍ମିରା ଅଞ୍ଚଳକୁ ସଂଯୋଗ କରୁଥିବା ଏକ ପ୍ରମୁଖ ଛକ ହୋଇଥିବାରୁ ଏଠାରେ ସବୁବେଳେ ଯାତ୍ରୀଙ୍କ ଭିଡ଼ ଲାଗି ରହୁଛି। କିନ୍ତୁ ପ୍ରତୀକ୍ଷାଳୟର ଅଭାବରୁ ଲୋକମାନେ ଖରା, ବର୍ଷା ଓ ଶୀତରେ ରାସ୍ତା କଡ଼ରେ ଠିଆ ହୋଇ ବସ୍କୁ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ବିଶେଷକରି ମହିଳା, ଛାତ୍ରୀଛାତ୍ର, ବୃଦ୍ଧ ଓ ଶିଶୁମାନେ ଅଧିକ ସମସ୍ୟାରେ ପଡୁଛନ୍ତି। ଅନ୍ୟପଟେ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ସରକାର ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉଥିବା ବେଳେ ଏହି ଛକରେ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ପରିବେଶ ଦୂଷିତ ହେଉଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଞ୍ଚଳିକ ବିକାଶ ରିଷଦ ସଙ୍ଗଠନର ସଭାପତି ଜିତେନ୍ଦ୍ରିୟ ଧୂରୁଆ, ସମ୍ପାଦକ ସମ୍ବିତ ନାଇକଙ୍କ ସହ ବାପି ନାଇକ, ଅଜିତ ପ୍ରଧାନ ଓ ସ୍ଥାନୀୟ ଅଞ୍ଚଳବାସୀ ଶୀଘ୍ର ଏଠାରେ ଯାତ୍ରୀ ପ୍ରତୀକ୍ଷାଳୟ ଏବଂ ଶୌଚାଳୟ ନିର୍ମାଣ ପାଇଁ ପଦକ୍ଷେ ନେବାକୁ ଦାବି କରିଛନ୍ତି। ସେହିପରି ଯାତ୍ରୀମାନେ ମଧ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।ଏନେଇ ଲଇକେରା ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଓଡ଼ିଶା ଓ ଭୁବନେଶ୍ୱର ପାଇଁ ମୋର ଜୀବନ ସମର୍ପିତ: ଅପରାଜିତା

ଭୁବନେଶ୍ୱର, ୧୧/୦୫ (ନି.ପ୍ର): ବାଲକାଟି ଓ ଏହାର ଆଖପାଖ ଅଂଚଳ ବାସୀଙ୍କ ଦୀର୍ଘ ବର୍ଷର ଅପେକ୍ଷା ର ଅନ୍ତ ସହିତ ବଜାର ଅଂଚଳରେ ଭିଡ ସମସ୍ୟା ର ସମାଧାନ ପାଇଁ ଆରମ୍ଭ ହୋଇଛି କାର୍ଯ୍ୟ। ଅଂଚଳ ବାସୀଙ୍କ ଦୀର୍ଘ ଦିନର ଦାବୀ ମୁତାବକ ୮କୋଟି ୮୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଭୁବନେଶ୍ୱର ଲୋକସଭା ତଥା ଜୟଦେବ ବିଧାନସଭା ନିର୍ବାଚନୀ ମଣ୍ଡଳୀ ର ବାଲକାଟି ଠାରେ, ସାରଦେଇପୁର-ନିମାପଡ଼ା ରାସ୍ତା ପ୍ରଶସ୍ତିକରଣ କାମର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ କରକମଳ ରେ ୧୦ ମିଟର ଚଉଡା ଓ ପାଖାପାଖି ସାଢ଼େ ୫ କିଲୋମିଟର ଲମ୍ବା ଏହି ରାସ୍ତାର ପ୍ରଶସ୍ତି କରଣ ସହିତ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍, କଲଭର୍ଟ କାର୍ଯ୍ୟ ର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ଯଥାଶୀଘ୍ର ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ ହେବ। ତେବେ ଏହି ଅବସରରେ, 'ବିକାଶ ଓ ସେବା ରାଜନୀତିର ମୂଳ' ବୋଲି କହିବା ସହିତ ରାସ୍ତା ପ୍ରଶସ୍ତି କରଣ ରେ ରାସ୍ତା କଡ଼ରେ ରହିଥିବା ଦୋକାନୀ ଭାଇ ମାନଙ୍କ ସମସ୍ୟାର ସମାଧାନ ମିଳିତ ଭାବରେ କରାଯିବାର ପ୍ରତିଶ୍ରୁତି ଦେଇଛନ୍ତି ସାଂସଦ। ଭେଣ୍ଡିଂଜୋନ୍ ମାଧ୍ୟମରେ ସମସ୍ତ ଦୋକାନୀ ଭାଇ ମାନଙ୍କ ପାଇଁ ବ୍ୟବସ୍ଥା କରାଯିବା ସହିତ କାହାର କିଛି ଅସୁବିଧା ରହିବ ନାହିଁ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଓଡ଼ିଶା ସରକାର ଙ୍କ ଦ୍ୱାରା ଏହି ଭଳି ବିଭିନ୍ନ ବିକାଶମୂଳକ କାର୍ଯ୍ୟ ପାଇଁ ପୂର୍ଣ୍ଣ ସହଯୋଗ ରହୁଥିବା ବେଳେ, ଡବଲ ଇଞ୍ଜିନ ସରକାର ଯୋଗୁଁ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେଉଥିବା କହିଥିଲେ ସାଂସଦ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ନିର୍ଦ୍ଦେଶ କ୍ରମେ, ଶାସନ କୁ ସୁଶାସନ ରେ ପରିଣତ କରିବା ପାଇଁ ନିଜ ସାଂସଦୀୟ କ୍ଷେତ୍ରରେ ରହୁଥିବା ଅଧିକାଂଶ ଦିନରେ ସାଂସଦ ଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ବାବଦରେ ସମସ୍ତଙ୍କୁ ଅବଗତ କରାଇବା ପାଇଁ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ପ୍ରଦାନ କରାଯାଉଥିବା ସହିତ ଅଭିଯୋଗ ଶୁଣାଣି ଶିବିର ଜରିଆରେ ଲୋକଙ୍କ ଆହୁରି ନିକଟତର ହେବାକୁ ଚେଷ୍ଟା କରୁଥିବା ଜଣାଇଥିଲେ ଅପରାଜିତା। ଏଥିସହିତ 'ଓଡ଼ିଶା ଏବଂ ଭୁବନେଶ୍ୱର ପାଇଁ ମୋର ଜୀବନ ସମର୍ପିତ' ଏବଂ 'ଆମେ ଯାହା କହିବା ତାହା କରିବା, ଆଉ ଯାହା କରି ପାରିବା ନାହିଁ ତାହା କହିବା ନାହିଁ' ବୋଲି କହିବା ସହିତ ଆଗାମୀ ଦିନରେ ଲୋକଙ୍କ ପ୍ରସ୍ତାବ ରେ ବାଲିପାଟଣା ଠାରୁ ରଙ୍ଗ ବଜାର ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଓ ବାଲକାଟି ଅଂଚଳରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏହି ସଭାରେ ପୂର୍ତ୍ତ ବିଭାଗ ର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଶ୍ରୀ ସଚିନ ସାହୁ ,ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ସାହୁ ଙ୍କ ସମେତ ଜୟଦେବ ନିର୍ବାଚନ ମଣ୍ଡଳୀ ସାଂସଦଙ୍କ ପ୍ରତିନିଧି ଅଶୋକ ପଟନାୟକ,ସ୍ଥାନୀୟ ପୂର୍ବତନ ଜିଲା ସଭାପତି ସୁବାସ ଜେନା, ବରିଷ୍ଠ ନେତା ବସନ୍ତ ନାୟକ, ସାଂସଦ ପ୍ରତିନିଧି ଚୌଧୁରୀ ଦ୍ୱାରିକାନାଥ ଦାଶ, ବିଜୟ ମହାରଣା, ଜିଲ୍ଲା ବିଜେପି ଉପସଭାପତି ତାପସ ଜେନା, ମଣ୍ଡଳ ନେତୃତ୍ୱ ଅମ୍ବିକା ଶତପଥୀ, ବ୍ରହ୍ମା ନନ୍ଦ ସ୍ୱାଇଁ, ନିର୍ବାଚନ ମଣ୍ଡଳୀ ନେତା ନାରାୟଣ ଖୁଣ୍ଟିଆ, ପ୍ରଭାତ ସ୍ୱାଇଁ, ରାଜ୍ୟ ଆଇଟି ସେଲ ମୁଖ୍ୟ ଜ୍ୟୋତିରଞ୍ଜନ ନାୟକ ଓ ବହୁ ସଙ୍ଖ୍ୟାରେ ସ୍ଥାନୀୟ ନେତୃବୃନ୍ଦ ଯୋଗ ଦେଇଥିଲେ।

ସୌରାଷ୍ଟ୍ରେ ସୋମନାଥଂ ଚ ଶ୍ରୀଶୈଳେ ମଲ୍ଲିକାର୍ଜୁନମ୍
ଉଜ୍ଜୟିନ୍ୟାଂ ମହାକାଳଂ ଓଁକାରମ୍ ମଲେଶ୍ୱରମ୍
ପରଲ୍ୟା ବୈଦ୍ୟନାଥଂ ଚ ଡାକିନ୍ୟା ଭୀମଶଙ୍କରମ୍
ସେତୁବନ୍ଧ ତୁ ରାମେଶଂ ନାଗେଶଂ ଦାରୁକାବନେ
ବାରାଣସ୍ୟାତୁ ବିଶ୍ୱେଶଂ ତ୍ର୍ୟମ୍ବକଂ ଗୌତମୀତଟେ
ହିମାଳୟେତୁ କେଦାରଂ ଘୃଶ୍ମେଶଂ ଚ ଶିବାଳୟେ
ଏତାନି ଜ୍ୟୋତିର୍ଲିଙ୍ଗାନି ସାୟଂପ୍ରାତେଃ ପଠେନ୍ନରଃ
ସପ୍ତଜନ୍ମ କୃତଂପାପଃ ସ୍ମରଣେନ ବିନଶ୍ୟତି ।।

# ସୌରାଷ୍ଟ୍ରର ସୋମନାଥ ମନ୍ଦିର



ସୁଷମା ପରିଜା



ଜ୍ୟୋତିର୍ଲିଙ୍ଗ ମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଶ୍ରୀ ସୋମନାଥ ସୌରାଷ୍ଟ୍ର କ୍ଷେତ୍ରରେ ବିରାଜମାନ ବୋଲି ହିନ୍ଦୁମାନେ ଏହି କ୍ଷେତ୍ରକୁ ଶ୍ରେଷ୍ଠ ପୁଣ୍ୟଧାମ ବୋଲି ମନେକରିଥାନ୍ତି। ଏହି ପ୍ରସିଦ୍ଧ ମନ୍ଦିରଟି ଗୁଜୁରାଟର ଭେରାବଲ ତାଲୁକର ପ୍ରଭାସ ପାଟଣରେ ଅବସ୍ଥିତ ।

ପୌରାଣିକ ତଥ୍ୟରୁ ଜଣାଯାଏ ଯେ ଚନ୍ଦ୍ର ଦେବ ଦକ୍ଷ ପ୍ରଜାପତିଙ୍କର ସତେଇଶି ଜଣ କନ୍ୟାଙ୍କୁ ବିବାହ କରିଥିଲେ ମଧ ପକ୍ଷପାତିତା କରି ରୋହିଣୀଙ୍କୁ ଅଧିକ ପ୍ରେମ କରୁଥିଲେ। ଏଥିରେ ଅନ୍ୟ କନ୍ୟାମାନେ ଦୁଃଖିତ ହୋଇ ପିତାଙ୍କୁ ଅଭିଯୋଗ କରନ୍ତେ ଦକ୍ଷ ପ୍ରଜାପତି କ୍ରୋଧିତ ହୋଇ ଚନ୍ଦ୍ର ଦେବଙ୍କୁ ଅଭିଶାପ ଦେଲେ "ତୁମର ଏ ତେଜ ଦିନୁଁ ଦିନ କ୍ଷୟ ହୋଇଯାଉ"। ସେହି ଦିନରୁ ଚନ୍ଦ୍ର କ୍ଷୟରୋଗାକ୍ରାନ୍ତ ହେଲେ। ଚନ୍ଦ୍ର ଏହାପରେ ନିଜର କୃତକର୍ମ ଲାଗି ଅନୁତପ୍ତ ହୋଇ ସେହି ଅଭିଶାପରୁ ମୁକ୍ତ ହେବା ପାଇଁ ସେ ସରସ୍ୱତୀ ନଦୀରେ ସ୍ନାନ କରି ଏହି ଠାରେ ତିନିଟି ନଦୀ କପିଳା, ହିରଣ ଓ ସରସ୍ୱତୀଙ୍କର ସଙ୍ଗମସ୍ଥଳ (ତ୍ରିବେଣୀ ସଙ୍ଗମ) ରେ ଦେବ ଦେବ ମହାଦେବଙ୍କୁ କଠିନ ତପସ୍ୟା କରିଥିଲେ। ମହାଦେବଙ୍କ କରୁଣାରୁ ଚନ୍ଦ୍ର ଦେବ ଶାପ ମୁକ୍ତ ହୋଇ ନିଜ ଶରୀରର ତେଜ ଫେରି ପାଇଥିଲେ। ସେଥିପାଇଁ ଏହି ସ୍ଥାନର ନାମ "ପ୍ରଭାସ" ଏବଂ ଏଠାରେ ସ୍ଥାପିତ ଶିବଲିଙ୍ଗଙ୍କର ନାମ "ସୋମନାଥ ବା ସୋମେଶ୍ୱର" ଭାବରେ ପ୍ରସିଦ୍ଧ ଲାଭ କଲା। ଶିବ ପୁରାଣ, ସ୍କନ୍ଧ ପୁରାଣ, ଶତ ରୁଦ୍ର ସଂହିତା, କୋଟିରୁଦ୍ର ସଂହିତା ଅନୁଯାୟୀ ଏହା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମାନଙ୍କ ମଧ୍ୟରେ ପ୍ରଥମ ଜ୍ୟୋତିର୍ଲିଙ୍ଗ ।

ଐତିହାସିକ ତଥ୍ୟ ଅନୁଯାୟୀ ସୋମନାଥଙ୍କର ମୂଳ ମନ୍ଦିରଟି ସହସ୍ରାବ୍ଦୀର ପ୍ରାରମ୍ଭରୁ ଅର୍ଥାତ୍ ପ୍ରଥମରୁ ନବମ ଶତାବ୍ଦୀ ମଧ୍ୟରେ ନିର୍ମାଣ ହୋଇଥିବାର ଅନୁମାନ କରାଯାଏ। ପରବର୍ତ୍ତୀ ସମୟରେ ବିଭିନ୍ନ କାଳଖଣ୍ଡର ଅଜସ୍ର ଆଘାତ ସହି ଏହି ମନ୍ଦିରଟି ବାରମ୍ବାର ଭଙ୍ଗା ଗଢା ହୋଇଥିଲେ ମଧ ଏହାର ପ୍ରଶସ୍ତି ଊଣା ହୋଇନାହିଁ ବରଂ ବୃଦ୍ଧି ପାଇଛି। ବିଜାତୀୟ ଆକ୍ରମଣକାରୀ ମାନଙ୍କର କ୍ରମାଗତ ଆକ୍ରମଣରେ ବିଧ୍ୱଂସିତ, ଲୁଣ୍ଠିତ ହୋଇ, ଆଉ କେତେବେଳେ ଏହାର ଧ୍ୱଂସୀଭୂତ ସ୍ଥାନରେ ଅନ୍ୟ ଧର୍ମର ପୀଠ ଗଢି ଉଠିଥିଲେ ସୁଦ୍ଧା ସମସ୍ତ ପ୍ରକାର ଅତ୍ୟାଚାରକୁ ପ୍ରତିହତ କରି ଏହି ପୁଣ୍ୟ ଧାମଟି ବାରମ୍ବାର ନିଜର ଗୌରବକୁ ପୁନଃ ପ୍ରତିଷ୍ଠିତ କରି ପାରିଛି ।

ସ୍ୱାଧୀନୋତ୍ତର ଭାରତ ରେ ଏହା ଆମ ପାଇଁ ଅତ୍ୟନ୍ତ ଗର୍ବର କଥା ଯେ ସ୍ୱାଧୀନ ଭାରତର ପ୍ରଥମ ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ନିର୍ଦ୍ଦେଶରେ ଏହି ମନ୍ଦିରର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାରୁଗୁର୍ଜର ଶୈଳୀରେ ନିର୍ମିତ ଏହି ସୁନ୍ଦର ମନ୍ଦିରଟି ପୁନଃନିର୍ମିତ ହେବାପାଇଁ ଯଥେଷ୍ଟ ସମୟ ଲାଗିଥିଲା । କିନ୍ତୁ ଦୁଃଖର କଥା ଯେ ଊଣେଇଶହ ଏକାବନ ମସିହା ମଇ ମାସରେ ଏହି ନିର୍ମାଣକାର୍ଯ୍ୟ ସରିବା ବେଳକୁ ତା'କୁ ଦେଖିବା ଲାଗି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଆଉ ନଥିଲେ । ଏହି ମନ୍ଦିରଟି ପ୍ରତିଷ୍ଠା ହୋଇଥିଲା ସ୍ୱାଧୀନ ଭାରତର ପ୍ରଥମ ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦଙ୍କର କର କମଳରେ।

ବର୍ତ୍ତମାନ ଦେଖା ଯାଉଥିବା ମନ୍ଦିରଟି ଊନବିଂଶ ଶତାବ୍ଦୀରେ ଆବିଷ୍କୃତ ପୁରାତନ ମନ୍ଦିରର ଧ୍ୱଂସାବଶେଷ ଉପରେ ନିର୍ମିତ ହୋଇଥିଲେ ହେଁ ଏଥିରେ ଥିବା ପ୍ରାଚୀନ ପ୍ରସ୍ତର କୀର୍ତ୍ତିରାଜି ସୂଚାଇ ଦିଏ ପୁରାତନ ମନ୍ଦିରର ଭବ୍ୟ କାରୁକାର୍ଯ୍ୟଭରା ଐତିହ୍ୟକୁ।

ଏହି ମନ୍ଦିରର ଦକ୍ଷିଣ ଦିଗରେ ସାଗର ଆଡକୁ ମୁହଁ କରି ଥିବା ବାଣ ସ୍ତମ୍ଭରେ ଏକ ତୀର ଚିହ୍ନ ରହିଛି ଯାହା ସୂଚାଇ ଥାଏ ଯେ ପୃଥିବୀର ସୋମନାଥ ମନ୍ଦିରଠାରୁ ଦକ୍ଷିଣ ମେରୁ ପର୍ଯ୍ୟନ୍ତ ଲମ୍ବିଥିବା ସରଳରେଖାରେ କେବଳ ସମୁଦ୍ର ହିଁ ସମୁଦ୍ର ରହିଛି ଅନ୍ୟ କୌଣସି ସ୍ଥଳଭାଗ ନାହିଁ। ଅର୍ଥାତ୍ ସେ ସମସ୍ତ ଅଂଶର ଅଧିକାରୀ ସ୍ୱୟଂ ସୋମନାଥ ଜ୍ୟୋତିର୍ଲିଙ୍ଗ।




ପୁରାତନ ମନ୍ଦିରର ମୂଳଦୁଆକୁ ଅକ୍ଷୁର୍ଣ୍ଣ ରଖି ସେଥିରେ ଆହୁରି ଅନେକ ସ୍ତମ୍ଭ ଏବଂ ପ୍ୟାନେଲ୍‌କୁ ଯୋଗ କରି ପୁନର୍ଗଠନ କରାଯାଇଛି ସୌରାଷ୍ଟ୍ରର ସୋମନାଥ ମନ୍ଦିର ପ୍ରସିଦ୍ଧ ସ୍ଥପତି ପ୍ରଭାଶଙ୍କରଭାଇ ଓଘାଡଭାଇ ସୋମପୁରାଙ୍କର ମାର୍ଗ ଦର୍ଶନ ରେ। ସାଗର କୂଳର ପଶ୍ଚିମ ଦିଗରେ ପାଟଣଠାରେ ଅବସ୍ଥିତ ଏହି ସୋମନାଥ ମନ୍ଦିରକୁ ମାତ୍ର ପ୍ରସ୍ତର ନିର୍ମିତ ଦୃଢ ପ୍ରାଚୀର ଟିଏ ଦୂରେଇ ରଖିଛି ସାଗରଠାରୁ। ମାରୁ ଗୁଜ୍ଜର ବା ଚାଲୁକ୍ୟ ଶୈଳୀରେ ନିର୍ମିତ ଅପୂର୍ବ କାରୁକାର୍ଯ୍ୟ ଭରା ଏହି ମନ୍ଦିର ଟିର ଉଚ୍ଚତା ପ୍ରାୟ ଏକଶହ ଚାଳିଶି ଫୁଟ୍। ସାଧାରଣ ହିନ୍ଦୁ ମନ୍ଦିର ଭଳି ଏଇଟି ମଧ ମୁଖଶାଳା, ଗର୍ଭ ଗୃହ ଏବଂ ଆସ୍ଥାନ ଏହିପରି ତିନି ଭାଗରେ ବିଭକ୍ତ। ଚଟାଣରୁ ଚଉଦଟି ପାହାଚ ଉପରେ ରହିଛି ଆସ୍ଥାନ। ଆସ୍ଥାନର ପ୍ରସ୍ଥ ପ୍ରାୟ ଚାଳିଶି ଫୁଟ୍ । ଏଥିରେ ଅବସ୍ଥାପିତ ବୃହଦାକାର ଶିବଲିଙ୍ଗ ସୋମନାଥ। ଆସ୍ଥାନରୁ ଛାତର ଦୂରତା ପ୍ରାୟ ପଚାଶ ଫୁଟ୍ । ମନ୍ଦିର ଚୂଡାରେ ଥିବା ଧ୍ୱଜା ଖମ୍ବଟିର ଉଚ୍ଚତା ଆଠ ଫୁଟ୍ । ପରବର୍ତ୍ତୀ ସମୟରେ ମନ୍ଦିର ଏବଂ ଗର୍ଭଗୃହର ଅନେକ ଉନ୍ନତିକରଣ ହୋଇଛି । ଆକ୍ରମଣରେ ଆଶଙ୍କାରେ ଯଥେଷ୍ଟ ସୁରକ୍ଷା ବଳୟ ଗଠନ କରାଯାଇଛି ଯାଇଛି । କେବଳ ପୂଜକ ମାନଙ୍କ ବ୍ୟତୀତ ଅନ୍ୟ କାହାରିକୁ ଆସ୍ଥାନ ଯାଏଁ ଯିବାକୁ ଅନୁମତି ଦିଆଯାଉନାହିଁ। ଦର୍ଶକ ଏବଂ ଶ୍ରଦ୍ଧାଳୁ ମାନଙ୍କୁ ସୁରକ୍ଷା ଯାଞ୍ଚ ପରେ ଧାଡି ବାନ୍ଧି ଗୋଟିଏ ପଟ ଦ୍ୱାରରୁ ପ୍ରବେଶ କରି ଅନ୍ୟ ଏକ ଦ୍ୱାର ଦେଇ ବାହାରକୁ ଯିବାକୁ ହୁଏ । ସେଇ ଭିତରେ ଥିବା ଫୁଲ, ବେଲପତ୍ର, ପୂଜା ସାମଗ୍ରୀର କାଉଣ୍ଟର୍‌ରୁ କିଣିକିଣି କରି ଆସ୍ଥାନରୁ କିଛି ଦୂରରେ ରହି ତଳେ ଥିବା କାଉଣ୍ଟର୍‌ରେ ଭୋଗରାଗ ଜମା ଦେଇ, ସେଇଠୁ ପ୍ରଭୁଙ୍କ ଦର୍ଶନ କରିବାକୁ ପଡେ । ମନ୍ଦିର କାନ୍ଥରେ ଲାଗିଥିବା ବଡ ବଡ ଟିଭିର ପରଦାରେ ଠାକୁରଙ୍କୁ ଏବଂ ପୂଜକ ମାନଙ୍କ ଦ୍ୱାରା ତାଙ୍କର ଆସ୍ଥାନରେ ହେଉଥିବା ସକଳ କର୍ମ କର୍ମାଣି ସ୍ପଷ୍ଟ ଭାବରେ ଦିଶୁଥାଏ। ମନ୍ଦିରର ଭିତର ପଟ କାନ୍ଥ ଗୁଡିକ ସୁନାରେ ଛାଉଣୀ ହୋଇଛି। ବର୍ତ୍ତମାନ ମଧ ଆହୁରି କେତେକ ସ୍ଥାନରେ ସୁନା ଛାଉଣୀ କରା ଯାଉଛି। ତଳକୁ ଓହ୍ଲାଇଗଲା ପରେ ମନ୍ଦିର ବେଢା ଭିତରେ ଥିବା କେତେକ ପୁରାତନ ମୂର୍ତ୍ତି ମଧ ଭଗ୍ନ ଅବସ୍ଥା ରେ ଥିବାର ଦେଖିବାକୁ ମିଳେ। ଯେମିତି କି ଦକ୍ଷିଣ ପଟରେ ଥିବା ନଟରାଜନଙ୍କ ମୂର୍ତ୍ତି, ତାଙ୍କ ପାଖକୁ ଥିବା ନନ୍ଦୀ ମୂର୍ତ୍ତି, ଶିବପାର୍ବତୀଙ୍କର ଯୁଗଳମୂର୍ତ୍ତି ଇତ୍ୟାଦି । ଏବେ ନୂଆକରି ଗଢା ହୋଇଥିବା ଦ୍ୱାଦଶ ଜ୍ୟୋତିର୍ଲିଙ୍ଗଙ୍କର ମୂର୍ତ୍ତି ସମେତ ଆହୁରି କିଛି ପୌରାଣିକ ଉପାଖ୍ୟାନର ମୂର୍ତ୍ତି ସବୁ କାଚର ଘର ଭିତରେ ସଜାଇ ହୋଇ ରହିଛନ୍ତି। ବେଢା ଭିତରେ ଭୋଗ କାଉଣ୍ଟର୍ ମଧ ରହିଛି। ଭକ୍ତମାନେ ସେଠାରୁ ଭୋଗ କିଣି ଘରକୁ ନେଇଥାନ୍ତି।

ପ୍ରତି ଦିନ ସାୟଂକାଳରେ ଏହି ମନ୍ଦିରର ଧ୍ୱଜା ପରିବର୍ତ୍ତନ କରାଯାଏ। ସମୁଦ୍ର କୂଳରେ ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତିମ କିରଣ ର ଆଭା ଏବଂ ଅଖଣ୍ଡ ମନ୍ତ୍ରପାଠର ପବିତ୍ର ଧ୍ୱନି ମଧ୍ୟରେ ମନ୍ଦିରର ଚୂଡାରେ ଚଢି ପୂଜକ ଧ୍ୱଜା ପରିବର୍ତ୍ତନ କରୁଥିବାର ସେ ଦୃଶ୍ୟ ଯିଏ ଥରେ ଦେଖିଛି ସେ ସାରା ଜୀବନ ଭୁଲି ପାରିବ ନାହିଁ । ଏତେ ବଡ ମନ୍ଦିରରେ ଦର୍ଶନ କିନ୍ତୁ ଖୁବ୍ ଶୃଙ୍ଖଳିତ ଭାବରେ ହୋଇଥାଏ ସେଥିପାଇଁ ସାଧାରଣ ଭକ୍ତଟିଏ ଖୁବ୍ ସୁବିଧା ରେ ଯାଇ ପ୍ରଭୁଙ୍କ ଦର୍ଶନ କରି ଆନନ୍ଦ ଲାଭ କରିଥାଏ। ବିଶେଷ ପୂଜା, ଅଭିଷେକ ଇତ୍ୟାଦି କରିବାକୁ ହେଲେ ସେଠାରେ ଥିବା ମନ୍ଦିର ଅଫିସ୍‌ରେ ଯୋଗାଯୋଗ କରିବାକୁ ପଡେ। ନିର୍ଦ୍ଧାରିତ ଶୁଳ୍କ ଦେଇ ମାନସିକଧାରୀ ଭକ୍ତ ମାନେ ଟ୍ରଷ୍ଟ ଦ୍ୱାରା ନିଯୁକ୍ତ ପୂଜକ ମାନଙ୍କ ଜରିଆରେ ବିଶେଷ ପୂଜା କରାଇଥାଆନ୍ତି।ଶ୍ରୀ ସୋମନାଥ ଖୁବ୍ ପ୍ରତ୍ୟକ୍ଷ ଦେବତା। ତାଙ୍କୁ ମାନସିକ ରଖି କିଛି କାମନା କଲେ ସେ ଅବଶ୍ୟ ତାହା ପୂରଣ କରିଥାନ୍ତି।



ଗୁଜୁରାଟର ସୋମନାଥ ମନ୍ଦିରକୁ ଯିବା ପାଇଁ ନିକଟତମ ରେଳଷ୍ଟେସନ ହେଉଛି ସାତ କି. ମି ଦୂର ଭେରାବଲ୍ ରେଲୱେ ଜଙ୍କସନ୍ , ନିକଟତମ ଏୟାରପୋର୍ଟଟି ହେଉଛି ଏକ ଶହ ତିରିଶି କି.ମି ଦୂର ପୋର୍ ବନ୍ଦର ଏୟାରପୋର୍ଟ୍। ଏହା ବ୍ୟତୀତ ଦେଶର ଯେ କୌଣସି ସ୍ଥାନରୁ ଆନ୍ତଃରାଜ୍ୟ ବସ୍ ସେବା ଦ୍ୱାରା ଯାତାୟାତ କରି ହେବ।

ଜୟ ଶିବ ଶମ୍ଭୁ ! ଜୟ ଶ୍ରୀ ସୋମେଶ୍ୱର !



+ ଶାରଳା ଭବନ, ପୋତାପୋଖରୀ,
ନୂଆବଜାର, କଟକ-୪
ମୋ: ୯୩୩୭୨୭୨୬୪୭

# ଖରାଦିନେ ପିଅନ୍ତୁ ଏହି ପ୍ରାକୃତିକ ପ୍ରୋ-ବାୟୋଟିକ୍ ପାନୀୟ

ଏବେ ଗ୍ରୀଷ୍ମଦିନ। ସବୁଠି ଆରମ୍ଭ ହୋଇଯାଇଛି ଖରାର ପ୍ରକୋପ । ଆଉ ଏହି ଦିନ ରୁ ବଂଚିବା ପାଇଁ କିଏ ମୃଦୃପାନୀୟ ବ୍ୟବହାର କରୁଛି ତ ଆଉ କିଏ ଆଖୁରସ , କାକୁଡି ଲେମ୍ବୁପାଣି , ଏସବୁ ବ୍ୟବହାର କରୁଛନ୍ତି । କିନ୍ତୁ ଅଧିକାଂଶ ଲୋକେ ମୃଦୃପାନୀୟ ବ୍ୟବହାର କରୁଛନ୍ତି ସେ ବ୍ୟବହାର ଦ୍ୱାରା ଶରୀର ର କ୍ଷତି ହେବା ସହ ଆମେ ଆମ ଜୀବନକୁ ମଧ ବିପଦରେ ପକାଉଛୁ ।କିନ୍ତୁ ଏହାର ମୁକ୍ତି ପାଇଁ ଆମେ ଏମିତି ଏକ ପାରମ୍ପରିକ ପ୍ରୋ-ବାୟୋଟିକ୍ ପାନୀୟ ଯାହା ଏବେ ପୁଣିଥରେ ସୋସିଆଲ ମିଡିଆରେ ଚର୍ଚ୍ଚାରେ ଆସିଛି । ଯାହା ଏବେ ଶରୀର ପାଇଁ ଭଲ ସହ ପାଟିକୁ ସୁଆଦିଅ ମଧ ଲାଗୁଛି । କିନ୍ତୁ ଏହା କେରଳର ଏକ ପ୍ରାୟ ୫୦୦ ବର୍ଷ ପୁରୁଣା । ଗ୍ରୀଷ୍ମକାଳର ତୀବ୍ର ଉଷ୍ଣତାରେ ଶରୀରକୁ ଥଣ୍ଡା ରଖିବା, ଜଳଶୂନ୍ୟତା ଦୂର କରିବା ଓ ପାଚନକୁ ସୁସ୍ଥ ରଖିବା ପାଇଁ ଏହି ପାନୀୟକୁ ବହୁତ ଉପକାରୀ ମନାଯାଏ । ଏହି ପାରମ୍ପରିକ ପାନୀୟରେ କଞ୍ଚା ଆମ୍ବ ଓ ଲଙ୍କା ବ୍ୟବହାର ହୁଏ ।

ଫର୍ମେଣ୍ଟେସନ୍ ପ୍ରକ୍ରିୟାରେ ତିଆରି ହେବାରୁ ଏହାରେ ପ୍ରାକୃତିକ ପ୍ରୋ-ବାୟୋଟିକ୍ ଗୁଣ ରହେ, ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଉତ୍ତମ। ବେଙ୍ଗାଲୁରୁର ଫୁଡ୍ ବ୍ଲଗର ହିନା ଗୁଜରାଲ୍ ଏହି ପୁରୁଣା କେରଳୀୟ ପାନୀୟର ସହଜ ଘରୋଇ ପ୍ରଣାଳୀ ସେୟାର କରିଛନ୍ତି । ତାଙ୍କ କହିବା ଅନୁସାରେ, ଏହା କେବଳ ଏକ ସାଧାରଣ ଥଣ୍ଡା ନୁହେଁ, ବରଂ ଶରୀରକୁ ଭିତରୁ ଥଣ୍ଡା ରଖିବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ମଧ ସୁଦୃଢ କରେ ।

ଗରମ ଦିନରେ ଯେତେବେଳେ ଶରୀରରୁ ଅଧିକ ଘା ବାହାରେ, ସେତେବେଳେ ଇଲେକ୍ଟ୍ରୋଲାଇଟ୍‌ର ଅଭାବ ହୁଏ । ଏହି ପାନୀୟ ଶରୀରକୁ ପୁଣି ଉର୍ଜା ଦେଇଥାଏ । ଏହା ପ୍ରସ୍ତୁତ କରିବା ପାଇଁ ଏକ ସଫା ଏବଂ ପୂରାପୂରି ଶୁଖିଲା କାଚର ପାତ୍ର ନିଆଯାଏ। ପରେ ଛୋଟ ଛୋଟ କାଟି ରଖିଥିବା କଞ୍ଚା ଆମ୍ବ ପକାଯାଏ । ସେଥିରେ ୩ରୁ ୪ଟି ଲଙ୍କା ,କଳା ସୋରିଷ, ଲଙ୍କା ଗୁଣ୍ଡ ଏବଂ ମିଶ୍ରି କିମ୍ବା ଗୁଡ଼ ଦିଆଯାଏ । ପରେ ଥଣ୍ଡା ପାଣି ଏଥିରେ ଦିଅଯାଏ । ତା'ପରେ କାଚ ପାତ୍ର କୁ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ବାହାରେ ରଖନ୍ତୁ । ଏହି ସମୟରେ ପ୍ରାକୃତିକ ଭାବରେ ଫର୍ମେଣ୍ଟେସନ୍ ହୁଏ ଏବଂ ଭଲ ବ୍ୟାକଟେରିଆ ଉତ୍ପନ୍ନ ହୁଏ ।

ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଫର୍ମେଣ୍ଟେଡ୍ ପାନୀୟ ଆମ ପାଚନ ପ୍ରଣାଳୀକୁ ଶକ୍ତିଶାଳୀ କରେ। ଏଥିରେ ଥିବା ବ୍ରୋମେଲିନ୍ ନାମକ ଏନଜାଇମ୍ ଖାଦ୍ୟ ହଜମରେ ସାହାଯ୍ୟ କରେ , ଯେତେବେଳେ



କଞ୍ଚା ଆମ୍ବ ଶରୀରକୁ ଭିଟାମିନ୍-ସି ଓ ଖଣିଜ ଯୋଗାଇଥାଏ । ଲଙ୍କା ଓ ସୋରିଷ ଶରୀରରେ ରକ୍ତସଞ୍ଚାଳନ ଭଲ କରିବାରେ ସାହାଯ୍ୟ କରେ । ଏହି କାରଣରୁ ଏହି ପାନୀୟ କେବଳ ସ୍ୱାଦିଷ୍ଟ ନୁହେଁ , ଏକ ପ୍ରାକୃତିକ ଔଷଧ ଭଳି କାମ କରେ । ଏହି ପାନୀୟ ବନାଇବା ସମୟରେ ଏକ ଜରୁରୀ କଥା ମନେ ରଖନ୍ତୁ ଏଥିରେ ଲୁଣ ଦେବେ ନାହିଁ । କାରଣ ଏହା ଫର୍ମେଣ୍ଟେସନ୍ ପ୍ରକ୍ରିୟାକୁ ବାଧା ଦେଇପାରେ । ଏହି ପାରମ୍ପରିକ କେରଳୀୟ ପାନୀୟ ଆଜିର ପ୍ୟାକେଟ୍ ଡ୍ରିଙ୍କ୍‌ଠାରୁ ଅଧିକ ସ୍ୱାସ୍ଥ୍ୟକର

# ଲାଉରେ ବନାନ୍ତୁ ପରଟା : ଦେହ ପାଇଁ ହିତକର, ପାଟିକୁ ସୁଆଦିଆ

ଲାଉ ଏକ ପୃଷ୍ଟିକର ଖାଦ୍ୟ , କିନ୍ତୁ ସାଧାରଣତ କିଛି ପିଲା ହେଉ କି ଯୁବକ ଯୁବତୀ ଏହି ଲାଉକୁ ଖାଇବାକୁ ପସନ୍ଦ କରନ୍ତି ନାହିଁ । କିନ୍ତୁ ଏହା ଆମ ଶରୀର ପାଇଁ ହିତକର ହୋଇଥାଏ । ଯାହା ଆମକୁ ଏକ ସୁସ୍ଥ ଶରୀର ଗଠନ ପାଇଁ ସହାୟକ ହୋଇଥାଏ । କିନ୍ତୁ ଆପଣ ଜାଣନ୍ତି କି ଆପଣ ଯଦି ଏହି ଲାଉକୁ ଏହି ଉପାୟରେ ଜଳଖିଆ ବନାନ୍ତି ତେବେ ପିଲାଠାରୁ ଆରମ୍ଭ କରି ସମସ୍ତେ ଏହି ଖାଦ୍ୟକୁ ଭଲ ଭାବେ ଖାଇବା ସହ ସ୍ୱାଦିଷ୍ଟ ମଧ ହୋଇଥାଏ । ଜଳଖିଆ ରେ ପିଲାଙ୍କ ଠୁ ଆରମ୍ଭ କରି ପରିବାର ପାଇଁ ବନାନ୍ତୁ ଲାଉ ଚଣା ଡାଲି ପରଟା । ଯାହା କି ପାଟିକୁ ସୁଆଦିଆ ସହ ଟେଷ୍ଟି ହୋଇଥାଏ । ଏହା ମଧ ଆମ ପୋଷକ ତତ୍ୱରେ ଭରି ରହିଥାଏ ।



## ବ୍ୟବହୃତ ହେଉଥିବା ସାମଗ୍ରୀ:

ଲାଉ
ଚଣା ଡାଲି
ସୋୟାବିନ୍
ଗହମ ଅଟା ଯାହାକି ଆମ ଶରୀର ପାଇଁ ସ୍ୱାସ୍ଥ୍ୟକର ହୋଇଥାଏ । ଏଥିସହ ଏହା ଲାଉ ରେ ବନାଇବା ଦ୍ୱାରା ଲାଉ ଆମ ଶରୀର ପାଇଁ ସ୍ୱାସ୍ଥ୍ୟକର ସହ ଥଣ୍ଡା ହୋଇଥାଏ । ଯାହାକି ଗ୍ରୀଷ୍ମକାଳରେ ଖାଇବା ପାଇଁ ଉପଯୁକ୍ତ। ଚଣା ଡାଲ ଓ ସୋୟାରେ ପ୍ରୋଟିନ ଭରପୂର ଥାଏ, ଯାହା ଶରୀରକୁ ଶକ୍ତି ଦେଇଥାଏ ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ଫୁଲ ରଖେ । USDA ଅନୁସାରେ ସୋୟା ବିନ୍ ଓ ଚଣା ଡାଲରେ ବହୁ ପରିମାଣର ପ୍ରୋଟିନ ମିଳେ, ଯାହା ଶାକାହାରୀମାନଙ୍କ ପାଇଁ ଖୁବ ଉପକାରୀ।

## ପ୍ରସ୍ତୁତି ପ୍ରଣାଳୀ:

ଲାଉ-ଚଣା ଡାଲି ପରଟା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଲାଉ ର ଚୋପା ଛଡାନ୍ତୁ ପରେ ଏହାକୁ ଛୋଟ ଛୋଟ କରି କାଟି ଦିଅନ୍ତୁ ।
ପରେ ଭିଜା ହୋଇଥିବା ଚଣା ଡାଲିକୁ ସୋୟାବିନ୍ ବଡି ସହ ମିଶାଇ ଦିଅନ୍ତୁ ପରେ ଟେଷ୍ଟି କରିବା ପାଇଁ ସେଥିରେ ମସଲା ମିଶାନ୍ତୁ ଯେପରିକି ଅଦା , ରସୁଣ ପିଆଜ ଓ କଂଚାଲଙ୍କା ମିଶାଇ ସେ ମସଲାକୁ ଭଲ ଭାବେ ଗହମ ଅଟାରେ ଚକଟି ଦିଅନ୍ତୁ ।
ଏହା ପରେ ସେହି ଅଟାକୁ ପରଟା ଆକାରରେ ବେଲି ସାରିବା ପରେ ହାଲକା ଘିଅ ଦେଇ ତାୱାରେ ସେକି ଦିଅନ୍ତୁ , ଏହାପରେ ପ୍ରସ୍ତୁତ ହୋଇଯିବ ଆପଣଙ୍କ ସ୍ୱାସ୍ଥ୍ୟକର ଲାଉ ପରଟା । ଏହି ପରାଟା ର ଆଉ ଏକ ଲାଭ ହେଉଛି ଏହା ଓଜନ କମେଇବାକୁ ଚାହୁଁଥିବା ଲୋକଙ୍କ ପାଇଁ ଭଲ ବିକଳ୍ପ । ଲାଉ ଲୋ କ୍ୟାଲୋରି ଖାଦ୍ୟ ହେବା ସହ ଫାଇବରରେ ଭରପୂର ଥାଏ । ତେଣୁ ଏହା ପଚନତନ୍ତ୍ରକୁ ସୁସ୍ଥ ରଖେ ଓ ପେଟକୁ ହାଲୁକା ରଖିଥାଏ । ଚଣା ଡାଲି ଓ ସୋୟା ଶରୀରର ମାଂସପେଶୀ ଶକ୍ତି ବଢ଼ାଇଥାଏ । ସେଥିପାଇଁ ଏହି ପରାଟା କୁ ସକାଳ ଜଳଖିଆ ଭାବରେ ଆପଣ ମାନେ ଖାଇପାରିବେ ।

# ସରକାରୀ ଆଡମ୍ବର ଅବ୍ୟାହତ, ଜନତାଙ୍କୁ ମିଳୁଛି ସଂଯମତାର ପାଠ

ସାମ୍ପ୍ରତିକ ପରିସ୍ଥିତିରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଏକ ବର୍ଷ ପାଇଁ କଠୋର ଆର୍ଥିକ ସଂଯମତା ବା 'ଅଷ୍ଟେରିଟି' ଅବଲମ୍ବନ କରିବାକୁ ନିବେଦନ କରିଛନ୍ତି । ସେ ନାଗରିକମାନଙ୍କୁ ଇନ୍ଧନ ବ୍ୟବହାର ହ୍ରାସ କରିବା, କାରପୁଲିଂ କରିବା, ସାର୍ବଜନୀନ ପରିବହନ ବ୍ୟବସ୍ଥାର ଉପଯୋଗ କରିବା, ଘରୁ କାମ କରିବା, କମ୍ ଖାଇବା ତେଲ ବ୍ୟବହାର କରିବା ଏବଂ ଅନାବଶ୍ୟକ ବିଦେଶ ଗସ୍ତରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଛନ୍ତି । ସରକାରୀ ସୂତ୍ରରୁ ଏହି ଆହ୍ୱାନକୁ ପଶ୍ଚିମ ଏସିଆରେ ଲାଗିରହିଥିବା ଉତ୍ତେଜନା, ବିଶେଷକରି ଆମେରିକା-ଇସ୍ରାଏଲ୍ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ସହ ଯୋଡ଼ାଯାଉଛି, ଯାହା ଫଳରେ ତୈଳ ଯୋଗାଣ ବାଧାପ୍ରାପ୍ତ ହେବା ସହ ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇବାର ଆଶଙ୍କା ରହିଛି । ତେବେ, ସରକାର ନିଜର ଆର୍ଥିକ ପରିଚାଳନାଗତ ତ୍ରୁଟିକୁ ଲୁଚାଇବା ପାଇଁ ବାହ୍ୟ କାରଣକୁ ଏକ ଆଳ ଭାବରେ ବ୍ୟବହାର କରୁଛନ୍ତି ବୋଲି କିଛି ଅର୍ଥନୈତିକ ବିଶେଷଜ୍ଞମାନେ ମତ ପୋଷଣ କରୁଛନ୍ତି । ଯେକୌଣସି ବିଶ୍ୱସ୍ତରୀୟ ସଙ୍କଟ ସମୟରେ ଏକ ସୁଦୃଢ଼ ଅର୍ଥନୀତି ନିଜକୁ ସମ୍ଭାଳିବାର କ୍ଷମତା ରଖିଥାଏ, କିନ୍ତୁ ଭାରତର ବର୍ତ୍ତମାନର ଅବସ୍ଥା ପ୍ରମାଣ କରୁଛି ଯେ ଆମର ଆର୍ଥିକ ଭିତ୍ତିଭୂମି ଆଭ୍ୟନ୍ତରୀଣ ଭାବରେ ଦୁର୍ବଳ ହୋଇପଡ଼ିଛି ।

ଏହି ନିବେଦନର ସମୟକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ମେ ୨୦୨୬ ମସିହାରେ ଅନୁଷ୍ଠିତ ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ଶେଷ ହେବା ପର୍ଯ୍ୟନ୍ତ ଏହି ଘୋଷଣା କରିବାକୁ ଅପେକ୍ଷା କରିଥିଲେ । ନିର୍ବାଚନ ପ୍ରଚାର ସମୟରେ, ଶାସକ ଦଳ ପକ୍ଷରୁ ବିପୁଳ ପରିମାଣର ଅର୍ଥ, ଇନ୍ଧନ ଏବଂ ସରକାରୀ ସମ୍ବଳର ଅବାଧ ବ୍ୟବହାର କରାଯାଇଥିଲା । ବଡ଼ ବଡ଼ ରାଲି ଏବଂ ରୋଡ୍-ସୋ'ରେ ଶହ ଶହ ଏସୟୁଭି ଗାଡ଼ିର ବ୍ୟବହାର କରାଯାଇଥିଲା । ସେହି ସମୟରେ ସରକାରଙ୍କ ପକ୍ଷରୁ ଆସନ୍ନ ଅର୍ଥନୈତିକ ସଙ୍କଟ କିମ୍ବା ଇନ୍ଧନ ସଂରକ୍ଷଣର ଆବଶ୍ୟକତା ବିଷୟରେ ପଦୁଟିଏ ମଧ୍ୟ କୁହାଯାଇନଥିଲା । ଏବେ ଭୋଟ୍ ଗ୍ରହଣ ଶେଷ ହେବା ପରେ, ସରକାର ସାଧାରଣ ଜନତାଙ୍କୁ ବଳିଦାନ ଦେବାକୁ କହୁଛନ୍ତି । ଆଶ୍ଚର୍ଯ୍ୟର କଥା ହେଉଛି, ପ୍ରଧାନମନ୍ତ୍ରୀଙ୍କ ଭାଷଣର ଠିକ୍ ପରେ ପରେ ମଧ୍ୟ ଶାସକ ଦଳର ବହୁମୂଲ୍ୟ ରୋଡ୍-ସୋ ଏବଂ ବିଳାସପୂର୍ଣ୍ଣ କାର୍ଯ୍ୟକ୍ରମ ଅବ୍ୟାହତ ରହିଛି । ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନଙ୍କ ବିଦେଶ ଗସ୍ତ ଉପରେ କୌଣସି କଟକଣା ଲାଗୁ କରାଯାଇନାହିଁ କିମ୍ବା ସରକାରୀ ସ୍ତରରେ ଘରୁ କାମ କରିବା ପାଇଁ କୌଣସି ବାଧ୍ୟତାମୂଳକ ନିୟମ କରାଯାଇନାହିଁ । ଏହା ସରକାରଙ୍କ କଥା ଏବଂ କାର୍ଯ୍ୟ ମଧ୍ୟରେ ଥିବା ବିରାଟ ଫରକକୁ ଦର୍ଶାଉଛି । ଏଭଳି ଦୋମୁହାଁ ନୀତି ଗଣତନ୍ତ୍ରରେ ସୁଶାସନର ପରିଚୟ ନୁହେଁ।

ଏହି ଆର୍ଥିକ ସଙ୍କଟର ପ୍ରକୃତ ଚିତ୍ର ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ଏବଂ ଟଙ୍କାର ମୂଲ୍ୟ ହ୍ରାସରୁ ସ୍ପଷ୍ଟ ବାରି ହୋଇପଡ଼େ । ମେ ୨୦୨୬ ସୁଦ୍ଧା ଭାରତୀୟ ଟଙ୍କା ଏସିଆ ମହାଦେଶର ସବୁଠାରୁ ଖରାପ ପ୍ରଦର୍ଶନ କରୁଥିବା ମୁଦ୍ରାରେ ପରିଣତ ହୋଇଛି। ୨୦୧୪ ମସିହାରେ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ପାଖାପାଖି ୬୦ ଟଙ୍କା ଥିବାବେଳେ, ୨୦୨୪ ଶେଷ ଆଡ଼କୁ ଏହା ୮୫ ରୁ ୮୬ ଟଙ୍କାରେ ପହଞ୍ଚିଥିଲା ଏବଂ ମେ ୨୦୨୬ ବେଳକୁ ଏହା ୯୪ ରୁ ୯୫ ଟଙ୍କା ସ୍ତରକୁ ଖସିଆସିଛି । ଏହି କ୍ରମାଗତ ଅବମୂଲ୍ୟାୟନ କେବଳ ବାହ୍ୟ କାରଣ ଯୋଗୁଁ ହୋଇନାହିଁ, ବରଂ ଦୁର୍ବଳ ଆର୍ଥିକ ନୀତି, ରପ୍ତାନି କ୍ଷେତ୍ରରେ ମନ୍ଥରତା ଏବଂ ବୃଦ୍ଧି ପାଉଥିବା ବାଣିଜ୍ୟ ନିଅଣ୍ଟର ପରିଣାମ ଅଟେ । ଅନ୍ୟପକ୍ଷରେ, ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ମଧ୍ୟ ଦ୍ରୁତ ଗତିରେ ହ୍ରାସ ପାଉଛି। ଫେବୃଆରୀ ୨୦୨୬ରେ ବିଦେଶୀ ମୁଦ୍ରା ଭଣ୍ଡାର ୭୨୮.୫ ବିଲିୟନ ଡଲାରର ସର୍ବୋଚ୍ଚ ସ୍ତରରେ ଥିବାବେଳେ, ମେ ମାସର ପ୍ରଥମ ସପ୍ତାହ ସୁଦ୍ଧା ଏହା ୬୯୦.୭ ବିଲିୟନ ଡଲାରକୁ ଖସିଆସିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ଟଙ୍କାର ପତନକୁ ରୋକିବା ପାଇଁ ବଜାରରେ ଲଗାତାର ଡଲାର ବିକ୍ରି କରୁଛି, ଯାହା ଫଳରେ ମାତ୍ର କିଛି ସପ୍ତାହ ମଧ୍ୟରେ ବିଦେଶୀ ମୁଦ୍ରା ଭଣ୍ଡାରରୁ ଅନେକ ବିଲିୟନ ଡଲାର ଶୂନ୍ୟ ହୋଇଯାଇଛି । ଯେତେବେଳେ ମୁଦ୍ରାର ମୂଲ୍ୟ ହ୍ରାସ ପାଏ, ସେତେବେଳେ ଆମଦାନୀ ହେଉଥିବା ପ୍ରତ୍ୟେକ ସାମଗ୍ରୀ, ଯେପରିକି ଖାଇବା ତେଲ, ଇଲେକ୍ଟ୍ରୋନିକ୍ସ ଏବଂ ସାରର ମୂଲ୍ୟ ବୃଦ୍ଧି ପାଏ, ଯାହା ସିଧାସଳଖ ଦେଶରେ ମୁଦ୍ରାସ୍ଫୀତି ବା ଦରଦାମ୍ ବୃଦ୍ଧିର କାରଣ ସାଜେ।

ପଶ୍ଚିମ ଏସିଆର ସଙ୍କଟକୁ ସରକାର ମୁଖ୍ୟ କାରଣ ଭାବରେ ଦର୍ଶାଉଥିବା ବେଳେ, ଭାରତର ତୈଳ ଆମଦାନୀ ନିର୍ଭରଶୀଳତା କ୍ଷେତ୍ରରେ ସରକାରଙ୍କ ବିଫଳତାକୁ ଆଦୌ ଅଣଦେଖା କରାଯାଇପାରିବ ନାହିଁ । ସରକାରୀ ପରିସଂଖ୍ୟାନ ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ତୈଳ ଆମଦାନୀ ନିର୍ଭରଶୀଳତା ପ୍ରାୟ ୮୮.୩ ପ୍ରତିଶତରେ ପହଞ୍ଚିଛି । ସରକାର ଘରୋଇ ତୈଳ ଉତ୍ପାଦନ ବୃଦ୍ଧି କରିବାରେ କିମ୍ବା ସୌରଶକ୍ତି ତଥା ବିକଳ୍ପ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତାକୁ ଆଶାନୁରୂପ ଭାବେ ବଢ଼ାଇବାରେ ସକ୍ଷମ ହୋଇନାହାଁନ୍ତି । ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଭାରତର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ବା ତୈଳ ଭଣ୍ଡାରର ଶୋଚନୀୟ ଅବସ୍ଥା । ଏହି ଭଣ୍ଡାରର ସର୍ବମୋଟ କ୍ଷମତା ୫.୩୩ ନିୟୁତ ଟନ୍ ଥିବାବେଳେ, ସରକାର ଏହାକୁ କେବଳ ୬୪ ପ୍ରତିଶତ ଅର୍ଥାତ୍ ପାଖାପାଖି ୩.୩୭ ନିୟୁତ ଟନ୍ ପୂରଣ କରି ରଖିଛନ୍ତି । ଆନ୍ତର୍ଜାତୀୟ ମାନଦଣ୍ଡ ଅନୁଯାୟୀ ଏକ ଦେଶ ପାଖରେ ଅତିକମରେ ୯୦ ଦିନର ଜରୁରୀକାଳୀନ ତୈଳ ମହଜୁଦ ରହିବା ଆବଶ୍ୟକ ଥିବାବେଳେ, ଭାରତର ବର୍ତ୍ତମାନର ମହଜୁଦ କେବଳ ୧୦ ଦିନର ଆବଶ୍ୟକତା ପୂରଣ କରିବାକୁ ସକ୍ଷମ ଅଟେ । ଚୀନ୍ ଭଳି ଅନ୍ୟ ଆମଦାନୀକାରୀ ଦେଶମାନେ ନିଜର ଜରୁରୀକାଳୀନ ଭଣ୍ଡାରକୁ ସମ୍ପୂର୍ଣ୍ଣ ରୂପେ ଭରି ରଖିଥିବା ବେଳେ, ଭାରତ ସରକାରଙ୍କ ଏହି ଦୂରଦୃଷ୍ଟିହୀନତା ଦେଶର ଅର୍ଥନୀତିକୁ ପଶ୍ଚିମ ଏସିଆର ଅସ୍ଥିରତା ଆଗରେ ସମ୍ପୂର୍ଣ୍ଣ ରୂପେ ଅସହାୟ କରିଦେଇଛି । ଯଦି ସରକାର ସମୟ ଥାଉ ଥାଉ ଏହି ଭଣ୍ଡାରଗୁଡ଼ିକୁ ପୂର୍ଣ୍ଣ କରିଥାନ୍ତେ ଏବଂ ଦେଶର ସାମଗ୍ରିକ ଶକ୍ତି ନୀତିରେ ବାସ୍ତବିକ ପରିବର୍ତ୍ତନ ଆଣିଥାନ୍ତେ, ତେବେ ଆଜି ହଠାତ୍ ନାଗରିକମାନଙ୍କୁ ଇନ୍ଧନ ସଂରକ୍ଷଣ ପାଇଁ ନେହୁରା ହେବାକୁ ପଡ଼ିନଥାନ୍ତା ।

ଏହି ପରିପ୍ରେକ୍ଷୀରେ ସରକାରଙ୍କ ଅତୀତର ନିଷ୍ପତ୍ତି ଏବଂ ବର୍ତ୍ତମାନର ଆଭିମୁଖ୍ୟ ମଧ୍ୟରେ ଥିବା ବିରୋଧାଭାସ ଅତ୍ୟନ୍ତ ନିରାଶାଜନକ। ଗତ କିଛି ବର୍ଷ ଧରି ଯେତେବେଳେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ଖୁବ୍ କମ୍ ଥିଲା, ସେତେବେଳେ ସରକାର ପେଟ୍ରୋଲ୍ ଏବଂ ଡିଜେଲ୍ ଉପରେ ଏକ୍ସାଇଜ୍ ଡ୍ୟୁଟି ବା ଟିକସ ବୃଦ୍ଧି କରି ବିପୁଳ ରାଜସ୍ୱ ଆଦାୟ କରିଥିଲେ । ସେହି ସମୟରେ ଗ୍ରାହକମାନଙ୍କୁ କମ୍ ଦରର ଫାଇଦା ଦିଆଯାଇନଥିଲା କିମ୍ବା ସେହି ଅତିରିକ୍ତ ରାଜସ୍ୱକୁ ଭବିଷ୍ୟତର ସଙ୍କଟ ମୁକାବିଲା ପାଇଁ ସଠିକ୍ ଭାବରେ ବିନିଯୋଗ କରାଯାଇନଥିଲା । ଏହା ଦର୍ଶାଉଛି ଆର୍ଥିକ ପରିଚାଳନା କ୍ଷେତ୍ରରେ ସରକାରଙ୍କ ରଣନୀତି ହେଉଛି ଲାଭ ବେଳେ ନିଜର ବାହାବା ନେବା ଏବଂ କ୍ଷତି ବେଳେ ଜନତାଙ୍କୁ ଦାୟୀ କରିବା । ସାଧାରଣ ଲୋକଙ୍କ ଉପରେ ଏହିପରି ଚାପ ପକାଇବା ଦ୍ୱାରା ଦେଶର ଉପଭୋକ୍ତା ଚାହିଦା ଆହୁରି କମିଯିବ, ଯାହା ଅର୍ଥନୈତିକ ଅଭିବୃଦ୍ଧିକୁ ଅଧିକ ବାଧାପ୍ରାପ୍ତ କରିବ ଏବଂ ଦେଶକୁ ଏକ ଆର୍ଥିକ ମାନ୍ଦାବସ୍ଥା ଆଡ଼କୁ ଠେଲିଦେବ ।

ପରିଶେଷରେ, ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ପ୍ରଧାନମନ୍ତ୍ରୀଙ୍କ ସାମ୍ପ୍ରତିକ ଆର୍ଥିକ ସଂଯମତା ଆହ୍ୱାନ କେବଳ ଏକ ଭୂ-ରାଜନୈତିକ ସଙ୍କଟର ପରିଣାମ ନୁହେଁ, ବରଂ ଏହା ଦୀର୍ଘ ଦିନର ଆର୍ଥିକ ଅବ୍ୟବସ୍ଥାର ଏକ ଲୁଚକାଳି ଖେଳ । ଟଙ୍କାର କ୍ରମାଗତ ଅବମୂଲ୍ୟାୟନ, ବିଦେଶୀ ମୁଦ୍ରା ଭଣ୍ଡାରର ଅବକ୍ଷୟ, ଅତ୍ୟଧିକ ତୈଳ ଆମଦାନୀ ନିର୍ଭରଶୀଳତା ଏବଂ ଖାଲି ପଡ଼ିଥିବା ଜରୁରୀକାଳୀନ ତୈଳ ଭଣ୍ଡାର - ଏସବୁ ସରକାରୀ ଅବହେଳାର ଜ୍ୱଳନ୍ତ ଉଦାହରଣ । ପ୍ରକୃତ ଆର୍ଥିକ ସଂଯମତା ଶାସନର ଶୀର୍ଷ ସ୍ତରରୁ ଆରମ୍ଭ ହେବା ଆବଶ୍ୟକ । ସରକାରୀ ଆଡମ୍ବର, ଅନାବଶ୍ୟକ ଭିତ୍ତିଭୂମି ପ୍ରକଳ୍ପ ଯାହାର ତୁରନ୍ତ ଆବଶ୍ୟକତା ନାହିଁ ଏବଂ ରାଜନୈତିକ ସ୍ୱାର୍ଥ ପାଇଁ ବିପୁଳ ଅର୍ଥର ଶ୍ରାଦ୍ଧ ବନ୍ଦ ନହେବା ପର୍ଯ୍ୟନ୍ତ, ସାଧାରଣ ନାଗରିକଙ୍କୁ ବଳିଦାନ ଦେବା ପାଇଁ କହିବା ଏକ ନିଷ୍ଠୁର ପରିହାସ ଛଡ଼ା ଅନ୍ୟ କିଛି ନୁହେଁ । ଏକ ସୁଦୃଢ଼ ଅର୍ଥନୀତି ଗଠନ ପାଇଁ ଦୀର୍ଘମିଆଦୀ ରଣନୀତି, ଆମଦାନୀ ନିର୍ଭରଶୀଳତା ହ୍ରାସ ଏବଂ ସ୍ୱଚ୍ଛ ପ୍ରଶାସନର ଆବଶ୍ୟକତା ରହିଛି, ଯାହା ବର୍ତ୍ତମାନର ବ୍ୟବସ୍ଥାରେ ଅନୁପସ୍ଥିତ ଥିବା ପରି ମନେହେଉଛି।



# ଗୋଟିଏ ବର୍ଷ ପାଇଁ ସୁନା ନ କିଣିବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ'

## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମଧ୍ୟପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ପରିସ୍ଥିତି ଏବଂ ଇରାନ, ଇସ୍ରାଏଲ ଓ ଆମେରିକା ମଧ୍ୟରେ ଚାଲିଥିବା ବାକ୍ ଯୁଦ୍ଧକୁ ଦୃଷ୍ଟିରେ ରଖି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାରତର ଅର୍ଥନୀତି, ବୈଦେଶିକ ମୁଦ୍ରା ସଞ୍ଚୟ ଏବଂ ଘରୋଇ ନିବେଶକୁ ସୁଦୃଢ଼ ?? କରିବା ପାଇଁ କିଛି ଖର୍ଚ୍ଚ ନିୟନ୍ତ୍ରଣ କରିବା, ବିଦେଶ ଯାତ୍ରାକୁ ସୀମିତ ରଖିବା ଏବଂ ଏକ ବର୍ଷ ପାଇଁ ସୁନା କିଣିବାରୁ ନିବୃତ୍ତ ରହିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଏହାକୁ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି ଏବଂ ଜନସାଧାରଣଙ୍କ ମଧ୍ୟରେ ଭୟର ଭାବନା ସୃଷ୍ଟି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ନାଗରିକମାନଙ୍କୁ ଗୋଟିଏ ବର୍ଷ ପାଇଁ ସୁନା କିଣିବାରୁ ନିବୃତ୍ତ ରହିବାକୁ ଯେଉଁ ନିବେଦନ କରିଛନ୍ତି, ଏହାର ଅର୍ଥ ସୁନା ଉପରେ ସମ୍ପୂର୍ଣ୍ଣ ନିଷେଧ ନୁହେଁ, ବରଂ ଦେଶର ଆର୍ଥିକ ସନ୍ତୁଳନ ଏବଂ ଦୀର୍ଘକାଳୀନ ବିକାଶ ପାଇଁ ସୁନା ଉପରେ ଅତ୍ୟଧିକ ନିର୍ଭରଶୀଳତା ହ୍ରାସ କରିବା। ଭାରତରେ ସୁନା କେବଳ ଏକ ଅଳଙ୍କାର ସାମଗ୍ରୀ ନୁହେଁ, ଏହା ସାମାଜିକ ଭାବନା, ପରମ୍ପରା ଏବଂ ଆର୍ଥିକ ସୁରକ୍ଷାର ପ୍ରତୀକ। ତଥାପି ସୁନାର ଅତ୍ୟଧିକ ଆମଦାନୀ ଦେଶର ଅର୍ଥନୀତି ଉପରେ ଚାପ ପକାଇଥାଏ। ଭାରତୀୟ ସଂସ୍କୃତିରେ ସୁନାର ଅତ୍ୟନ୍ତ ଗୁରୁତ୍ୱ ରହିଛି। ବିବାହ, ପର୍ବ, ଧାର୍ମିକ ଉଦ୍ଦେଶ୍ୟ ଏବଂ ସଞ୍ଚୟ ପାଇଁ ସୁନାକୁ ଏକ ମୂଲ୍ୟବାନ ସମ୍ପତ୍ତି ଭାବରେ ବିବେଚନା କରାଯାଏ। ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରାୟ ପ୍ରତ୍ୟେକ ପରିବାର ସୁନାକୁ ଏକ ସୁରକ୍ଷିତ ନିବେଶ ବୋଲି ବିବେଚନା କରନ୍ତି। ଅନେକ ଲୋକ ବ୍ୟାଙ୍କ ଅପେକ୍ଷା ସୁନା ଉପରେ ଅଧିକ ବିଶ୍ୱାସ କରନ୍ତି। ତଥାପି, ଯେତେବେଳେ ଭାରତ ବିଦେଶରୁ ବହୁ ପରିମାଣର ସୁନା ଆମଦାନୀ କରେ, ସେତେବେଳେ ଏହି ଅଭ୍ୟାସ ଦେଶର ଅର୍ଥନୀତି ପାଇଁ ସମସ୍ୟା ସୃଷ୍ଟି କରେ। ଭାରତ ବିଶ୍ୱର ସୁନାର ସବୁଠାରୁ ବଡ଼ ଗ୍ରାହକ ଦେଶମାନଙ୍କ ମଧ୍ୟରୁ ଗୋଟିଏ। ଏଥିପାଇଁ ବହୁ ପରିମାଣର ବିଦେଶୀ ମୁଦ୍ରା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଭାରତ ଆବଶ୍ୟକତା ତୁଳନାରେ ବହୁତ କମ୍ ସୁନା ଉତ୍ପାଦନ କରେ। ତେଣୁ ଅଧିକାଂଶ ସୁନା ବିଦେଶରୁ ଆମଦାନୀ କରାଯାଏ। ଯେତେବେଳେ ଭାରତ ଅତ୍ୟଧିକ ସୁନା କିଣେ, ସେତେବେଳେ ଡଲାର ଆକାରରେ ବହୁତ ଟଙ୍କା ବିଦେଶକୁ ଚାଲିଯାଏ। ଫଳସ୍ୱରୂପ, ଦେଶର ଚଳିତ ଆକାଉଣ୍ଟ ନିଅଣ୍ଟ ବୃଦ୍ଧି ପାଏ ଏବଂ ଡଲାର ତୁଳନାରେ ଭାରତୀୟ ଟଙ୍କା ଦୁର୍ବଳ ହୋଇଯାଏ।

ଯେତେବେଳେ ଚାଲୁ ଆକାଉଣ୍ଟ ନିଅଣ୍ଟ ବୃଦ୍ଧି ପାଏ, ଏହା ଦେଶର ଅର୍ଥନୀତି ଉପରେ ଚାପ ପକାଏ ଓ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଏ। ଆମଦାନୀ ମହଙ୍ଗା ହୁଏ ଏବଂ ମୁଦ୍ରାସ୍ଫୀତି ହ୍ରାସ ହେବାର ସମ୍ଭାବନା ଥାଏ। ଏହି ପରିପ୍ରେକ୍ଷୀରେ ମୋଦି ସରକାର ଲୋକମାନଙ୍କୁ ସୁନାରେ ଅତ୍ୟଧିକ ନିବେଶ କରିବା ପରିବର୍ତ୍ତେ ବ୍ୟାଙ୍କ, ମ୍ୟୁଚୁଆଲ୍ ଫଣ୍ଡ, ଷ୍ଟକ୍ ବଜାର, ଡିଜିଟାଲ୍ ସୁନା ବଣ୍ଡ୍ ଇତ୍ୟାଦି ଉପରେ ଧ୍ୟାନ ଦେବାକୁ ବାରମ୍ବାର ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁନା କିଣିବାକୁ ମନା କରିବାର ମୁଖ୍ୟ କାରଣ ହେଉଛି ଯେ ଯେତେବେଳେ ଭାରତ ସୁନା କିଣେ, ସେତେବେଳେ ତାକୁ ଡଲାରରେ ଦେୟ ଦେବାକୁ ପଡ଼ିଥାଏ। ବହୁ ପରିମାଣର ସୁନା ଆମଦାନୀ କରିବା ଦ୍ୱାରା ବିଦେଶୀ ମୁଦ୍ରା ଭଣ୍ଡାର ହ୍ରାସ ପାଏ। ଯୁଦ୍ଧ, ତୈଳ ମୂଲ୍ୟ ବୃଦ୍ଧି, ବିଶ୍ୱ ମାନ୍ଦାବସ୍ଥା ଇତ୍ୟାଦି ସମୟରେ ଦେଶ ପାଇଁ ବୈଦେଶିକ ମୁଦ୍ରା ସଂରକ୍ଷଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଲୋକମାନେ ଅନାବଶ୍ୟକ ସୁନା କ୍ରୟ ହ୍ରାସ କରି ଦେଶର ଆର୍ଥିକ ସ୍ଥିରତାରେ ଯୋଗଦାନ ଦେବା ଉଚିତ। ସୁନାରେ ଗଚ୍ଛିତ ଟଙ୍କା ସାଧାରଣତଃ ଅର୍ଥନୀତିର ଉତ୍ପାଦକ କ୍ଷେତ୍ରରେ ବ୍ୟବହୃତ ହୁଏ ନାହିଁ। ଏହା ଘରୋଇ ଲକର କିମ୍ବା ବ୍ୟାଙ୍କ ଲକରରେ ନିଷ୍କ୍ରିୟ ହୋଇ ପଡ଼ି ରହିଥାଏ। ଯଦି ସେହି ଟଙ୍କା ବ୍ୟାଙ୍କରେ ଜମା କରାଯାଏ କିମ୍ବା ଶିଳ୍ପ, ବ୍ୟବସାୟ, କୃଷି ଏବଂ ପୁଞ୍ଜି ବଜାରରେ ନିବେଶ କରାଯାଏ, ତେବେ ଏହା ପ୍ରକୃତରେ ନିଯୁକ୍ତି ସୃଷ୍ଟି କରେ ଏବଂ ଦେଶର ଏଉଚ ବୃଦ୍ଧି କରେ। ଯେତେବେଳେ ସୁନାର ମୂଲ୍ୟ ବୃଦ୍ଧି ପାଏ, ସେତେବେଳେ ଅଳଙ୍କାରର ମୂଲ୍ୟ ମଧ୍ୟ ବୃଦ୍ଧି ପାଏ। ବିବାହ ଏବଂ ସାମାଜିକ କାର୍ଯ୍ୟକଳାପରେ ଅଧିକ ଖର୍ଚ୍ଚ ହୁଏ। ଅନେକ ପରିବାର ଋଣରେ ସୁନା କିଣନ୍ତି, ଯାହା ଆର୍ଥିକ ଚାପ ସୃଷ୍ଟି କରେ। ଭାରତରେ କଳାଧନ ଲୁଚାଇବା ପାଇଁ ପ୍ରାୟତଃ ସୁନା ବ୍ୟବହାର କରାଯାଏ। ଅବୈଧ ସୁନା କ୍ରୟ, ଚୋରାଚାଲାଣ ଏବଂ ନଗଦ କାରବାର ଅର୍ଥନୀତିକୁ କ୍ଷତି ପହଞ୍ଚାଏ। ଏହି କାରଣଗୁଡ଼ିକୁ ଧ୍ୟାନରେ ରଖି ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଏକବର୍ଷ ସୁନା ନ କିଣିବାକୁ ପରାମର୍ଶ ଦେଇଛନ୍ତି।

ଆମେ ଜାଣୁ ଯେ ମୋଦି ସରକାର 'ସୁନା ମୁଦ୍ରୀକରଣ ଯୋଜନା' ଆରମ୍ଭ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ଥିଲା ଘରେ ପଡ଼ି ରହିଥିବା ଅଚଳ ସୁନାକୁ ମୁଖ୍ୟଧାରାର ଅର୍ଥନୀତିରେ ସାମିଲ କରିବା। ଲୋକମାନେ ବ୍ୟାଙ୍କରେ ସେମାନଙ୍କର ସୁନା ଜମା କରି ଏହା ଉପରେ ସୁଧ ପାଇପାରିବେ। ଏହା ସରକାରଙ୍କ ପାଇଁ ବିଦେଶରୁ ସୁନା ଆମଦାନୀ କରିବାର ଆବଶ୍ୟକତାକୁ ହ୍ରାସ କରିବ। ସରକାର 'ସାର୍ବଭୌମ ସ୍ୱର୍ଣ୍ଣ ବଣ୍ଡ' ଯୋଜନା ମଧ୍ୟ ଆରମ୍ଭ କରିଥିଲେ। ଏହି ଯୋଜନା ଅଧୀନରେ, ଲୋକମାନେ ଭୌତିକ ସୁନା କିଣିବା ପରିବର୍ତ୍ତେ କାଗଜ କିମ୍ବା ଡିଜିଟାଲ ରୂପରେ ସୁନାରେ ନିବେଶ କରିପାରିବେ। ଏହାର ଦୁଇଟି ଲାଭ ଥିଲା। ପ୍ରଥମତଃ, ସୁନା ଚୋରି କିମ୍ବା ଗଚ୍ଛିତ ହେବାର ଭୟ ନଥିଲା ଏବଂ ଦ୍ୱିତୀୟତଃ, ସରକାର ଏଥିରେ ସୁଧ ମଧ୍ୟ ଦେଉଥିଲେ ଯାହା ଦେଶର ଅଭିବୃଦ୍ଧିରେ ଅବଦାନ ରଖିଥିଲା। ଏହା ଦେଶର ବୈଦେଶିକ ମୁଦ୍ରା ସଂରକ୍ଷଣ କରିବାର ଏକ ପ୍ରୟାସ ଥିଲା। ତଥାପି, ବର୍ତ୍ତମାନ, ମଧ୍ୟପ୍ରାଚ୍ୟରେ ଆନ୍ତର୍ଜାତୀୟ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏବଂ ଭବିଷ୍ୟତର ବିପଦରୁ ଦେଶକୁ ରକ୍ଷା କରିବା ପାଇଁମୋଦି ସରକାର ଗୋଟିଏ ବର୍ଷ ପାଇଁ ସୁନା କ୍ରୟ ଉପରେ ନିଷେଧ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଭାଷଣ ଏବଂ ଅର୍ଥନୈତିକ ଆଲୋଚନାରେ ନାଗରିକମାନଙ୍କୁ କିଛି ସମୟ ପାଇଁ ନୂତନ ସୁନା କିଣିବାକୁ କିମ୍ବା ସମ୍ଭବ ହେଲେ ଏହାକୁ ସମ୍ପୂର୍ଣ୍ଣ ଭାବରେ କିଣିବାରୁ ଦୂରେଇ ରହିବାକୁ ଅନୁରୋଧ କରିଥିଲେ। ଏହା ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ଏବଂ ପ୍ରଗତି ପାଇଁ ଏକ ଔଷଧ ପ୍ରମାଣିତ ହେବ। ଏହା କୌଣସି ଆଇନଗତ ପ୍ରତିବନ୍ଧକ ନୁହେଁ। ଏହା ମୋଦିଙ୍କ ଏକ ଜାତୀୟ ଆବେଦନ। ଯେପରି ଜାତୀୟ ସଙ୍କଟ ସମୟରେ ଲୋକଙ୍କୁ ଶକ୍ତି ସଂରକ୍ଷଣ କରିବାକୁ କିମ୍ବା ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବାକୁ ଅନୁରୋଧ କରାଯାଏ, ସେହିପରି ମୋଦି ତାଙ୍କ ଭାଷଣ ମାଧ୍ୟମରେ ସୁନା ଆମଦାନୀ ହ୍ରାସ କରିବାକୁ ସର୍ବସାଧାରଣରେ ନିବେଦନ କରିଛନ୍ତି, ଯାହା ଏକ ଜାତୀୟ ଆର୍ଥିକ ଦାୟିତ୍ୱ।

କିଛି ଲୋକ ଏହାକୁ ସକାରାତ୍ମକ ଭାବରେ ନେଇଛନ୍ତି ଏବଂ ବ୍ୟାଙ୍କ ଜମା, ମ୍ୟୁଚୁଆଲ୍ ଫଣ୍ଡ ଏବଂ ଡିଜିଟାଲ୍ ନିବେଶରେ ଆଗ୍ରହ ଦେଖାଇଛନ୍ତି। ତଥାପି, ଅନେକ ଲୋକ କୁହନ୍ତି ଯେ ସୁନା କିଣିବାର ଅଭ୍ୟାସକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିବା କଷ୍ଟକର କାରଣ ସେମାନେ ଏହାକୁ ପରମ୍ପରା ଏବଂ ସୁରକ୍ଷାର ପ୍ରତୀକ ବୋଲି ବିବେଚନା କରନ୍ତି। ବିଶେଷକରି ଗ୍ରାମାଞ୍ଚଳରେ, ସୁନାକୁ ଏକ ଜରୁରୀକାଳୀନ ସଞ୍ଚୟ ସାମଗ୍ରୀ ଭାବରେ ବିବେଚନା କରାଯାଏ, ଯାହାକୁ ବୁଝିବା ଏବଂ ମୋଦିଙ୍କ କଥା ବୁଝିବା ପାଇଁ ସମୟ ଲାଗିପାରେ। ଭାରତୀୟ ପରିବାରରେ ସୁନା ଭାବନା ସହିତ ଜଡିତ। ପିତାମାତାମାନେ ସେମାନଙ୍କ ଝିଅମାନଙ୍କ ପାଇଁ ସୁନା ସଞ୍ଚୟ କରନ୍ତି, ଏବଂ ବିବାହରେ ସୁନାକୁ ସମ୍ମାନ ଏବଂ ଧନର ପ୍ରତୀକ ଭାବରେ ବିବେଚନା କରାଯାଏ। ତେଣୁ, ସୁନା କ୍ରୟକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ଅସମ୍ଭବ। କିନ୍ତୁ ଯଦି ସରକାର ଏହାକୁ ନିୟନ୍ତ୍ରିତ ଏବଂ ସଂଗଠିତ ରଖନ୍ତି, ତେବେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଏବଂ କିଛି ନିୟମ ସୁନା କିଣିବାରେ ସଂକୋଚକୁ ହ୍ରାସ କରିପାରିବ। ସରକାରୀ ଆହ୍ୱାନ ଏବଂ ବିଭିନ୍ନ ଯୋଜନା ଯୋଗୁଁ, କିଛି ଲୋକ ଡିଜିଟାଲ୍ ନିବେଶ ପ୍ରତି ଆକର୍ଷିତ ହେଉଛନ୍ତି ଏବଂ ବ୍ୟାଙ୍କିଂ ବ୍ୟବସ୍ଥାରେ ସେମାନଙ୍କର ଟଙ୍କା ନିବେଶ କରୁଛନ୍ତି। ମ୍ୟୁଚୁଆଲ୍ ଫଣ୍ଡରେ ଭାରତୀୟ ନିବେଶକଙ୍କ ଅଂଶ ବୃଦ୍ଧି ପାଉଛି, ଏବଂ ଷ୍ଟକ୍ ବଜାରରେ ଖୁଚୁରା ନିବେଶକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସୁନା କିଣିବାକୁ କିଛି ସମୟ ଲାଗିପାରେ। କିଛି ଅର୍ଥନୀତିଜ୍ଞ ବିଶ୍ୱାସ କରନ୍ତି ଯେ ସୁନା ଭାରତୀୟ ପରିବାର ପାଇଁ ଏକ ସୁରକ୍ଷିତ ସମ୍ପତ୍ତି। ସମସ୍ତେ ବ୍ୟାଙ୍କ ଏବଂ ବଜାରକୁ ବିଶ୍ୱାସ କରନ୍ତି ନାହିଁ। ସେମାନଙ୍କ ମତରେ, ସୁନା ମୂଲ୍ୟ ବୃଦ୍ଧିରୁ ରକ୍ଷା କରେ। ଅର୍ଥନୈତିକ ସଙ୍କଟ ସମୟରେ, ସୁନାର ମୂଲ୍ୟ ବୃଦ୍ଧି ପାଏ, ଯାହା ଲୋକଙ୍କୁ ମାନସିକ ଏବଂ ଆର୍ଥିକ ସହାୟତା ପ୍ରଦାନ କରେ। ତେଣୁ, ସୁନାକୁ ସମ୍ପୂର୍ଣ୍ଣ ଖରାପ ନିବେଶ କହିବା କିମ୍ବା ସମ୍ପୂର୍ଣ୍ଣ ବର୍ଷ ପାଇଁ ଏହାକୁ କିଣିବା ବନ୍ଦ କରିବା ଠିକ୍ ନୁହେଁ। ସୁନା କ୍ରୟ ଉପରେ ଅସ୍ଥାୟୀ ନିୟନ୍ତ୍ରଣ ପାଇଁ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ମୁଖ୍ୟତଃ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଥିଲା। ଏହା ଦେଶର ବୈଦେଶିକ ମୁଦ୍ରାକୁ ବଞ୍ଚାଇବା, ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା, କଳାଧନକୁ ରୋକିବା ଏବଂ ଉତ୍ପାଦକ ନିବେଶ ବୃଦ୍ଧି କରିବା ପାଇଁ ଥିଲା। ଯଦିଓ ସୁନା ଭାରତୀୟ ସଂସ୍କୃତିର ଏକ ଅଂଶ, ଏହାର ଅତ୍ୟଧିକ ଆମଦାନୀ ଦେଶ ଉପରେ ଆର୍ଥିକ ଚାପ ପକାଇଥାଏ। ତେଣୁ, ଏହି ସଙ୍କଟ ସମୟରେ, ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଭଲ ବୁଝାମଣା ସହିତ ଏହି ପଦକ୍ଷେପ ନେବା ବୁଦ୍ଧିମାନର କାର୍ଯ୍ୟ ହେବ କହିଲେ ଅତ୍ୟୁକ୍ତି ହେବନାହିଁ ।

+ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬



# ବିଷ୍ଣୁପ୍ରିୟା : ଓଡ଼ିଶାର 'ନାଇଟେଙ୍ଗଲ୍'

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

୧୯୪୭ ମସିହା ଦ୍ୱିତୀୟାର୍ଦ୍ଧ । ସ୍ୱାଧୀନତାର ସ୍ୱାଦକୁ ଦେଶବାସୀ ଠିକ୍ ଭାବେ ଅନୁଭବ କରିପାରିନଥାନ୍ତି । ସେତିକିବେଳେ, ରକ୍ଷଣଶୀଳ ଓଡ଼ିଆ ସମାଜରେ ଜଣେ ୨୧ ବର୍ଷିୟା ଝିଅ ସୁଦୂର ଦିଲ୍ଲୀ ଯାଇ ନର୍ସିଂ ଭଳି ପେସାର ତାଲିମ୍ ନେବା କିଛି କମ୍ କଥା ନଥିଲା । ଏହି ଝିଅ ଜଣକ ଅନ୍ୟ କେହି ନଥିଲେ - ସେ ଥିଲେ ଓଡ଼ିଶା ନର୍ସିଂ ସମାଜର କୁଳବୃଦ୍ଧା ବିଷ୍ଣୁପ୍ରିୟା ମହାନ୍ତି । ବିଷ୍ଣୁପ୍ରିୟାଙ୍କ ପଦକ୍ଷେପକୁ ସେତେବେଳେ କେବଳ ଯେ ସମାଲୋଚନା କରାଯାଇଥିଲା, ତା ନୁହେଁ; ପରିବାରକୁ ମଧ୍ୟ ଅନେକ ପ୍ରକାର କୁତ୍ସାରଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ହେଲେ ସମଗ୍ର ସମାଜର ଉନ୍ନତି ପାଇଁ ସଂକଳ୍ପ ବଦ୍ଧ ହୋଇଥିବା ବିଷ୍ଣୁପ୍ରିୟା ଏ ସବୁକୁ ଆଡ଼େଇ ଦେଇ ଆଗେଇ ଯାଇଥିଲେ; ଆଉ ରଖି ଯାଇଥିଲେ ସବୁ କ୍ଷେତ୍ରରେ ପ୍ରଥମ ହେବାର ଅନନ୍ୟ ଉଦାହରଣ । ପ୍ରଥମ ଓଡ଼ିଆ ନର୍ସିଂ ଛାତ୍ରୀ, ପ୍ରଥମ ମାଟ୍ରନ୍, ପ୍ରଥମ ଚିଫ୍ ମାଟ୍ରନ୍, ପ୍ରଥମ ପ୍ରିନ୍ସପାଲ ଟ୍ୟୁଟର୍, କଲେଜ୍ ଅଫ୍ ନର୍ସିଂର ପ୍ରଥମ ଅଧ୍ୟକ୍ଷା ଓ ଏମିତି ଅନେକ ପ୍ରଥମ । କୁହାଯାଏ ପ୍ରଥମ ହେବାଟା ଯେତିକି କଷ୍ଟ, ପ୍ରଥମ ସ୍ଥାନକୁ ବଜାୟ ରଖିବା ତା ଠାରୁ ଢ଼େର୍ ଅଧିକ କଷ୍ଟ । ହେଲେ, ବିଷ୍ଣୁପ୍ରିୟା କେବଳ ଯେ ପ୍ରଥମ ହୋଇଥିଲେ ତା ନୁହେଁ, ଶେଷ ପର୍ଯ୍ୟନ୍ତ ନିଜର ପ୍ରଥମ ସ୍ଥାନକୁ ବଜାୟ ରଖିଥିଲେ। ଦିଲ୍ଲୀର ରାଜକୁମାରୀ ଅମ୍ରିତା କୌର କଲେଜ୍ ଅଫ୍ ନର୍ସିଂ (ଦିଲ୍ଲୀ କଲେଜ ଅଫ୍ ନର୍ସିଂ ଭାବେ ପରିଚିତ)ରୁ ବିଏସ୍‌ସି ନର୍ସିଂ ଓ ପରେ ଏମ୍.ଏସ୍‌ସି ନର୍ସିଂ ଶିକ୍ଷା ଗ୍ରହଣ କରିଥିଲେ । ଶିକ୍ଷା ଶେଷ ହେବା ପୂର୍ବରୁ ବିଷ୍ଣୁପ୍ରିୟାଙ୍କୁ ସୁଯୋଗ ମିଳିଥିଲା ଦିଲ୍ଲୀର କେତେକ ପ୍ରତିଷ୍ଠିତ ଚିକିତ୍ସାଳୟରେ ଯୋଗଦେବାକୁ । ଅନ୍ୟ କେହି ହୋଇଥିଲେ ବ୍ୟକ୍ତିଗତ ପ୍ରତିଷ୍ଠା ସମ୍ପନ୍ନତା ପାଇଁ ଏହାକୁ କେବେ ହାତଛଡ଼ା କରିନଥାନ୍ତା । ହେଲେ ନିଜ ରାଜ୍ୟର ଅସହାୟ ରୋଗୀମାନଙ୍କ ସେବା କରିବାକୁ ଯିଏ ସଂକଳ୍ପବଦ୍ଧତାକୁ ଏ ସବୁ ଲୋଭ ଅଟକାଇପାରିଥାଆନ୍ତା ବା କେମିତି ? ଶିକ୍ଷା ସମାପ୍ତିରେ ବିଷ୍ଣୁପ୍ରିୟା ବାଛି ନେଇଥିଲେ ଓଡ଼ିଶାକୁ ନିଜର କର୍ମଭୂମି (ବରଂ ସେବା ଭୂମି କହିଲେ ଅଧିକ ଉପଯୁକ୍ତ ହେବ) ଭାବେ ।

ଏସ୍‌ସିବିରୁ ପ୍ରଥମ ଓଡ଼ିଆ ନର୍ସ ଭାବେ କାର୍ଯ୍ୟ ଆରମ୍ଭ କରିବା ସହିତ ଓଡ଼ିଆ ଝିଅମାନଙ୍କୁ ଅଧିକରୁ ଅଧିକ ଏହି ପେସାପ୍ରତି ଆକୃଷ୍ଟ କରାଇବାର ଉଦ୍ୟମ ଆରମ୍ଭ କରିଦେଇଥିଲେ । ପଦୋନ୍ନତି ଓ ନିଷ୍ପତ୍ତି ନେବାର କ୍ଷମତା ମିଳିବା କ୍ଷଣି ଓଡ଼ିଆ ଝିଅମାନଙ୍କୁ ବାଙ୍ଗାଲୋର, ଭେଲୋର, ଦିଲ୍ଲୀ ଓ ମାଡ୍ରାସ୍‌ର ଚିକିତ୍ସାଳୟକୁ ପାଠଇ ଉନ୍ନତ ସ୍ତରରେ ନର୍ସିଂ ତାଲିମ ଦିଆଇବାରେ ମଧ୍ୟ ସେ କେବେ କୌଣସି ସୁଯୋଗ ହାତଛଡ଼ା କରିନଥିଲେ । ସେଇଥିପାଇଁ 'ବଡ଼ ଦିଦି' ବୋଲି ସମ୍ବୋଧନ କରୁଥିଲେ ବି ଅଧିକାଂଶ ସେବିକା ତାଙ୍କୁ ନିଜ ମା' ଭଳି ଦେଖୁଥିଲେ । ସେ ମଧ୍ୟ ମାତୃବତ୍ ସ୍ନେହ ଦେବାରେ କେବେ କାର୍ପଣ୍ୟତା ଦେଖାଇ ନଥିଲେ । ଚାକିରି କାଳରେ ନର୍ସିଂ ସେବାକୁ ଅଧିକ ଲୋକାଭିମୁଖୀ କରାଇବା ସହ ନର୍ସିଂ କଲେଜ ପ୍ରତିଷ୍ଠା ଭଳି ବହୁ ଯୁଗାନ୍ତକାରୀ ପଦକ୍ଷେପ ତାଙ୍କ ଧ୍ୱଜା ତଳେ ନିଆଯାଇଥିଲା । ଚାକିରିର ଶେଷ ସମୟରେ ବହୁଉଚ୍ଚ ପଦସ୍ଥ ଅଧିକାରୀ ଚାକିରିକାଳକୁ ବଢ଼ାଇବା ପାଇଁ ସରକାରଙ୍କ ଦ୍ୱାରସ୍ଥ ହେଉଥିବା ବେଳେ ବିଷ୍ଣୁପ୍ରିୟାଙ୍କ କ୍ଷେତ୍ରରେ ଠିକ୍ ତାର ଓଲଟା ଘଟିଥିଲା । ସରକାରଙ୍କ ପକ୍ଷରୁ ତାଙ୍କୁ ନିବେଦନ କରାଯାଇଥିଲା ଆଉ ଦୁଇ ବର୍ଷ ଅଧିକ ସେବା କରିବାକୁ । କହିବା ଅନାବଶ୍ୟକ ହିମାଳୟ ପରି ତାଙ୍କର ପ୍ରଚଣ୍ଡ ପ୍ରତିଭା ଓ ନର୍ସିଂ ସେବା ପ୍ରତି ତାଙ୍କର ସମର୍ପଣ ଭାବ ଯୋଗୁଁ ସରକାରଙ୍କ ପକ୍ଷରୁ ନିୟମର ଏଭଳି ପରିବର୍ତ୍ତନ କରାଯାଇଥିଲା । ଅବସର ନେବା ପରେ ମଧ୍ୟ ବିଷ୍ଣୁପ୍ରିୟା ଚୁପ୍ ହୋଇ ବସିନଥିଲେ । ନିଜ ଉଦ୍ୟମରେ 'ଲିଟିଲ୍ ବାର୍ଡ୍ସ' ନାମକ ସ୍କୁଲ ଖୋଲିବା ସହ ଶେଷ ସମୟ ପର୍ଯ୍ୟନ୍ତ 'ଉପେନ୍ଦ୍ର ଟ୍ରଷ୍ଟ କଲେଜ୍ ଅଫ୍ ନର୍ସିଂ'ର ନିର୍ଦ୍ଦେଶିକା ଭାବରେ କାର୍ଯ୍ୟ କରୁଥିଲେ । ବିଷ୍ଣୁପ୍ରିୟାଙ୍କ ସମାଜ ସେବାର କାହାଣୀ ବଖାଣି ବସିଲେ ସମୟ ଓ କାଗଜ କମ୍ ପଡ଼ିଯିବ। ଓଡ଼ିଶା ନର୍ସିଂ ସେବାର ଏହି କୁଳବୃଦ୍ଧାଙ୍କର ପରଲୋକ ହୋଇଥିଲେ ବି ନର୍ସିଂ ସେବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଓଡ଼ିଶାର ସେବିକା ସମାଜ ପାଇଁ ସେ ସର୍ବଦା ଆଦର୍ଶ ଓ ପ୍ରେରଣାର ମାର୍ଗଦର୍ଶିକା ହୋଇ ରହିବେ।

+ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୭

### ଅନ୍ତର୍ଜାତୀୟ ନର୍ସ ଦିବସ

ସମାଜକୁ ନର୍ସଙ୍କ ଅବଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ସମଗ୍ର ବିଶ୍ୱରେ ପ୍ରତି ବର୍ଷ ମେ ୧୨ ତାରିଖ ପାଳନ କରାଯାଏ ଅନ୍ତର୍ଜାତୀୟ ନର୍ସ ଦିବସ। ୧୯୬୫ ମସିହାରୁ ଇଣ୍ଟରନ୍ୟାସନାଲ କାଉନ୍‌ସିଲ ଅଫ୍ ନର୍ସେସ ଏହି ଦିବସ ପାଳନ କରିଆସୁଛି। ଆମେରିକୀୟ ସ୍ୱାସ୍ଥ୍ୟ, ଶିକ୍ଷା ଓ କଲ୍ୟାଣ ବିଭାଗର ଅଧିକାରୀ ଡୋରୋଥି ସଦରଲ୍ୟାଣ୍ଡ ୧୯୫୩ ମସିହାରେ ନର୍ସ ଦିବସ ପାଳନ ପାଇଁ ରାଷ୍ଟ୍ରପତିଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସ୍ୱୀକୃତି ମିଳିନଥିଲା। ୧୯୭୪ ମସିହା ମେ ୧୨ ତାରିଖ ଫ୍ଲୋରେନ୍ସ ନାଇଟ୍‌ଇନଜେଲ୍‌ଙ୍କ ଜନ୍ମ ଜୟନ୍ତୀକୁ ନର୍ସ ଦିବସ ପାଳନ ନିମନ୍ତେ ଘୋଷଣା କରାଗଲା। ତାଙ୍କୁ ଆଧୁନିକ ନର୍ସିଂର ପ୍ରତିଷ୍ଠାତା କୁହାଯାଏ। ପ୍ରତିବର୍ଷ ଇଣ୍ଟରନ୍ୟାସନାଲ କାଉନ୍‌ସିଲ ଅଫ୍ ନର୍ସେସ ଏହି ଦିବସର କିଟ୍ ପ୍ରସ୍ତୁତ କରି ବାଣ୍ଟିଥାଏ। ଏହି କିଟ୍‌ରେ ନର୍ସଙ୍କ ଦ୍ୱାରା ବ୍ୟବହୃତ ଶୈକ୍ଷିକ ଓ ଜନସାଧାରଣ ସୂଚନା ସମ୍ପର୍କିତ ବସ୍ତୁ ଥାଏ।

### କବିତା କୋଣାର୍କ

## ଜଳୁଛି ନିରବେ ମୋ ମନରେ ନିଆଁ

### ନୀଳମଣି ଚାନ୍ଦ



ଜଳୁଛି ନିରବେ ନିଆଁ ମୋ ମନରେ
ଲିଭେନି କେବେ ସେ ନିଆଁ
ଭାବେ ଜନମ
ମୋ ଭୋଗିବା ପାଇଁକି
ସାରା ଜୀବନ ତା ଚିଆଁ।

ସବୁ ଆସୁଥିଲେ
ଦେଖି ଫେରୁଥିଲେ
ଲିଭେଇଲେନି କେ ଥରେ
ଭାବି ତ ନ ଥିଲି ଏମିତି ଜଳୁଛି
ଲିଭିବି କେମିତି ପରେ
ନ ବଢ଼ାଅ ପଛେ ସହଯୋଗ ହାତ
ଉପହାସ କର କିଆଁ।

ଅଭିଶାପ ଭରା ଜୀବନରେ ମୋ'ର
ଆଶିଷ ପଡ଼େନି ଝରି
ଅଭିଶପ୍ତ ମୁଁ ଅଛି କେଉଁ କାଳୁ
ଗନ୍ଧର୍ବଟିଏ ପରି
ଲିଭେଇ ହୁଏନି ସେ ଏମିତି ଜଳେ
ମନ ଭିତରେ ସେ ନିଆଁ।

+ମନ୍ତ୍ରମାନୋର,
ଗୋଠପାଟଣା, ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

## ମା 'ଓ ମମତା

### ବସନ୍ତ କୁମାର ପ୍ରଧାନ

ମମତାର ମୂଲ୍ୟ କେ' ଦେଇ ପାରିବ
ମା'ପରି ହେବ କିଏ ?
ମା' ଓ ମମତା ଗୋଟିଏ ମୁଦ୍ରାର
ଦୁଇ ଗୋଟି ପାର୍ଶ୍ୱ ସିଏ ।

ମା ମମତାର ଅକ୍ଷୟ ଭଣ୍ଡାର
ସେ ସୀମାହୀନ ସାଗର
ଆମ ଜୀବନରେ ବହୁଥାଏ ସଦା
ସ୍ନେହ ପ୍ରେମ ମଧୁ ଝର ।

ଗଙ୍ଗାଜଳ ପରି ତା'ମନ ପବିତ୍ର
ଚଳଣି ତା' ସାଦା ସିଧା
ବନ୍ଧାକୋବି ପରି ମାତୃତ୍ୱ ତାହାର
ସ୍ନେହ ପ୍ରେମେ ସଦା ବନ୍ଧା ।



କୋଳରେ ତାହାରି ଝରେ ସ୍ୱର୍ଗ ସୁଖ
କର ସ୍ପର୍ଶରେ ଚନ୍ଦନ
ଅଭୟ ଦାୟିନୀ ତା' ପଣତକାନି
କରଇ ଦୁଃଖ ମୋଚନ ।

ତା 'ପାଖରେ ମାୟା ରହିଥାଏ ଦୟା
ସେ ପୁଣି ବିଶ୍ୱଜନନୀ
ସେ ସ୍ୱୟଂ ସଂପୂର୍ଣ୍ଣା ବିଚିତ୍ରବର୍ଣ୍ଣା
ସେ ଆମ ସୃଷ୍ଟିକାରିଣୀ ।

ମା' ମମତାରେ ନଥାଏ ଛଳନା
ନାହିଁ ପକ୍ଷପାତ ନୀତି
ସମତାରେ ସ୍ଥିତ ଯୋଗୀଟିଏ ପରି
ଅଟେ ସେହି ମହାମତି ।

ମା' ହିଁ ଆମର ପରିଚୟ ପତ୍ର
ବାପା ଅଟନ୍ତି ଆଧାର
ବାପାର ହୃଦୟ ହେଲେ ହିମାଳୟ
ମା' ଅଥଳ ସାଗର ।

ମମତା ବନ୍ଧନ ଦୃଢ଼ ଆକର୍ଷଣ
କିଏ ବା ପାରିବ ଭୁଲି
ମାଆର ଡାକରେ ଟଳଇ ବିପତ୍ତି
ନେବା ତା'ର ପାଦ ଧୂଳି ।

+ହରିହରପୁର,
ଛେଣ୍ଡିପଦା, ଅନୁଗୋଳ
ମୋ -୭୭୩୫୬୧୧୪୮୪

## ଆମ୍ବ ଗୋଟାଉଥିବା ବୁଢ଼ୀମାଉସୀ ପାଇଁ କବିତାଟିଏ

### ଡ. ଦୀପକ କୁମାର ମିଶ୍ର



ସେ ବୁଝୁନଥିଲା କେଉଁ ଆମ୍ବ ମିଠା,
କେଉଁ ଆମ୍ବ ଖଟା
ସେ ବୁଝୁନଥିଲା ଏଇଟା କାହା ବାଡ଼ି,
କାହାର ବଗିଚା ।

ତଥାପି ମନେ ହେଉଥିଲା
ଜୀବନଗଛରୁ ଦୁଃଖ ଗୋଟେଇବା ଅପେକ୍ଷା
ଆମ୍ବଗଛ ମୂଳରୁ ଆମ୍ବ ଗଣ୍ଡେ ଗୋଟାଇବା
ନିହାତି ସହଜ ଥିଲା
ହେଉପଛେ ଆଉ କାହା ଚଉହଦିରେ
ଅଜ୍ଞତାର ଅନୁପ୍ରବେଶରେ ଦଖଲଟିଏ କରି ।

ବୁଢ଼ୀମାଉସୀର ବୟସ ପାଖାପାଖି ଷାଠିଏ
ଆମ୍ବଗଛର ବୟସ ବି ପ୍ରାୟ କୋଡ଼ିଏ
ଜୀବନଝଡ଼ ଉଡ଼େଇପାରିନି ଶିରାଳ ଦମ୍ଭକୁ
ଯଦିଓ ଗଲାରାତିର ବର୍ଷାଝଡ଼କୁ ସହିପାରିନି
ଜୁଆନ୍ ଗଛର ନହନହକା ଶାଖା, ଡାଳପତ୍ର ।

ମାଟିମୁହାଁ ଜୀବନରେ ଆକାଶ ଦେଖିବା ମନା
ନୁଆଣି ଅଣ୍ଟାର କାନିକୁଞ୍ଚ ମୁଣିରେ ଲୁଚେଇ
ଆମ୍ବ ଗୋଟାଇବାକୁ
ଅପରାଧ ଶ୍ରେଣୀଭୁକ୍ତ କରିବା
ହୋଇପାରେ ଆଉ ଗୋଟେ
ଧର୍ତ୍ତବ୍ୟ ଅପରାଧର
ନୈତିକତାର ନୂଆ ଏକ ସଂଜ୍ଞା ।

ଭାବୁଥିଲି ସେମିତି ପ୍ରତିଟି ରାତିରେ
ମୃଦୁଝଡ଼ଟିଏ ଆସୁ
ଅଳ୍ପ ଅଳ୍ପ ପାଚିଲା, ଦରପାଚିଲା
ଆମ୍ବ ସବୁ ଝଡ଼ିପଡୁ
ବୁଢ଼ୀମାଉସୀ ଜଣକ ପ୍ରତିଟି ସକାଳରେ
ଆସୁ ଆମ୍ବ ଗୋଟାଉ
ମାଟିମୁହାଁ ହେଉ
ଲାଜୁଆ କାନିକୁଞ୍ଚରେ ତଉଲୁଥାଉ
ଦରଦ ଓ ଦରବର ମୂଲ୍ୟ
ଆଉ ମୁଁ ଦେଖି ନଦେଖିଲା ପରି
କଷୁଥାଏ ଅଧାବୁଝା ଜୀବନଗଣିତକୁ
ମୌନ ମନରେ ଫରକ୍ ମାପୁଥାଏ
ଝଡ଼ିପଡ଼ିବାର ଦୁଃଖ
ଆଉ ଗୋଟାଇବାର ଦୁଃଖ ମଧ୍ୟରେ ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ତୁ ଅଛୁ ବୋଲି

### ସମୀର କୁମାର ମହାମଲ୍ଲୀକ

ତୁ ଅଛୁ ବୋଲି ତ
କବିତା ଅଛି, ଭାବ ପ୍ରବଣତା ଅଛି
କବିତାମନସ୍କ ମନଟିଏ ଅଛି
ବିଚ୍ଛେଦର ଦୁଃଖ ଅଛି,ମିଳନର ସ୍ୱାଦ ଅଛି
ଅଭିମାନର ପାହାଡ଼ ଭରା ଅଭିଯୋଗ ଅଛି ।
ଜନ୍ମ ଅଛି ମୃତ୍ୟୁ ଅଛି,
ପ୍ରତ୍ୟୟ ଓ ପ୍ରତାରଣା ଅଛି ।

ତୁ ନ ଥିଲେ, କିଛି ବି ନଥାନ୍ତା
ନ ଥାନ୍ତା ପ୍ରେମ, ନ ଥାନ୍ତା ବିରହ
ନ ଥାନ୍ତା ପାଇବାର ଉତ୍କଣ୍ଠା
ନା ଥାନ୍ତା ଉନ୍ମାଦନା, ନ ଥାନ୍ତା ଉତ୍ତେଜନା !

ନ ଥିଲେ ତୁ, ବହୁନଥାଆନ୍ତା ନଈ
ଫୁଟୁ ନ ଥାନ୍ତା ଫୁଲ,
ଆକାଶେ ନ ଥାନ୍ତା ନୀଳିମା କି
ତରଙ୍ଗାୟିତ ନ ହୁଅନ୍ତା ସାଗର
ସୂର୍ଯ୍ୟରେ ନ ଥାନ୍ତା ଆଭା ଜ୍ୟୋତି ଓ ଦ୍ୟୁତି
ଚନ୍ଦ୍ରରେ ନ ଥାନ୍ତା ଶୀତଳତା ଓ
ଚନ୍ଦ୍ରିକା ମହୋତ୍ସବ
ବନସ୍ପତିର ଶାଖାରେ ଏତେ
ସବୁଜିମା ନ ଥାନ୍ତା କି,
ଶିଳା ଭିତରେ ଶାଳଗ୍ରାମ
ଗପ ଲେଖା ନଥାନ୍ତା ।

ଅନୁଭୂତିର ଭରପୁର ସ୍ୱାଦ
କିଏ ଚାଖି ପାରନ୍ତା ?
କିଏ ଦିଅନ୍ତା ଏତେ ଏକାଗ୍ରତା ଓ
ସାମର୍ଥ୍ୟ ପଣର ଆତ୍ମବିଶ୍ୱାସ ମୋ' ଭିତରେ ।
ଜୀବନର ଧାରା ନିଆରା ଢଙ୍ଗରେ
ବହୁ ଥାଆନ୍ତା, ତୁ ନ ଥିଲେ
ଚିନ୍ତାର ପରିସର ବି ଏତେ
ବ୍ୟାପ୍ତ ହେଇ ନ ଥାନ୍ତା,
ତୁ ନ ଥିଲେ,
ମରଣ ଏତେ ସହଜ ହେଇ ନଥାନ୍ତା କି
ଜୀବନଟା ଏତେ କଣ୍ଟକିତ ହେଇ ନ ଥାନ୍ତା ।

+କୁସୁର୍ଡା, ସୋହେଲା, ବରଗଡ଼

## ମୁଠାଏ ମାତୃପ୍ରୀତି

### ସୁଜିତ୍ କୁମାର ମିଶ୍ର



॥ ଯନ୍ତ୍ରଣା ॥
ଓଜନିଆ ଲୁହା ଧରିଲେ ହାତରେ
ଯନ୍ତ୍ରଣାରେ ଜଳେ ମନ,
ସମ ଓଜନକୁ ମାଆ ସହେ ପେଟେ
ଦଶମାସ ଦଶଦିନ ।

॥ ଉଜାଗର ॥
ଦିନେ ଅନିଦ୍ରାରେ ଚିଡିଚିଡା ହୋଇ
ମନ ତୁମ ଅଗ୍ନିଘର ,
ତୁମ ଦେହେ ତାତି ରହୁଥିଲେ ମାଆ
ମାସ ମାସ ଉଜାଗର ।

॥ ଉପବାସ ॥
ପରଶି ଦିଏ ସେ ତୁମ ଭୋକ ପାଇଁ
ସବୁ ହୋଇଯାଏ ଶେଷ,
ସ୍ୱୟଂ ପେଟ ତାର ସୁସୁରି ବଜାଏ
ରହି ଖାଡା ଉପବାସ ।

॥ ଉପାସନା ॥
ମନ୍ଦିରକୁ ଯାଏ ଉପାସନା କରେ
ତୁମ ସୁଖ ଶିରୀ ପାଇଁ,
ସେ କିନ୍ତୁ ଶ୍ରୀହୀନ ତମାମ୍ ଜୀବନ
ଯେବେ ତୁମେ ସ୍ୱପ୍ନ ନଈ ।

॥ ଜନ୍ମଦିନ ॥
ମାଆ ପାଳେ ତୁମ ଜନମ ଦିନକୁ
ଏଠି ମହା ଆଡମ୍ବରେ,
ତୁମେ କିନ୍ତୁ ତାର ମରଣ ଦିନକୁ
ଗଣୁଥାଅ ଶଠତାରେ ।

+ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ବାଟବଣା

### ପ୍ରତିମା ମେହେର



ମୁକୁଳାଇ ଦେବି ମୋର
ସମସ୍ତ ଇଲାକାରୁ,
ମୋ ଛାତିର ସ୍ପନ୍ଦନ, ମୋ ପ୍ରଶ୍ୱାସର ତୀବ୍ରତା
ମୋ ଭାବନାର ସୀମା ସରହଦ !
ମୋ'ମନର ବ୍ୟାକୁଳତା !
ଫିଙ୍ଗି ଫୋପାଡ଼ି ଦେବି ଉଡ଼ାଇ
ଟିକ୍ ଟିକ୍ କରି

କୃଷ୍ଣଚୂଡ଼ା ଗଛ ମୂଳେ
ଗାଇବି ଗୀତଟିଏ, ଶୁଣିବ ପ୍ରଜାପତି
କହିଦେବି ପବନକୁ, ଆଉ ଆସେନାରେ
ପ୍ରାଣପ୍ରିୟ ପ୍ରେମିକର ବାରତା ନେଇ
ପରଦେଶୀ ଚଢ଼େଇ ଭୁଲିଯାଏ ବାଟ
ଭୁଲିଯାଏ ଭଅଁର
ଚୁମିଲେ ଓଠ !

ଲିଭି ଲିଭି ଆସୁଥିବା ବୟସ
ହରେଇଛି ଅଧିକାର !
ପ୍ରେମିକ ଏଠି ଯୁବା ବୟସ !
ପାହାଡ଼ ଫୁଟି ଝରଣା ତ ଝରିବ ହିଁ ଝରିବ
କୋଇଲି କେଉଁ ଏକ ତରୁ ଡାଳେ
ବିରହ ଗୀତଟି
ଗାଇବ ହିଁ ଗାଇବ ।

ସୂରୁଜ ଉଇଁଲେ କଇଁ
ଜାଗେ ପରା ଅନେକ ଭାବନା
କହିଦେବି, ବିଞ୍ଚନା ସୁନେଲି କିରଣ
ଅନ୍ଧାର ମୋର ସହଚରୀ ବୋଲି
ମୁଁ କେଉଁ ପାପ କଲି,
ପ୍ରିୟର ବଇରୀ ସାଜିଲି ।

ହିଁ ଚୁପ୍ ଥିବି, କହିବିନି
ଗହନ କଥା !
ପ୍ରେମ କେବେ ସଉଦା ନୁହେଁ,
ଛାତି ତଳେ ଛପି ରହେ,
ଆଉ କେବେ ପଚାରିବିନି ତୁମ ଗାଁ ଠିକଣା
ହୁଏ ପଛେ ଜୀବନରେ
ପ୍ରତି ମୁହୂର୍ତ୍ତରେ ବାଟବଣା ।

+ପାଟଣାଗଡ଼
ମୋ: ୮୯୦୮୭୫୫୭୦୫

## ବାଣ୍ଟଇ ସେନେହ

### ଜେନା ପ୍ରଦୀପ



ବାଣ୍ଟଇ ସେନେହ ଅକାତରେ ଖାଲି
ନରଖି କାମନା କିଛି
ଏମିତି ନାରୀକୁ ଠାକୁରେ ସେମିତି
ମାଆ ନାମ ଦେଲେ ବାଛି ।

ତାଙ୍କ ପ୍ରତିରୂପ ଅଟେ ପରା ମାଆ
ଜୀବନ୍ତ ଈଶ୍ୱରୀ ସିଏ
ମାଆ ନାମ ତୁଣ୍ଡେ ଧରିଲେ ଥରୁଟେ
ଦୁଃଖ ଦୂରେଇଯାଏ
ବୋଧ ଦିଏ ମାଆ ଉଦାସ ମୁହଁକୁ
ପଣତ କାନିରେ ପୋଛି ।

ସତ୍ୟ ପଥ ଛୁଡ଼ି ସନ୍ତାନ ତାହାର
ଦେଲେ ଅବାଟରେ ପାଦ
ନକରି କପଟ କରଇ ଆକଟ
କରେ ଦୂର ପରମାଦ
ମାତୃ ଋଣ ଭଲା ପାରଇ କେ ଶୁଝି
ଏପରି କିଏ ସେ ଅଛି ।

ମାଆର ସାନ୍ନିଧ୍ୟ ପାଉଛି ମୁଁ ବୋଲି
ହୁଏ ଅନୁଭବ ମୋତେ
ପାଦ ଖସେ ଯେବେ ପିଚ୍ଛିଳ ରାସ୍ତାରେ
ଧରେ ତା ' ଅଭୟ ହାତେ
ନଥାଇ ବି ମାଆ ଆଜି ମୋ ପାଖରେ
ସ୍ମୃତିରେ ରହିଛି ବଞ୍ଚି ।

+ଲକ୍ଷ୍ମୀପାଦ,ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର(ସିଡିଏ)
କଟକ,
ମୋ - ୯୯୩୮୫୨୦୩୭୧

## ପ୍ରୀତି କୋଣାର୍କ

### ଡ. ଶୁଭେନ୍ଦୁ ମେହେର

ଭଗ୍ନ ଶିଳାରେ ମଗ୍ନ ଭାବୁକ
ଫୁଟାଇଲା କଳା କୀର୍ତ୍ତି
ଶିଳା ଅଙ୍ଗରୁ ଉକୁଟି ଆସିଲା
ଚାରୁକଳା ରୂପବତୀ ।
ନିହାଣ କଠୋର କାଉଁରୀ ସ୍ପର୍ଶେ
ସ୍ୱେଦର ମଧୁର ସ୍ୱନ
ପୂର୍ଣ୍ଣାବତୀର ଲଳିତ ଶୃଙ୍ଗାର
ଅଧାଫୁଟା ଯଉବନ ।

ଉଦିତ ସୂର୍ଯ୍ୟର ପହିଲି ଚୁମ୍ବନ
ଚାରୁ ଚର୍ଚ୍ଚିତ ମାଳା
ଶିଳା ଅଙ୍ଗରୁ ଫୁଟାଇଥିଲା ସେ'
ପୂର୍ଣ୍ଣ ଚମକ କଳା ।
ମନ ବୈରାଗ୍ୟର ଦୃଢ ଅନୁରାଗ
ସ୍ୱପ୍ନ ତ ମାଳ ମାଳ
ପ୍ରତି ଚିତ୍ରରେ ଚଉଷଠି ବନ୍ଧ
ଶିଳ୍ପୀର ପ୍ରୀତିଫୁଲ ।

ହସି ହସି ତହିଁ ଶିଳ୍ପୀ କୁମାର
ଜୀବନ ଦିଏ ଆହୁତି
ମୁକ୍ତ ଗଗନ ଚୂର୍ଣ୍ଣ କୁନ୍ତଳ
ଷୋଡଶୀ ତରୁଣୀ ଛାତି ।
ପାଦରେ ଘୁଙ୍ଗୁର କଟିରେ
ମେଖଳା ଦ୍ରାକ୍ଷା ଲତାର ଦେହ
ଅନ୍ଧାର ମିଶା କଳା କର୍ପୂର
ବାସେ ଆଜି ମହ ମହ ।

ଅଙ୍ଗ ସୁଷମାର ଶିଳାପଦ୍ମରେ
ଶୃଙ୍ଗାରର ରତି ରସ ।
ଆମ ପାଇଁ ଦେଇ କଳାର ଚାତୁରୀ
ଶିଳ୍ପୀ ପିଇଛି ବିଷ ।

+ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

## ଦିଅ ବାରେ ଦରଶନ

### ପ୍ରଶାନ୍ତ କୁମାର ନାୟକ



ଆମ ଦୁହିଁଙ୍କର ଅଦ୍ଭୁତ ସଂଯୋଗ
ଶୁଣ ଆହେ ମହାବାହୁ ,
ଆଖିରୁ ଝରେ ମୋ ଶ୍ରାବଣର ଧାରା
ତୁମ କଥା ଭାବୁଭାବୁ ।

ଦେଖିନି ତୁମକୁ କେବେ ମହାପ୍ରଭୁ
ତୁମେବିତ ହୋଇନ କଥା ,
କାହିଁକି ତଥାପି ଜଣାଏ ତୁମକୁ
ଅନ୍ତରର ଯେତେ ବ୍ୟଥା ।

ଅନୁଭବ କରି ଜାଣି ମୁଁ ପାରୁଛି
ରହିଛ ତୁମେ ମୋ ସାଥେ ,
ଅପରାଧ ମୋର ଭୁଲିଯାଇ ତୁମେ
କ୍ଷମା କରିଦେବ ମୋତେ ।

ଆଖି ଦେଖୁଥାଉ ତୁମ ଦିବ୍ୟରୂପ
କାନ ଶୁଣୁ ତୁମନାମ,
ତୁମ ଶୁଭାଶିଷ ଥାଉ ମୋ ଉପରେ
ସାର୍ଥକ ହେଉ ମୋ ଜନ୍ମ ।

ଲୁଚକାଳି କାହିଁ ଖେଳୁଛ ମୋ ସାଥେ
ଦିଅ ବାରେ ଦରଶନ ,
ଶ୍ରୀ ପୟର ତୁମ ଧୋଇଦେବି ପ୍ରଭୁ
ଅଶ୍ରୁଜଳ ଦେଇ ମୋର ।

+ୟୁନିଟ୍-୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

## କ୍ରାନ୍ତିପଥ ଅଭିଯାତ୍ରୀ

### ବେଣୁଧର ସୂତାର

କ୍ରାନ୍ତି ପଥର ଅଭିଯାତ୍ରୀ ଆମେ
ବିକ୍ଷିପ୍ତ ମନରେ ଆଶା ଉଜ୍ଜଳେ
ଚାଲୁଛୁ ଚାଲିବୁ ଦୁର୍ବାର ସଙ୍କଳ୍ପେ
ସମନ୍ୱୟ ସୂତ୍ର ସାଧନା ବଳେ ।

ଦିଗନ୍ତ ବିସ୍ତାରି ଆଶା ଅସୁମାରୀ
ସମୟ ସ୍ରୋତରେ କର୍ତ୍ତବ୍ୟ ସାଥେ
ସୁଖ ଦୁଃଖ ମିଶା ଜୀବନର ଭାଷା
ଆକାଂକ୍ଷାର ନବ ଉନ୍ମେଷ ପଥେ ।

ଅନେକ ଭାବନା ଅଦମିତ ଆଶା
ରୋକିପାରିନାହିଁ ସଂକଳ୍ପ ପଥ
ଦେହ ଦେହଳୀରେ ବନ୍ଦୀ ହୋଇ ନାହିଁ
ମାୟା ପ୍ରଲେପରେ ଏ ପୁରୁଷାର୍ଥ ।

ଭଗ୍ନ ସମାଜର ନଗ୍ନ ପରିବେଶ
ଭୋକ ଭୂଗୋଳର କରାଳ ହସ
ବ୍ୟଭିଚାର ଆଉ ବିଭିଷିକା ଘେରା
ଛଳନା ମାୟାରେ ସାଜିନୁ ଦାସ ।

ନୈରାଶ୍ୟ ବୋଧର ପ୍ରତିଫଳନରେ
ଜୀବନ ଯା ପାଇଁ ଆଜି ବିକଳ
ପୁଞ୍ଜିପତି ଆଉ ବର୍ଜୁଆଙ୍କ ହାତେ
ଗଣତନ୍ତ୍ର ଆଜି ଖେଳୁଛି ଖେଳ ।

କେଉଁ ଦୋଷବଳେ ଭୋଗୁଛୁ ଆମେରେ
ନିଦାରୁଣ ଦୁଃଖ ଯନ୍ତ୍ରଣା ଏତେ
ଗଙ୍ଗାଜଳ ପରି ଶୁଦ୍ଧ ଆଶାକରି
ମୃଗତୃଷ୍ଣା ପଥେ ଧାଉଛେ ସତେ ।

ମନରେ ଜଳୁଛି ବିପ୍ଳବର ନିଆଁ
ନବୀନ କ୍ରାନ୍ତିର ଆଶା ଉଜ୍ଜଳେ
ଅନ୍ଧ ଆଇନର ବନ୍ଧ ଭାଙ୍ଗିଦେବା
କୋଟି ଜନତାର ସଂଗ୍ରାମ ବଳେ ।

ଭ୍ରଷ୍ଟାଚାର ଆଉ ମହା ଦୁର୍ନୀତିର
ସମୂଳେ କରିବା ମୂଳୋତ୍ପାଟନ
ଦୁର୍ବାର ସଂକଳ୍ପେ ସଂଗ୍ରାମର ପଥେ
ଆଗେଇ ଆସ ହେ ଶୋଷିତ ଜନ ।

ନବ ସଂକଳ୍ପରେ କ୍ରାନ୍ତିର ଝଙ୍କାରେ
ଅନ୍ଧାରି ଶାସନ ହେବ ପତନ
ସାମ୍ୟ ବାଦର ଏ ଛତ୍ରଛାୟା ତଳେ
ଆମେରେ ସଭିଏଁ ହେବା ସମାନ ।

କଙ୍କାଳ ଓଠରେ ହସ ଉକୁଟିବ
ଦଳିତ ପ୍ରାଣରେ ସ୍ପନ୍ଦନ ତୋଳି
ଆସିବରେ ଉଠି କ୍ରାନ୍ତିର ସୂରୁଜ
ଶାନ୍ତି ପ୍ରୀତି ମୈତ୍ରୀ ମୟୂଖ ବୋଳି ।

କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬

## ଚିପୁଡ଼ା ବାଦଲରୁ ବର୍ଷା କେଇ ବୁନ୍ଦା

### ତାରାପ୍ରସାଦ ଜେନା

ଚିପୁଡ଼ା ବାଦଲରୁ ବର୍ଷା କେଇ ବୁନ୍ଦା
କନ୍ଦେଇ ମାରିବାଟା ଲଗେଇଛି ଧନ୍ଦା
ଚିପୁଡ଼ା ବାଦଲରୁ ବର୍ଷା କେଇ ବୁନ୍ଦା ।

ଆଗକୁ ମୁହଁ କରି ରହିଯାଏ ପାଦ
ନୀରବ ଆଢ଼େଇକି ଖୋଜେ ଖାଲି ବାଦ,
ଅନ୍ଧାର ଆଲୁଅକୁ ମନେ ମନେ ଡାକେ
କିଏସେ ନିରବଧି ସତେ କାଳେ ଠକେ,
ଏମିତି ମରମକୁ ଦିଏ ଖାଲି ନିନ୍ଦା
ଚିପୁଡ଼ା ବାଦଲରୁ ବର୍ଷା କେଇ ବୁନ୍ଦା ।

ଝାପସା ସ୍ମୃତି ଖେଳ ପଛ ସବୁ ଲୋଡ଼େ
ଲୁହରେ ହସଖୁସି ମନ କଥା ଯୋଡ଼େ,
ଆପଣା ବିଶ୍ୱାସର କୁଳୁ କୁଳୁ ନଈ
ସାଗର ପାଇବାକୁ ଆକୁଳରେ ବାଇ,
ସନ୍ଦେହ ହାଇମାରି ଦେଇଥିଲା ଖୁନ୍ଦା
ଚିପୁଡ଼ା ବାଦଲରୁ ବର୍ଷା କେଇ ବୁନ୍ଦା ।

+ରଣପୁର, ଜିଲ୍ଲା-ନୟାଗଡ଼
ମୋ: ୯୩୪୮୦୫୪୩୦୦

## ଜିତୁ ମୁଣ୍ଡା

### କ୍ଷଣପ୍ରଭା ମହାନ୍ତି



ମୁଁ ଜାଣେନି ଗୋ ବାବୁ ତୁମ
ଆଇନ୍ କାନୁନ୍ ନିତି ନିୟମର କଥା
ବହୁତ୍ ଭୋଗିଲି ତୁମ
ରାଜନୀତିର ଅନୁକମ୍ପା ।

ମାଗିଥିଲି ପେଟପାଇଁ ଭୋକ କେଇ ମୁଠା
ଆମେ ମାଟିର ମଣିଷ,ଏ ମାଟିରେ ଆମେ
ସୁନା ଫଳେଇବୁ,ଏଇ ମାଟିର
ପରିଚୟ ଦେବୁ ।

ଆମେ ନାଇଁ କିଣି ପାରିବୁ ବାବୁ
ଲକ୍ଷ ଲକ୍ଷ ଇଚ୍ଛା ମାନଙ୍କର ଅୟୁତ ଅୟୁତ
ଅଭିପ୍ସା, ହେଲେ ବଣ ପାହାଡ଼ର ବିସ୍ତାରିତ
ଛାତି ପାଇଁ ଆମର ଅଛି
ମହାର୍ଘ ଆକର୍ଷଣ ।

ଏଇଠି ଆମ ପ୍ରକୃତି ଖଞ୍ଜିଛି ଆମ୍ଭତା ଝିନୀର
କୁହୁକ ପେଡ଼ି, ଖଟିଲେ ଖାଇବୁ
ଖୋଜିଲେ ପାଇବୁ ତଥାବି ଆମର ବଳକା
ଆୟୁଷ ନିଲାମ ହୁଏ ।

ମୋ ପରି ସହ ସହ ଜିତୁ ମୁଣ୍ଡା ମାନେ
କଙ୍କାଳକୁ ପିଠିରେ ବୋହି ନିଜର
ହକ୍ ମାଗନ୍ତି, ଯୋଉଠି ମରିଯାଏ
ମାନବିକତା ସେଠି କଙ୍କାଳ ବି
କହିପାରେ କଥା ।

+ନୀଳାଦ୍ରି ନଗର, ଖଣ୍ଡଗିରି
ମୋ: ୯୪୩୭୦୨୭୧୬୧

## ସେ ଦିନ ମଜୁରିଆ

### ରିକ୍ଷୀରାମ ମେହେର



ସେଇ ମଣିଷ,
ଯିଏ ଆଲିସାନ ସହରରେ
ପ୍ରତିଦିନ ରକ୍ତକୁ ପାଣି କରେ,
ତା ଆଙ୍ଗୁଠିର କଳା ଚିହ୍ନରେ
ଧନୀମାନଙ୍କ ସୌଖୀନ କାନ୍ଥର ଚମକ ବଢ଼େ ।

ତୁମେ ଯାହାକୁ 'ପ୍ରଗତି' ବୋଲି କୁହ,
ସେଥିରେ ତା କାନ୍ଧର ହାଡ଼ ଘଷି
ହେବାର ଶବ୍ଦ ଅଛି,
ତୁମ ଶୀତତାପ ନିୟନ୍ତ୍ରିତ କୋଠରିର
ସୁନ୍ଦର ରଙ୍ଗ ପଛରେ
ତା ଝାଳର ଲୁଣିଆ ଗନ୍ଧ ଲୁଚି ରହିଛି ।

ସୂର୍ଯ୍ୟ ତା ପାଇଁ ଦେବତା ନୁହେଁ,
ସେ ଏକ ନିଆଁର ପେଣ୍ଡୁ,
ଯିଏ ତା ପିଠିକୁ ପୋଡ଼ି ପାଉଁଶ କରେ
ଆଉ ସେ ତାକୁ ଚାହିଁ ମାପିଥାଏ-
'ଆଉ କେତେ ଝୁଡ଼ି ସିମେଣ୍ଟ ବାକି ଅଛି ?'

ତା ପୁଅର ଚିରା ପ୍ୟାଣ୍ଟ୍ ଆଉ
ସ୍ତ୍ରୀର ଶୁଖିଲା ମୁହଁ,
ସହରର ଚକଚକିଆ ଆଲୁଅରେ ଦିଶେନି;
ସେ କେବଳ ଏକ 'ନମ୍ବର' କିମ୍ବା
'ହାଜିରା'ର ପୃଷ୍ଠା,
ଦିନ ସରିଲେ ଯିଏ ଚିରି ହୋଇଯାଏ ।

ସେ ଦିନ ମଜୁରୀଆ
ସେ ସହର ଗଢ଼େ, ହେଲେ
ସହର ତାକୁ ଚିହ୍ନେନି
ସେ ଗରିବ ଖଟିଖିଆ
ଯାହାର ଇତିହାସର ପୃଷ୍ଠାରେ ନାହିଁ,
କିନ୍ତୁ, ଆଲିସାନ ସହରର ପ୍ରତିଟି ଇଟାରେ
ତା ଦସ୍ତଖତ ଅଛି ।

+ସାନପୋଡାଗୁଡ଼ା, କୋକସରା,
କଳାହାଣ୍ଡି,

## ବୋଉ

### ସ୍ୱାଗତ ମିଶ୍ର

ଯଦି ତ୍ୟାଗ, ସ୍ନେହ ଓ ପ୍ରେମର
ସଂଜ୍ଞା ମତେ ପଚାରେ କିଏ,
ତେବେ ମୁଁ କହିବି 'ବୋଉ'
ବୁଝିବାକୁ ଯଥେଷ୍ଟ ହେବ
କେବଳ ସେ ନାମ ଗୋଟିଏ ।

'ବୋଉ' ମୋ ଅଭିଧାନର
ଏକ ଅବର୍ଣ୍ଣନୀୟ ଶବ୍ଦ,
ଶତଚେଷ୍ଟା କରି ମୁଁ ବିଫଳ ହୁଏ
ଅଣଚାଶଟି ବର୍ଣ୍ଣ ମଧ୍ୟରେ
ତାକୁ ମୁଁ କରିପାରେନା ଆବଦ୍ଧ ।

ମୋ ହାତରେ ଖଡ଼ି ଧରାଇ
ଯିଏ ମତେ ଶିଖେଇଥିଲା
ଅ ଠାରୁ ଚନ୍ଦ୍ରବିନ୍ଦୁ,
ତାକୁ କିପରି ମୁଁ ବ୍ୟାଖ୍ୟା କରିବି
ସିଏ ହିଁ ସ୍ୱୟଂ ସମ୍ପୂର୍ଣ୍ଣ ଶବ୍ଦସିନ୍ଧୁ ।

ବିଲେଇର ଛବି ଦେଖାଇ
ଯିଏ ମତେ ପଢ଼େଇଥିଲା
ଛବିଳ ମଧୁ ବର୍ଣ୍ଣବୋଧ,
ତାକୁ ନେଇ କିଛି ଲେଖିବା ବେଳକୁ
ପାଲଟି ଯାଏ ମୁଁ ନିଃଶବ୍ଦ ।

ଦାମୀ ହୋଟେଲର ବିରିୟାନୀ ଠାରୁ
କାହିଁ ବେଶୀ ଭଲ ଲାଗେ
ବୋଉ ହାତ ରନ୍ଧା ପଖାଳ ଭାତ,
ଟିସୁ ପେପରରେ ହାତ ପୋଛିବା ବେଳେ
ମନେ ପଡୁଥାଏ ବୋଉର କାନି ପଣତ ।

ସାଙ୍ଗସାଥୀମେଳେ ବତୀକୁ ଲିଭାଇ
କେକ୍ କାଟେ ସିନା ଜନ୍ମ ତିଥିରେ,
କିନ୍ତୁ ମୋର ମନ ଅଟକି ରହିଛି
ନବ ବସ୍ତ୍ର ପିନ୍ଧି ଷଠୀବୁଢ଼ୀ ଆଗେ
ଦୂବଚାଉଳର ବନ୍ଦାଣ ସାଙ୍ଗକୁ
କ୍ଷୀରି ପିଠାରେ ।

'ବୋଉ' କୌଣସି ଡିଗ୍ରୀ ହାସଲ
କରିନଥିଲେ ମଧ୍ୟ
କାହାର ଦେହ ଖରାପ ସମୟରେ
ସେ ପାଲଟିଥାଏ ନର୍ସ କିମ୍ବା ଡାକ୍ତର,
ଟଙ୍କା ପଇସାର ସବୁ ନିର୍ଭୁଲ
ହିସାବ ହାତ ଗଣତିରେ
ତା' ଆଗେ ହାର ମାନିବେ
ବ୍ୟାଙ୍କ ମ୍ୟାନେଜର ।

କେଉଁ ଭାଷାରେ ମୁଁ କରିବି ବର୍ଣ୍ଣନା
କି ଦେଇ ତାହାର ଉପମା,
ଶବ୍ଦକୋଷ ମତେ ଶବ୍ଦହୀନ ଲାଗେ
ଯେତେ କଲେ ତା'ର ତୁଳନା ।

ବୋଉମାନେ ସାଧାରଣ ନାରୀ ନୁହଁନ୍ତି
ସେମାନେ ଚଳନ୍ତି ପ୍ରତିମା ସାକ୍ଷାତ,
କେତେବେଳେ ନିରବଚ୍ଛିନ୍ନ ସମ୍ପର୍କର ସେତୁ
ଆଉ କେବେ ମମତାର ମନ୍ଦାକିନୀ ସ୍ରୋତ ।

କିନ୍ତୁ ବୋଉମାନେ ରୁହନ୍ତି ନାହିଁ ଧରାପୃଷ୍ଠରେ
ଚୀର ଦିନ ପାଇଁ ସ୍ୱଦେହରେ,
ଜନ୍ମ ଜନ୍ମାନ୍ତର ପାଇଁ ବଞ୍ଚି ରୁହନ୍ତି
ସନ୍ତାନର ଲୁହରେ, ସ୍ୱପ୍ନରେ, ସ୍ମୃତିରେ ।

+ପଦ୍ମାଦେଈପୁର, ନୟାଗଡ଼
ମୋ: ୯୯୩୮୭୬୧୨୨୪

## କେନ୍ଦୁଝର ଜିଲ୍ଲା କଳାକାର ସଙ୍ଘ ପକ୍ଷରୁ କେନ୍ଦୁଝର ଉତ୍ସବ ଅନୁଷ୍ଠିତ

କେନ୍ଦୁଝର, ୧୧/୦୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥିତ ସଂସ୍କୃତି ଭବନଠାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କେନ୍ଦୁଝର ଉତ୍ସବ ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ କେନ୍ଦୁଝର ଜିଲ୍ଲା କଳାକାର ସଂଘ ଓ କେନ୍ଦୁଝର ଜିଲ୍ଲା ଆମେଚର ଟାଇକୋଣ୍ଡ ସଂଘ ଦ୍ୱାରା ଆୟୋଜନ କରାଯାଇଥିଲା । କେନ୍ଦୁଝର ଜିଲା କଳାକାର ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ କେନ୍ଦୁଝର ଆମେଚର ଟାଇକୋଣ୍ଡ ସଂଘ ର ସଭାପତି_ଦ୍ୱୀ ମହାନ୍ତି ଅତିଥି ରିଚୟ ପ୍ରଦାନ କରିଥିଲେ। ସୁନାମାଧନ୍ୟ ଶିକ୍ଷାନୁଷ୍ଠାନ ସିଟିଜି ଗ୍ରୁପର ଅଧ୍ୟକ୍ଷ ରୋଟାରୀଆନ ଡଃ ରାଜେନ୍ଦ୍ର କୁମାର ପଲେଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସେ ନିଜ ବକ୍ତବ୍ୟରେ କହି ଥିଲେ ଯେ, କଳାକାରମାନଙ୍କ ପ୍ରତିଭା ପରିପ୍ରକାଶ ପାଇଁ କେନ୍ଦୁଝର ଉତ୍ସବ ଭଳି କାର୍ଯ୍ୟକ୍ରମ ଆୟୋଜନ କରିବା ଯଥାର୍ଥ । ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ ସେ ସଂଘକୁ ପରାମର୍ଶ ଦେଇଥିଲେ। ଏଥିସହ ଜିଲାରୁ ଲୋ ପାଇ ଯାଉଥିବା ଆଦିବାସୀ କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାରେ ସଂଘର ଏହି ପ୍ରୟାସକୁ ସେ ଭୂୟସୀ ପ୍ରଶଂସା କରି ଥିଲେ। ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାରୁ ଲୋ ପାଇ ଯାଉଥିବା କଳାସଂସ୍କୃତିକୁ ବଞ୍ଚାଇ ରଖିବାକୁ ହେଲେ ସଂଘ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜାରି ରଖିବା ଜରୁରୀ ବୋଲି ସେ ମତପୋଷଣ କରିଥିଲେ।

## ସପ୍ତମ ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ସମ୍ବଲପୁରର ସଫଳତା

ସମ୍ବଲପୁର, ୧୧/୦୫ (ନି.ପ୍ର): ଗଞ୍ଜାମ ବିଜୁ ପଟ୍ଟନାୟକ ଇନଡୋର ଅଡିଟୋରିୟମରେ ଅନୁଷ୍ଠିତ ସପ୍ତମ ୱାକୋ ଓଡ଼ିଶା ରାଜ୍ୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ସମ୍ବଲପୁର କିକ୍ ବକ୍ସିଂ ଆସୋସିଏସନ୍ କୁ ୪୧ଟି ପଦକ ମିଳିଛି । ରବିବାର ବିଜୟୀ ଟିମ୍ ସମ୍ବଲପୁର ପହଞ୍ଚିବା ପରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ବିଜୟୀ ଟିମ୍ କୁ ସ୍ୱାଗତ କରାଯାଇଛି। କିକ୍ ବକ୍ସିଂ ଆସୋସିଏସନ୍, ସମ୍ବଲପୁର ପକ୍ଷରୁ ଉପସଭାପତି ଭବାନୀଶ ଭୋଇ, ଯୁଗ୍ମ ସମ୍ପାଦିକା ପୁଷ୍ପାଞ୍ଜଳି ପ୍ରଧାନଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିପରି ଭାରତୀ ସମାଜ ପକ୍ଷରୁ ସହ ସଞ୍ଚାଳକ ଅଶୋକ ତ୍ରିପାଠୀ, ଗୋପବନ୍ଧୁ ସେନାପତି, ମହାସଚିବ ଗଦାଧର ନିଆଲ, ସେବା ସଂଯୋଜିକା ଲଳିତା ଭୋଇ, ସାଂସ୍କୃତିକ ସଂଯୋଜକ ଗୁରୁ ରଞ୍ଜିତ ସାହୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପ୍ରତିଯୋଗିତାରେ ସିନିୟର ବର୍ଗରେ ସୁଭମ୍ ପ୍ରଧାନ ୨ ସ୍ୱର୍ଣ୍ଣ , ୧ ରୋପ୍ୟ,୧ କାଂସ୍ୟ, ପ୍ରଭାସ କୁମାର ପ୍ରଧାନ ୧ ସ୍ୱର୍ଣ୍ଣ, ୧ ରୋପ୍ୟ, ବିମଲ୍ ବେହେରା ୨ କାଂସ୍ୟ, ସିବାଂଶୀ ତ୍ରିପାଠୀ ୩ ରୋପ୍ୟ, ୨ କାଂସ୍ୟ, କନିଷ୍ଠ ବର୍ଗରେ ଶ୍ରେୟାଂସୀ ତ୍ରିପାଠୀ ୧ ସ୍ୱର୍ଣ୍ଣ, ୧ ରୋପ୍ୟ, ୧ କାଂସ୍ୟ, ସରମିଲ ସାହୁ ୨ ସ୍ୱର୍ଣ୍ଣ, ୨ ରୋପ୍ୟ, ୧ କାଂସ୍ୟ। ସେହିପରି କନିଷ୍ଠ ବର୍ଗରେ ହୀନା ପ୍ରୁଷ୍ଟି ୧ ସ୍ୱର୍ଣ୍ଣ, ୧ ରୋପ୍ୟ, ଯଶ ଦାସ ୨ ରୋପ୍ୟ, ୨ କାଂସ୍ୟ, ଶ୍ରେଷ୍ଠା ପାଢ଼ି ୧ ରୋପ୍ୟ, ୧ କାଂସ୍ୟ, ସାଇ ସମର୍ଥ ଭୋଇ ୧ କାଂସ୍ୟ, ସାଇ ସୃଷ୍ଟି ଭୋଇ ୨ ରୋପ୍ୟ, ଚାନ୍ଦିନୀ ସାହାଣୀ ୨ କାଂସ୍ୟ, ପ୍ରିନ୍ସ ସାହାଣୀ ୧ ସ୍ୱର୍ଣ୍ଣ, ୧ ରୋପ୍ୟ, ଆରାଧ୍ୟା ପାଢୀ ୧ ରୋପ୍ୟ,୧ କାଂସ୍ୟ, ରୋନିତ କୁମାର ସାହୁ ୧ ସ୍ୱର୍ଣ୍ଣ, ୨ କାଂସ୍ୟ ମୋଟ୍ ୧୫ ଜଣ ପ୍ରତିଯୋଗୀ ୯ ସ୍ୱର୍ଣ୍ଣ - ୧୬ ରୌପ୍ୟ - ୧୬ଟି କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ରେଫରୀ ଭାବରେ ସମ୍ବଲପୁର କିକ୍ ବକ୍ସିଂ ଆସୋସିଏସନ୍ ସୁବ୍ରତ ପ୍ରଧାନ ଏବଂ ହେମନ୍ତ ତ୍ରିପାଠୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସମ୍ବଲପୁରୀ ଡେରାରେ ଭିତ୍ତିଭୂମିର ଅଭାବ ସତ୍ତ୍ୱେ ପ୍ରତିଯୋଗିତାରେ ସଫଳତା ପାଇଥିବାରୁ ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଆସୋସିଏସନ୍ କୁ ଧନ୍ୟବାଦ ଅର୍ପଣ କରାଯାଇଛି ।

## ଭାଣିଜୀ ବାହାଘରରେ ଯୋଗଦେବାକୁ ଆସି ବାଇକ ଦୁର୍ଘଟଣାରେ ତିନି ଗୁରୁତର

ବଲାଙ୍ଗିର, ୧୧/୦୫ (ନି.ପ୍ର): ଭାଣିଜୀ ବାହାଘରରେ ଯୋଗଦେବାକୁ ଆସି ଏକ ବାଇକ ଦୁର୍ଘଟଣାରେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଭୁତିଆର୍ ବାହାଲ ରାସ୍ତାରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ସୂଚନା ଅନୁଯାୟୀ, ଦେଓଗାଁ ବ୍ଲକ ଶିଆଳ ଜୋରୀ ଗ୍ରାମର ସୁରଥ ନାଗ (୫୦), ଅର୍ଡ଼ା ଗ୍ରାମର ହୁର୍ସି ସୁନା (୪୦) ଏବଂ ଲଖନପୁର ଗ୍ରାମର ମାଲ ଛତ୍ରିଆ (୪୮) ସେମାନଙ୍କ ଭାଣିଜୀ ବାହାଘର ପାଇଁ ବ୍ରାହ୍ମଣୀଜୋର ଗ୍ରାମକୁ ଆସିଥିଲେ । ବାହାଘର ଚାଲିଥିବା ବେଳେ କୌଣସି ଜରୁରୀ କାମରେ ଏହି ତିନିଜଣ ଏକ ମୋଟରସାଇକେଲ ଯୋଗେ ଭୁତିଆର୍ ବାହାଲ ଅଭିମୁଖେ ବାହାରିଥିଲେ । ମାତ୍ର ଭୁତିଆର୍ ବାହାଲ ରାସ୍ତାରେ ବାଇକଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଖୁଂଟରେ ପିଟି ହୋଇଯାଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକ୍ ରେ ଥିବା ତିନି ଜଣ ଯାକ ରାସ୍ତାରେ ଛିଟିକି ପଡ଼ି ରକ୍ତାକ୍ତ ହୋଇଯାଇଥିଲେ । ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଂଚି ସେମାନଙ୍କୁ ଉଦ୍ଧାର କରି ବଲାଙ୍ଗିର ସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତି କରିଥିଲେ । ତେବେ ଜଣଙ୍କର ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି । ଖବର ପାଇ ପୋଲିସ ହସ୍ପିଟାଲରେ ପହଂଚି ଆହତଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିବା ସହ ଦୁର୍ଘଟଣା ସମ୍ପର୍କରେ ପଚରାଉଚୁରା ଜାରି ରଖିଛି । ବାଇକଟି ଦ୍ରୁତ ଗତିରେ ଥିବା ଯୋଗୁଁ ଚାଳକ ନିୟନ୍ତ୍ରଣ ହରାଇ ଖୁଂଟରେ ପିଟି ଦେଇଥିବା ପ୍ରାଥମିକ ଭାବେ ଅନୁମାନ କରାଯାଉଛି । ଏହି ଘଟଣା ପରେ ବ୍ରାହ୍ମଣୀଜୋର ଗ୍ରାମରେ ଚାଲିଥିବା ବାହାଘର ଉତ୍ସବରେ ବିଷାଦର ଛାୟା ଖେଳିଯାଇଛି ।

## ଶ୍ରୀଜଗନ୍ନାଥ ରସାମୃତ’ ପୁସ୍ତକ ଉନ୍ମୋଚିତ

ପୁରୀ, ୧୧/୦୫ (ନି.ପ୍ର): ପବିତ୍ର ଭଉଁରୀ ଯାତ୍ରା ଅବସରରେ ଶ୍ରୀ ଜଗନ୍ନାଥ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ‘ଶ୍ରୀଜଗନ୍ନାଥ ରସାମୃତ’ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା ପ୍ରଚାର ପ୍ରସାର କରିବା ପାଇଁ ଶ୍ରୀକ୍ଷେତ୍ରାଧିପତି ଆଧ୍ୟାତ୍ମିକ ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନ ଦ୍ୱାରା ସଂଗୃହିତ ହୋଇଥିବା ଜଗନ୍ନାଥଙ୍କ ସ୍ତୁତିମାନ ରସାମୃତ ପୁସ୍ତକରେ ସ୍ଥାନିତ ହୋଇଛି । ଜଗନ୍ନାଥ ମହିମା ଧର୍ମ ସଂସ୍କୃତି ପ୍ରଚାର ପ୍ରସାର କରିବା ଲକ୍ଷ୍ୟନେଇ ପଣ୍ଡିତ ଦୟାନିଧି ପଣ୍ଡା ଏହି ପୁସ୍ତକରେ ସଂଗୃହିତ କରିଛନ୍ତି।

## ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ଉଦ୍‌ଯାପିତ

ପୁରୀ, ୧୧/୦୫ (ନି.ପ୍ର): ମହାଶକ୍ତି ଗାୟତ୍ରୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ବଡଦାଣ୍ଡ ସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର ରଙ୍ଗମଂଚରେ ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କହିଲେ ଯୋଗ ହିଁ ମଣିଷକୁ ନିରୋଗ ରଖେ । ଯୋଗ ଦ୍ୱାରା ଶରୀର ସୁସ୍ଥ ରହିବା ସହ ପୁରାତନ ଯୁଗରୁ ଯୋଗ ରହିଆସିଛି । ସମ୍ମାନିତ ଅତିଥି ଭାବେ ସଦରବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ଭାରତ ଖୋ ଖୋ ଫେଡେରେସନ ଉପସଭାପତି ତଥା ପ୍ରୟାସ ଟେଲିଭିଜନର ପରିଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ର, ଯୋଗଗୁରୁ ଜଗ୍ନେଶ୍ୱର ଖୁଂଟିଆ, ବରିଷ୍ଠ ଆଇନଜୀବୀ ଡକ୍ଟର ପ୍ରଧାନ ଧୀରେନ ରାୟ, ବିନାୟକ ସଂଘ ସଭାପତି ସନ୍ଦୀପ କୁମାର ଦାଶ, ଭାରତ ଜନତା ମଂଚ ରାଜ୍ୟ ସଭାପତି ରଜନୀକାନ୍ତ ମିଶ୍ର, ସମାଜସେବୀ ସୁରେଶ ଚନ୍ଦ୍ର ବାରିକ ଓ ଅଭିମନ୍ୟୁ ଜେନା ପ୍ରମୁଖ ଉପସ୍ଥିତ ରହି ଯୋଗ କରିବା ଦ୍ୱାରା ମାନସିକ ଦୁଷ୍ଚିନ୍ତା ଦୂର ସହ ମନ ପ୍ରଫୁଲ୍ଲ ରହିବ ଓ ଶରୀର ସୁନ୍ଦର ଗଠନର ଉପକାରିତା ମିଳିପାରିବ ବୋଲି ମତବ୍ୟକ୍ତ କରିବା ସହ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ସଭାପତି ତଥା ଶଙ୍କରାଚାର୍ଯ୍ୟ ମଠର ଯୋଗଗୁରୁ ପୂର୍ଣ୍ଣଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ଅତିଥି ପରିଚୟ ପ୍ରଦାନ ସହ ମଂଚ ସଂଚାଳନ କରିଥିଲେ ଶ୍ୟାମପ୍ରକାଶ ସେନାପତି । ପ୍ରାରମ୍ଭରେ ଅନୁଷ୍ଠାନର ଯୋଗ ଶିକ୍ଷାର୍ଥୀ ମାନଙ୍କ ଦ୍ୱାରା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇଥିଲା । ବାଳକ ବିଭାଗରେ ପ୍ରକାଶ ବେହେରା ଓ ବାଳିକା ବିଭାଗରେ ଯାଜ୍ଞସେନୀ ସାହୁ ଚମ୍ପିଅନ ଅପ ଚମ୍ପିଅନ୍ସ ହୋଇଥିଲେ । ବାଳକ ବିଭାଗରେ ବିଶ୍ୱଜିତ ମହାନ୍ତି ଓ ବାଳିକା ବିଭାଗରେ ସଙ୍ଗୀତା ପାଢୀ ରନର୍ସ ଅପ ହୋଇଥିଲେ ।ଦ୍ୱିତୀୟ ରନର୍ସ ଅପ ଭାବେ ବି. ଲକ୍ଷ୍ମୀ ବେହେରା ଓ ବିଶ୍ୱଜିତ ସାସମଲ । ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରରେ ଯୋଗଗୁରୁ,ସମାଜସେବୀ, ସାମ୍ବାଦିକ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଯୋଗ ପିଲାମାନଙ୍କ ଦ୍ୱାରା ଚିତାକର୍ଷକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବିଭୋର ହୋଇଥିଲେ ଦର୍ଶକ । ଏଥିରେ ୩ ବର୍ଷ ରୁ ୬ ବର୍ଷ, ୭ ବର୍ଷ ରୁ ୯ ବର୍ଷ, ୧୦ରୁ ୧୨ ବର୍ଷ, ୧୩ରୁ ୨୦ ବର୍ଷ, ୨୧ରୁ ୩୦ ବର୍ଷ, ୩୧ରୁ ୬୦ ବର୍ଷ ପର୍ଯ୍ୟନ୍ତ ବାଳକ, ବାଳିକା, ଯୁବକ, ଯୁବତୀ ଓ ମହିଳା ଓ ପୁରୁଷ ଏହି ଯୋଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୧୨ଟି ଗ୍ରୁପ କରାଯାଇଥିଲା । ପ୍ରତି ଗ୍ରୁପର ୧ ରୁ ୬ ପର୍ଯ୍ୟନ୍ତ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ରାଜ୍ୟର ୮ ଟି ଜିଲ୍ଲାରୁ ପ୍ରତିଯୋଗୀ ମାନେ ଅଂଶଗ୍ରହଣ କରିଥିଲେ । ମୟୁରଭଞ୍ଜ ଜିଲ୍ଲାର ବାରିପଦା, ଉଦଳା, ବାଲେଶ୍ୱର, କେନ୍ଦୁଝର, କଟକ, ଖୋର୍ଦ୍ଧା,ପୁରୀ ଓ ବ୍ରହ୍ମପୁରର ଯୋଗ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ମୟୁରଭଞ୍ଜ ଯୋଗ ପ୍ରଶିକ୍ଷକ ଜ୍ୟୋତିରଞ୍ଜନ ଦାସ, କଟକ ବାରବାଟୀ ଯୋଗ ଆସୋସିଏସନର ପ୍ରଶିକ୍ଷକ ଦେବାଶିଷ ହାଲଦାର ଓ ବ୍ରହ୍ମପୁର ଯୋଗ ପ୍ରଶିକ୍ଷକ ସନ୍ତୋଷ ବିଶ୍ୱାଳ ପ୍ରମୁଖ ଯୋଗ ପ୍ରତିଯୋଗିତାକୁ ନିରୀକ୍ଷଣ କରିଥିଲେ । କାର୍ଯ୍ୟକ୍ରମରେ ସଦାଶିବ ସାହୁ, ରମେଶ ଚନ୍ଦ୍ର ସାହୁଙ୍କ ସମେତ ଅନୁଷ୍ଠାନର ସଦସ୍ୟ ମାନେ ସହଯୋଗ କରିଥିଲେ । ଶତାଧିକ ଅଭିଭାବକ ଅଭିଭାବିକାଙ୍କ ସମେତ ଯୋଗ ଶିକ୍ଷାର୍ଥୀ ଓ ଯୋଗପ୍ରେମୀ ମାନେ ଉପସ୍ଥିତ ରହି ଯୋଗ ପିଲାମାନଙ୍କୁ କରତାଳି ଦେଇ ଉତ୍ସାହିତ କରିଥିଲେ ।

## ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଅଭିଯୋଗ ଶୁଣାଣି ଶିବିର

ଜୟପୁର, ୧୧/୦୫ (ନି.ପ୍ର): କୋରାପୁଟ ଜିଲ୍ଲା ପ୍ରଶାସନ ତରଫରୁ ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ସଭା ଗୃହ ଠାରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିର ରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ମୋଟ ୨୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୮ ଟି ଓ ଗୋଷ୍ଠୀଗତ ସମସ୍ୟାର ୧୩ ଟି ଅଭିଯୋଗର ଶୁଣାଣି କରାଯାଇଛି ଓ ଗୋଟିଏ ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

ଲକ୍ଷ୍ମୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବ୍ୟସାଚୀ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆମ୍ବିତ ମହାନ୍ତି, ଉପଜିଲ୍ଲାପାଳ ପ୍ରେମ ଲାଲ୍ ହିଆଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ. ଶିବ ସାଇ ସ୍ୱରୂପ, ଲକ୍ଷ୍ମୀପୁର ପଂଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେଶିକା ଓ ତହସିଲଦାର ନୈବେଦ୍ୟ ଭୋଇ ପ୍ରମୁଖ ଉପସ୍ଥିତ ଥିବାବେଳେ ପ୍ରତ୍ୟେକ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।

## ସରକାରଙ୍କ ଆବାସ ଯୋଜନାର ସୁଫଳ ପାଉଛି କିଏ ? ବହୁ ସ୍ୱଚ୍ଛଳଙ୍କୁ ସୁଫଳ ମିଳୁଥିବା ବେଳେ ପ୍ରକୃତ ହିତାଧିକାରୀ ହତାଶ

ସମ୍ବଲପୁର, ୧୧/୦୫ (ନି.ପ୍ର): ସରକାର ଘୋଷଣା କରିଛନ୍ତି ପ୍ରତ୍ୟେକ ପରିବାରକୁ ପକ୍କା ଘର, ହେଲେ ପକ୍କା ଘର କାହା ପାଇଁ ? ଧନୀଙ୍କ ପାଇଁ ନା ଗରିବଙ୍କ ପାଇଁ ଜମିକୁ ନେଇ ବିଭିନ୍ନ ମହଲରେ ଉଠିଛି ପ୍ରଶ୍ନବାଚୀ। ଆଜ୍ଞା ହଁ , ସରକାର ଏବେ ପ୍ରତ୍ୟେକ ଗରିବ ଗୁରୁବାଙ୍କୁ ପକ୍କା ଘର ଯୋଗାଇ ଦେବା ପାଇଁ ଶତ ପ୍ରତିଶତ ପ୍ରତିଶ୍ରୁତି ବଦ୍ଧ ଥିବା କହୁଥିବା ବେଳେ ପ୍ରତ୍ୟେକ ପଂଚାୟତରେ ପଂଚାୟତ ନିର୍ବାହୀଙ୍କ ତତ୍ତ୍ୱାବଧାନରେ ଘର ଘର ବୁଲି ସର୍ଭେ କାର୍ଯ୍ୟ ମଧ୍ୟ ସାରି ସାରିଛି । ୨୦୨୬ର ପ୍ରଥମ ଫେଜରେ ମଧ୍ୟ ଅନେକ ଲୋକ ଏହି ଯୋଜନାର ସୁଫଳ ପାଇଛନ୍ତି। ହେଲେ ଯେଉଁ ମାନଙ୍କ ନାମରେ ଘର ଆସୁଛି ସେମାନେ ନିଜର ସୁସ୍ଥ ସାଂସାରିକ ଜୀବନ ଯାପନ ଅତିବାହିତ କରୁଥିଲେ ମଧ୍ୟ ସେମାନେ ପକ୍କା ଘର ଖଣ୍ଡିଏ ପାଇଥିବା ଦେଖିବାକୁ ମିଳିଛି । ମାତ୍ର ଏବେବି ବହୁ ଗରିବ ଅସହାୟ ବୃଦ୍ଧା ଦାମ୍ପତ୍ୟ ସେହି ଘର ଯୋଜନାର ସୁଫଳରୁ ବଂଚିତ ରହିଥିବା ଅଭିଯୋଗ ହେଉଛି । ଏହାକୁ ରାଜନୈତିକ ପକ୍ଷପାତିତା ନା ପ୍ରଶାସନିକ ତ୍ରୁଟି ତାହା ତଦନ୍ତ ସାପେକ୍ଷ । ଯେତେବେଳେ ଜଣେ ପଂଚାୟତ ଅଧିକାରୀ ନିଜ ପଂଚାୟତର ସମସ୍ତ ଘର ସର୍ଭେ କରୁଛନ୍ତି, ସେ ପ୍ରଥମେ ଚିହ୍ନଟ କରୁଥିବା ଗରିବ ଲୋକ ଅଥବା ଦୟନୀୟ ଅଭାବରେ ଚଳୁଚି ସେମାନଙ୍କ ତାଲିକା ସରକାରଙ୍କ ନିକଟକୁ ପଠାଉଛନ୍ତି । ମାତ୍ର ତା’ମଧ୍ୟରେ କିପରି ତ୍ରୁଟି ରହିଯାଉଛି ଯାହା ଫଳରେ ପ୍ରକୃତ ହିତାଧିକାରୀ ହତାଶ ହେଉଛି ତାହା ତଦନ୍ତ ସାପେକ୍ଷ । ଏପରିକି କେତେକ କ୍ଷେତ୍ରରେ ପ୍ରକୃତ ହିତାଧିକାରୀଙ୍କୁ ବାଦ୍ ଦେଇ ନିଜ ପେଟ ପାଟଣା ଓ ମୁନାଫା ଉଠାଇବା ଅଭିସନ୍ଧି ରଖୁଥିବା ଅଭିଯୋଗ ହେଉଛି । ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବକ୍ସମା ପଂଚାୟତ ଲାଡ ଗ୍ରାମର ଉକିଆ ରାଉତ ଓ ତାଙ୍କ ସ୍ୱାମୀଙ୍କ ପାଇଁ ଘର ଘଣ୍ଟିଏ ସାତସପନ ହୋଇଯାଇଛି । ଦୁଇ ବର୍ଷ ତଳେ ଲଘୁଚାପ ଜନିତ ବର୍ଷାରେ ଲାଡ ଗ୍ରାମର ଉକିଆ ରାଉତଙ୍କ ମାଟିଘର ଟି ସମ୍ପୂର୍ଣ୍ଣ ଭାଙ୍ଗି ପଡିଛି । ଘରର ଝାଟିମାଟି କାନ୍ଥଟି ଭାଙ୍ଗି ପଡିଥିବାରୁ ଏବେ ଗୋଟିଏ କୋଠରୀରେ ରୋଷେୟା ସହ ରହିବା ଅତ୍ୟନ୍ତ କଷ୍ଟକର ହୋଇ ପଡ଼ିଛି । ପରିବାର କହିଲେ ଉକିଆ ଓ ତାଙ୍କ ବୃଦ୍ଧ ସ୍ୱାମୀ ଓ ଦୁଇ ପୁଅ । ଦୁଇ ପୁଅଙ୍କର ବିବାହ ପରେ ଦୁହେଁ ଅଲଗା ରୋଷଇ ଓ ଅଲଗା ଅଲଗା ହୋଇ ଚଳୁଛନ୍ତି । ବୃଦ୍ଧ ମାଁ ବାପାଙ୍କ ଦୁଃଖ କୌଣସି ପୁଅ ବୁଝୁନଥିବା ଯୋଗୁଁ ଅତି ଦୟନୀୟ ଅବସ୍ଥାରେ ଏହି ଗରିବ ବୃଦ୍ଧ ଦମ୍ପତି ରହୁଛନ୍ତି । ବହୁ କଷ୍ଟରେ କୁଚିଣ୍ଡା ଆର ଆଇ ଅଫିସରୁ ସରକାରୀ ସହାୟତା ଭାବେ ଗୋଟିଏ ଦରି ଆଣି ଭଙ୍ଗାରୁଜା ଘରେ ଟାଙ୍ଗି ରହୁଛନ୍ତି । ଯାହା ଚଳିତ ଲଘୁଚାପ ବର୍ଷାରେ କ୍ଷତି ହୋଇ ବସିଲାଣି । ଏହାକୁ ନେଇ ବୃଦ୍ଧ ଦମ୍ପତି ୱାର୍ଡ ମେମ୍ବରଠୁ ଆରମ୍ଭ କରି ବ୍ଲକ ପ୍ରଶାସନଙ୍କୁ ବହୁବାର ଗୁହାରି କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କ ଗୁହାରିକୁ କେହି କର୍ଣ୍ଣପାତ କରୁନଥିବା ଏହି ବୃଦ୍ଧ ଦମ୍ପତି କାନ୍ଦି କାନ୍ଦି ଆମ ପ୍ରତିନିଧିଙ୍କୁ କହିଛନ୍ତି । ଉକିଆ ଓ ତାଙ୍କ ସ୍ୱାମୀଙ୍କୁ ସରକାରୀ ସହାୟତା କହିଲେ ପଂଚାୟତ ପକ୍ଷରୁ ବାର୍ଦ୍ଧକ୍ୟ ଭତା ଓ ୧୦ କେଜି ଚାଉଳରେ ହିଁ ସିମୀତ । ହେଲେ ଏହି ୧୦ ଚାଉଳ ସହ ବାର୍ଦ୍ଧକ୍ୟ ଭତା ତାଙ୍କ ଖାଇବା ପାଇବା ଚାଲଣ ତ ହେଇ ଯାଉଛି କିନ୍ତୁ ନିଜ ଔଷଧ ଖର୍ଚ୍ଚ ଦେହ ଯତ୍ନ ପାଇଁ ଏହି ପଇସା ନିଅଂଟ ହୋଇପଡୁଛି ବୋଲି ଏହି ଦମ୍ପତି ଅଭିଯୋଗ କରିଛନ୍ତି । ହେଲେ ସରକାର ଅନେକ ସମୟରେ ଲୋକଙ୍କୁ ଘର ପ୍ରତିଶୃତି ଦେଇ ଚାଲିଛନ୍ତି, କିନ୍ତୁ ତାଙ୍କ ପାଇଁ ସରକାର କୌଣସି ଘର ବ୍ୟବସ୍ଥା କରିନାହାନ୍ତି ବୋଲି ଉକିଆ କହିଛନ୍ତି ।

## ବୃକ୍ଷ ସହ ଶିଶୁର ବନ୍ଧୁତା ନେଇ ବୈଠକ

ଜୟପୁର, ୧୧/୦୫ (ନି.ପ୍ର): ବୃକ୍ଷ ରୋପଣ ଯେତିକି ଆବଶ୍ୟକ ତାହାର ରକ୍ଷଣାବେକ୍ଷଣ ସେତିକି ଜରୁରୀ। ଏହି ଚିନ୍ତନ ବିଶେଷକରି ଶିଶୁଙ୍କ ଭିତରେ ସୃଷ୍ଟି ହେବା ଆବଶ୍ୟକ। ପାଠ ପଢ଼ାର ବୋଝ ଭିତରେ ପ୍ରକୃତି ସହିତ ଯେଉଁ ସଂଯୋଗ ରହିବା କଥା ତାହା ସେମାନଙ୍କ ରହି ପାରୁନି। ବୃକ୍ଷ ସହିତ ଶିଶୁଙ୍କ ବନ୍ଧୁତା ବଢ଼ାଇବା ଦିଗରେ କାର୍ଯ୍ୟ କରିବା ପାଇଁ ଏକ ବୈଠକରେ ନିଷ୍ପତି ନେଇଛନ୍ତି ଯୋଜନା ଉଚ୍ଚ ବିଦ୍ୟାଳୟ, ବାରିଣୀପୁଟର ୧୯୯୮ ମାଟ୍ରିକ ବ୍ୟାଚ୍ ଛାତ୍ର ଛାତ୍ରୀ। ଆଜି ସ୍କୁଲ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଶୁରାମ ସେଠୀ, ଅବସର ପ୍ରାପ୍ତ ଶିକ୍ଷକ କ୍ଷେତ୍ରମୋହନ ସ୍ୱାଇଁ, ବିଷ୍ଣୁ ଚରଣ ପଟନାୟକ ଯୋଗ ଦେଇଥିବା ବେଳେ ସାଇ ଗୋପାଳ ପାତ୍ର ସଭା ପରିଚାଳନା କରିଥିଲେ। ଧୀରେ ଧୀରେ ଗୁରୁ ଶିଷ୍ୟଙ୍କ ସଂପର୍କ ଭିତରେ ଦୂରତା ବଢ଼ିଥିବା ନେଇ ଅତିଥି ମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ବିଶେଷକରି ପୁରାତନ ବିଦ୍ୟାର୍ଥୀ ମାନେ ନିଜ ବିଦ୍ୟାଳୟ ସହ ଯୋଡ଼ି ହୋଇ ରହିବା ଓ ସ୍କୁଲର ଆବଶ୍ୟକତାକୁ ନିଜ ସାମର୍ଥ୍ୟ ଅନୁସାରେ ପୂରଣ କରାଇବାକୁ ଆଗଭର ହେବା ପାଇଁ ମୁଖ୍ୟଅତିଥି ଶ୍ରୀ ସେଠୀ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ପ୍ରକୃତିକୁ ପ୍ରତିଦାନ ପ୍ରସଙ୍ଗରେ ଆଲୋଚନା ହୋଇଥଲା। ସ୍କୁଲରୁ ଫେରିବା ବେଳେ ପିଲାଙ୍କ ୱାଟର ବୋଟଲରେ ବଳକା ଥିବା ପାଣି ସ୍କୁଲ ପରିସରରେ ଥିବା ଗଛ ମୂଳରେ ଢାଳିବାକୁ ନିଜ ପିଲାଙ୍କୁ ଶିଖାଇବା ଉଚିତ୍ । ନିୟମିତ ଏଭଳି କରିବା ଦ୍ୱାରା ପିଲାଙ୍କ ଭିତରେ ଗଛ ପ୍ରତି ଦୁର୍ବଳତା ବଢିବ ଓ ସେ କ୍ରମଶଃ ତାର ଯତ୍ନ ନେବା ପାଇଁ ଇଚ୍ଛା ପ୍ରକାଶ କରିବ । ଏଣୁ ଏହି ଅଭ୍ୟାସ ଅଭିଭାବକ ମାନେ ପିଲାଙ୍କ ଦ୍ୱାରା କରାଇବ ଉଚିତ୍ ହେବ ବୋଲି ପୂର୍ବତନ ଛାତ୍ର ଚିତ ରଂଜନ ଚୌଧୁରୀ ମତ ଦେଇଥିଲେ । ଏଥିରେ ଉପସ୍ଥିତ ସମସ୍ତେ ଏକମତ ହୋଇଥଲେ। ଗଛରେ ପାଣି ଦେଉଥିବା ଫୋଟ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ଅଧିକ ସଚେତନତା ସୃଷ୍ଟି କରାଯାଇ ପାରିବ ବୋଲି ପୂର୍ବତନ ଛାତ୍ରୀ ପୁଷ୍ପାଞ୍ଜଳି ମହାନ୍ତି, ବି. ସିରିଶା ଓ ସ୍ୱର୍ଣ୍ଣଲତା ମୁଦୁଲି ମତବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବିଦ୍ୟାର୍ଥୀ ରଞ୍ଜିତା ୱାବିଲା, ସଦନ ମାଣ୍ଡି, ଡି. ଦାମୁ, ନିର୍ମଳ ବାଗ୍, ନରେନ୍ଦ୍ର ଖୋସଲା, ଘେନୁ ଜେନା, ରାମଚନ୍ଦ୍ର ମହାନ୍ତି, ସନ୍ତୋଷ ପଟ୍ଟନାୟକ, ଡିଲେ ରାଓ, ମୋହନ ବଳ, ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସଂଗ୍ରାମ କେଶରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ଖରାଟିଆ ଧାନ ଫସଲ ନଷ୍ଟ କଲେ ଓ ଘର ଭାଙ୍ଗିଲେ ଭାଙ୍ଗିଲେ ହାତୀପଲ



ବୈଶିଙ୍ଗା , ୧୧/୦୫ (ନି.ପ୍ର): କିଛିଦିନର ବ୍ୟବଧାନ ପରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ ରେଞ୍ଜକୁ ପୁଣି ଲେଉଟିଛନ୍ତି ବିଶାଳ ଝାଡଖଣ୍ଡୀ ହାତୀପଲ। ଏହି ରେଞ୍ଜରେ ଥିବା ବିଭିନ୍ନ ସଂରକ୍ଷିତ ଜଙ୍ଗଲ ମାନଙ୍କରେ ହାତୀପଲ ଦିନରେ ଡେରା ପକାଇଥିବା ବେଳେ ରାତି ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁକୁ ଯାଇ ଲୋକଙ୍କ ଘରଦ୍ୱାର ଭାଙ୍ଗି ଦେଉଛନ୍ତି ତ କେତେବେଳେ ବିଲ ମୁହାଁ ଯାଇ ଖରାଟିଆ ଧାନ ଫସଲ ବିଲରେ ଖାଇବା ସହିତ ଦଳି ମକଚି ନଷ୍ଟ କରି ଦେଉଥିବା ଦେଖିବାକୁ ମିଳିଛି।ସେହିପରି ଗତକାଲି ବିଳମ୍ବିତ ରାତି ପ୍ରାୟ ୧୦ଟା ପାଖାପାଖି ସମୟରେ ମେର୍ଦା ପଞ୍ଚାୟତର ଦୁର୍ଗାପୁର ଦେଇ ୬୦ ଟିକିଆ ହାତୀପଲ ଅଁଳା ପଞ୍ଚାୟତର ରାଇକମାକୁ ଆସିଥିବା ବେଳେ କ୍ଷେତ୍ରମୋହନ ମହାନ୍ତ ନାମକ ଜଣେ ଚାଷୀ ପାଞ୍ଚମାଣ ଜମି ଭାଗଆକାରରେ ଖରାଟିଆ ଧାନ ଚାଷ କରିଥିଲେ। କିନ୍ତୁ ସେହି ଜମିର ହାରାହାରି ୪ମାଣ ଅଂଶକୁ ହାତୀପଲ ଖାଇବା ସହିତ ବ୍ୟାପକ କ୍ଷୟକ୍ଷତି ଘଟାଇ ବୈଦ୍ୟପୁର ପଟେ ଯାଇଥିବା ଚାଷୀ କ୍ଷେତ୍ରମୋହନ ପ୍ରକାଶ କରିଛନ୍ତି। ସେହିପରି ସେହି ବିଳମ୍ବିତ ରାତିରେ ମେର୍ଦା ପଞ୍ଚାୟତର ବର୍ତ୍ତନା ଉପକଣ୍ଠ ଆଳଦିଆ ଗ୍ରାମର ଶମ୍ଭୁଆ ମହାକୁଡଙ୍କ ଘରକୁ ମଧ୍ୟ ଭାଙ୍ଗି ବ୍ୟାପକ ଉପଦ୍ରବ ଘଟାଇଥିବା ଜଣାପଡିଛି। ଏପଟେ ବନବିଭାଗ ପକ୍ଷରୁ ନିୟୋଜିତ ଥିବା ଗଜସାଥୀ ଉପସ୍ଥିତ ଥିଲେ ମଧ୍ୟ ଏତେ ବଡ ହାତୀପଲକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇପଡୁଥିବା ଯୋଗୁଁ ଗ୍ରାମବସୀମାନେ ବନ ବିଭାଗ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।କ୍ଷୟକ୍ଷତିକୁ ଆକଳନ କରି ତୁରନ୍ତ କ୍ଷତିପୂରଣ ଦେବାପାଇଁ ଦାବି କରିଛନ୍ତି।

## ସମୁଦାୟ ସ୍ତରୀୟ ହିତାଧିକାରୀ ଅଂଶୀଦାରମାନଙ୍କ ସହିତ ପରାମର୍ଶ ବୈଠକ

ଜୟପୁର, ୧୧/୦୫ (ନି.ପ୍ର): ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଏବଂ ନେଦରଲ୍ୟାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲା ତାଲିମ୍ କେନ୍ଦ୍ର, ଜିଲ୍ଲା ମୂଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ,କୋରାପୁଟ ଠାରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାକୁ ନେଇ ଏକ ସମୁଦାୟ ସ୍ତରୀୟ ହିତାଧିକାରୀ ଅଂଶୀଦାର ମାନଙ୍କ ସହିତ ପରାମର୍ଶ କେନ୍ଦ୍ରିତ ଆଲୋଚନା ବୈଠକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ଓଡ଼ିଶାର କାର୍ଯ୍ୟକ୍ରମ ପରିଚାଳକ ରାଜ କିଶୋର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଏବଂ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ପରାମର୍ଶ ବୈଠକରେ କୋରାପୁଟ ଜିଲ୍ଲା ପୋଲିସ ଡିଏସ୍ ପି ବିରଂଚି ଜଗତ, ମାଲକାନଗିରି ଜିଲ୍ଲା ପୋଲିସ ଆଇଆଇସି ସୁନୀଲ କୁମାର ସ୍ୱାଇଁ, ସରକାରୀ ମେଡିକାଲ ଅଫିସର, ରାୟଗଡ଼ା ଡାକ୍ତର ରଶ୍ମିପ୍ରଭା ଦାସ, ବରିଷ୍ଠ ସମାଜସେବୀ ଶ୍ରୀମତୀ ସ୍ୱର୍ଣ୍ଣଲତା ମହାନ୍ତି, ବିକ୍ରମଦେବ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନର ସହକାରୀ ପ୍ରଫେସର ଡ଼କ୍ଟର କୃଷ୍ଣ ସେଠୀଙ୍କ ସମେତ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା ଓ ମାଲକାନଗିରି ଜିଲ୍ଲାର ଆଶା ଦିଦି, ଅଙ୍ଗନବାଡି ଦିଦି, ପ୍ରେରଣା ଦିଦି, ପ୍ରୋଗ୍ରାମ ଅଫିସର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଅଫିସ୍, କୋରାପୁଟ, ସଖୀ କେନ୍ଦ୍ରର ସଂଯୋଜିକା, ଜିଲ୍ଲା ସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀର ସଭାପତି ଓ ସମ୍ପାଦିକା, ଜେଣ୍ଡର ସଂଯୋଜିକା, ଜିଲ୍ଲା ହବ୍ ସଂଯୋଜକ, ସମାଜସେବୀ, ପୀଡ଼ିତା ପ୍ରମୁଖ ଅଂଶଗ୍ରହଣକାରୀ ମାନେ ସମୁଦାୟ ସ୍ତରରେ ଘରୋଇ ହିଂସାର ସମାଧାନ ପାଇଁ ସେମାନଙ୍କର ମତାମତ ଉପସ୍ଥାପନା କରିଥିଲେ। ଅଂଶଗ୍ରହଣକାରୀ ମାନେ ମହିଳା ବିରୋଧୀ ହିଂସା ଦୂର କରିବାରେ ସମୁଦାୟ ସ୍ତରୀୟ ପ୍ରତିନିଧିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ବିଭିନ୍ନ ସମୁଦାୟ ଏବଂ ଅନୁଷ୍ଠାନର ପ୍ରତିନିଧିମାନେ ସମାଜର ସାମ୍ପ୍ରତିକ ପରିସ୍ଥିତିରେ ଗବେଷଣାର ଆବଶ୍ୟକତା ଉପରେ ସେମାନଙ୍କର ମତାମତ ପ୍ରକାଶ କରିଥିଲେ। ପରେ ସମସ୍ତ ଅଂଶୀଦାର ମାନେ ଘରୋଇ ହିଂସା ଏବଂ ଯୌତୁକ ନିଷେଧ ଆଇନର ସମାଧାନ ଉପରେ ପ୍ରଶ୍ନୋତର ଅଧିବେଶନରେ ଅଂଶଗ୍ରହଣ କରିଥିଲେ। ଘରୋଇ ହିଂସା ଏବଂ ଶୋଷଣ ବିରୁଦ୍ଧରେ ମହିଳାମାନଙ୍କୁ ସୁରକ୍ଷା ଦେବାରେ ଏବଂ ଘରୋଇ ହିଂସାକୁ ସମାଧାନ କରିବାରେ ବିଦ୍ୟମାନ ବ୍ୟବସ୍ଥା ଓ ଅନୁଷ୍ଠାନ କିପରି ସାହାଯ୍ୟ କରୁଛି ସେ ବିଷୟରେ ଅବଗତ କରିଥିଲେ। ଆତ୍ମ ନିର୍ଭର ଓ ସଚେତନ ହେଲେ ନାରୀ ସୁରକ୍ଷିତ ହେବେ, ନାରୀମାନେ ଯଦି ଶିକ୍ଷିତ, ସ୍ୱାବଲମ୍ବୀ ହୁଅନ୍ତି ତେବେ ସେମାନଙ୍କ ଉପରେ ହିଂସାର ଘଟଣା ହ୍ରାସ ପାଇବ ବୋଲି ମତାମତ ରଖିଥିଲେ। ମହିଳାମାନଙ୍କୁ ଘରୋଇ ହିଂସାରୁ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଅନେକ ଆଇନ ଓ ବ୍ୟବସ୍ଥା ରହିଛି । ଏ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଯାଇ ପାରିଲେ ନିର୍ଯାତନାର ଶିକାର ହେଉଥିବା ମହିଳାମାନେ ସୁରକ୍ଷିତ ଓ ଏକ ସମ୍ମାନ ଜନକ ଜୀବନ ଯିଇଁ ପାରିବେ ବୋଲି ଗୁରୁତ୍ୱାରୋପ କରାଯାଇଥିଲା। ମହିଳାମାନଙ୍କ ପ୍ରତି ନିର୍ଯାତନା, କାରଣ ନିରାକରଣ ଓ ସୁରକ୍ଷା ନିମନ୍ତେ ପ୍ରଣୟନ ହୋଇଥିବା ଆଇନ ଅନୁଯାୟୀ ସହାୟତା ବ୍ୟବସ୍ଥା ଏବଂ ବିସ୍ତୃତ ସୂଚନା ଓ ବିଭିନ୍ନ ଉଦାହରଣ ମାଧ୍ୟମରେ ନିର୍ଯାତନାର ଶିକାର ହେଇଥିବା ମହିଳାମାନଙ୍କ ଅଧିକାର, କର୍ତବ୍ୟ ଓ ସହଯୋଗ ସମ୍ପର୍କରେ ଆଲୋକପାତ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ସମସ୍ତ ଅଂଶୀଦାର ମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମଟିକୁ ଜାତୀୟ ଆଇନ ବିଶ୍ୱ ବିଦ୍ୟାଳୟ, ଓଡିଶାର ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା, ରାଜ କିଶୋର ପଣ୍ଡା ଓ ବିକ୍ରମ ବିଶ୍ୱବିଦ୍ୟାଳୟର ଗବେଷକ ଡ଼କ୍ଟର ଆଭାସ କୁମାରଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ଶେଷରେ ପ୍ରକଳ୍ପ ପରିଚାଳକ ସୁଧାଂଶୁ ଭୂଷଣ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଷୋହଳ ଭଉଣୀ ଡ୍ୟାମରେ ଯୁବକଙ୍କ ଆତ୍ମହତ୍ୟା ଘଟଣା: ମୁହଁ ଖୋଲିଲେ ୪ ଅଭିଯୁକ୍ତ,୧୦ଲକ୍ଷ ମାଗିବା ଘଟଣାକୁ ଖଣ୍ଡନ



ଖଇରା, ୧୧/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କେନ୍ଦୁଭଦଳୀ ଗ୍ରାମର ସନାତନ ବାରିକଙ୍କ ପୁଅ ହେମନ୍ତଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣାରେ ସନାତନଙ୍କ ଅଭିଯୋଗକୁ ନେଇ ଅଭିଯୁକ୍ତ ମାନେ ଗଣମାଧ୍ୟମ ପ୍ରତିନିଧି ଆଗରେ ମୁହଁ ଖୋଲିଛନ୍ତି । ପୋଲିସ ଏତଲାରେ ଅଭିଯୁକ୍ତ ଦର୍ଶାଇଥିବା ହେମନ୍ତଙ୍କ ଶ୍ୱଶୁର ଶୁକଦେବ ପରିଡା,ଗତ ପଞ୍ଚାୟତ ନିର୍ବାଚନର ସରପଞ୍ଚ ପ୍ରାର୍ଥି ଜୟନ୍ତ ନାୟକ,ନିରାକାର ମାଝୀ,ନବ କିଶୋର ପରିଡା ଓ ମାୟାଧର କୁଅଁର ଏକ ଖବରଦାତା ସମ୍ମିଳନୀ ଘଟଣାର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ତଥ୍ୟ ଅନୁଯାୟୀ ହେମନ୍ତଙ୍କ ବିରୋଧରେ ତାଙ୍କ ସ୍ତ୍ରୀ ସସ୍ମିତା ବାରିକ ନିର୍ଯ୍ୟାତନା ଅଭିଯୋଗ ଆଣିବା ପରେ ଏ ସମ୍ପର୍କରେ ଖଇରା ଥାନାରେ ପାଖାପାଖି ୨୦ଦିନ ତଳେ ଅଭିଯୋଗ ରୋଇଥିଲା । ଝିଅର ବାପା ଅମାରଗଡିଆ ଗ୍ରାମର ଶୁକଦେବଙ୍କ ନିମନ୍ତ୍ରଣ କ୍ରମେ ସେମାନେ ମଧ୍ୟସ୍ଥତା କରିଥିଲେ । କିଭଳି ସେମାନେ ପୁଣି ଥରେ ଭଲରେ ସଂସାର କରିବେ ସେମାନେ ସମସ୍ତ ପ୍ରକାର ଚେଷ୍ଟା କରିଥିଲେ । ଘଟଣାକୁ ନେଇ ହେମନ୍ତ ମଧ୍ୟ ଫୋନରେ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ । ହେଲେ ତାଙ୍କ ନାମରେ ୧୦ଲକ୍ଷ ଟଙ୍କା ମାଗିବା ନେଇ ଥାନାରେ ଅଭିଯୋଗ ହେବା ବା ଏ ସମ୍ପର୍କୀତ ଭିଡିଓ ଭାଇରାଲ କରାଯିବା ଭିଡିଓ ସମ୍ପୂର୍ଣ୍ଣ ଭିତ୍ତିହୀନ । ବରଂ ଏଭଳି ଭିଡିଓ ଅନ୍ୟ କୌଣସୀ ବ୍ୟକ୍ତିଙ୍କ ପ୍ରରୋଚନାରେ କରାଯାଇଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି । ଶ୍ୱଶୁର ଶୁକଦେବ ସ୍ପଷ୍ଟିକରଣ ଦେଇ ହେମନ୍ତ ତାଙ୍କ ଝିଅକୁ ନିର୍ଯାତନା ଦେଉଥିବା ନେଇ ଝିଅ ଥାନାର ଦ୍ୱାରସ୍ଥ ହୋଇଥିଲା । ପୋଲିସର ସମୟ ଅଭାବରୁ ତଥା ସମସ୍ତେ ଝିଅଜ୍ୱାଇଁଙ୍କ ମଧ୍ୟରେ ମିଳାମିଶା ଚାହିଁବାରୁ ମାମଲା ରୁଜୁ ହୋଇ ପାରିନଥିଲା । ପୋଲିସର ତଦନ୍ତ ଉପରେ ସେମାନଙ୍କର ଯଥେଷ୍ଟ ଭରସା ଅଛି । ସେମାନଙ୍କୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି ଭରସା ଅଛି ।

## ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧୀକାରୀଙ୍କ ବିୟୋଗ

ବସ୍ତା,୧୦।୫(ନିପ୍ର):ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବସ୍ତା ବ୍ଲକର କୁଶଡ଼ିହା ଗ୍ରାମନିବାସୀ ଅଚ୍ୟୁତାନନ୍ଦ ମଣ୍ଡଳ ୬୭ ବର୍ଷରେ ପରଲୋକ ଗମନ କରିଛନ୍ତି। ସେ ରେମୁଣା ବ୍ଲକ ଗୋଷ୍ଠୀ ଅଧିକାରୀ ଭାବେ ଅବସର ଗ୍ରହଣ କରିଥିଲେ। ସେ ପ୍ରଥମେ ବସ୍ତା ବ୍ଲକର ବାରାପାଳ ରାଧାକୃଷ୍ଣ ମଧ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପରେ ଗୋଷ୍ଠୀ ଶିକ୍ଷାଧିକାରୀଭାବେ ୨୦୧୯ରେ ଅବସର ନେଇ ଥିଲେ।ହଠାତ ସେ ଅସୁସ୍ଥ ହୋଇ ପଡିବାରୁ ବସ୍ତା ଡାକ୍ତରଖାନା ନିଆଯାଇଥିଲା ସେଠାରେ ପ୍ରାଣହାନି ଘଟିଥିଲା। ସଂପ୍ରତି ତାଙ୍କର ସ୍ତ୍ରୀ,ଦୁଇ ପୁଅ ଓ ଦୁଇ ଝିଅ ଅଛନ୍ତି। ସେ କର୍ତ୍ତବ୍ୟ ନିଷ୍ଠ , ଧର୍ମ ପରାୟଣ ଓ ପରୋପକାରୀ ଥିଲେ।ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ ପାଇଛି।

# ପିଇବାପାଣି ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲେ ଗ୍ରାମବାସୀ



ବେତନଟୀ, ୧୧/୫(ନି.ପ୍ର) : ବେତନଟୀ ଥାନା ଖଡ଼ିଶୋଳ ପଞ୍ଚାୟତ ଅଧୀନ ଖଡ଼ିଶୋଳ ଗ୍ରାମରେ ବସୁଧା ଯୋଜନାରେ ନିର୍ମିତ ପାଣିଟାଙ୍କିର ଯନ୍ତ୍ରାଂଶ ସମସ୍ୟା ପାଇଁ ୨୦ଦିନରୁ ଉର୍ଦ୍ଧ୍ୱ ସମୟ ଧରି ବିଶୁଦ୍ଧ ପିଇବାପାଣିରୁ ବଞ୍ଚିତ ହୋଇ ରହିଥିବା ଶତାଧିକ ଗ୍ରାମବାସୀ ଶେଷରେ ଏକଜୁଟ ହୋଇ ସୋମବାର ଗ୍ରାମ ପରିକ୍ରମା କରି ନାରାବାଜି କରିବା ସହିତ ଖଡ଼ିଶୋଳ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗଗରା ବାଲ୍ଟି ଧରି ଧାରଣାରେ ବସିବାପରେ ଶେଷରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀ ଖଡ଼ିଶୋଳ ଗାଁରେ ପହଞ୍ଚି ମରାମତି କାର୍ଯ୍ୟ ଚଲାଇ ଥିବାବେଳେ ସୋମବାର ଅପରାହ୍ନ ଦୁଇଟା ପର୍ଯ୍ୟନ୍ତ ମରାମତି କାମ ଚାଲିଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଖଡ଼ିଶୋଳ ଗାଁରେ ବସୁଧା ଯୋଜନାରେ ନିର୍ମିତ ପାଣିଟାଙ୍କିରୁ ଗ୍ରାମର ଶତାଧିକ ପରିବାର ଦୈନିକ ଦୁଇବେଳା ବିଶୁଦ୍ଧ ପାନୀୟଜଳ ପାଉଥିଲେ ଲ ତେବେ ଦୀର୍ଘ ୨୦ଦିନରୁ ଉର୍ଦ୍ଧ୍ୱ ସମୟ ହେବ ପାନୀୟଜଳ ପ୍ରକଳ୍ପରେ ଯାନ୍ତ୍ରିକ ସମସ୍ୟା ପାଇଁ ବିଶୁଦ୍ଧ ପିଇବାପାଣି ଯୋଗାଣ ସମ୍ପୂର୍ଣ୍ଣ ଠପ ହୋଇ ଯାଇଛି । ଏନେଇ ଗ୍ରାମବାସୀ ବାରମ୍ବାର ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଠାରୁ ଆରମ୍ଭକରି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ସୁଦ୍ଧା କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରୁନଥିବାରୁ ଶେଷରେ ପିଇବା ପାଇଁ ସମସ୍ୟାରେ ଅତିଷ୍ଠ ଶତାଧିକ ଗ୍ରାମବାସୀ ଗଗରା ବାଲ୍ଟି ଧରି ଗାଁ ପରିକ୍ରମା କରି ବିକ୍ଷୋଭ ଓ ନାରାବାଜି କରିବାପରେ ଖଡ଼ିଶୋଳ ପଞ୍ଚାୟତ ଅଫିସ ସମ୍ମୁଖରେ ଗଗରା, ବାଲ୍ଟି ରଖି ଧାରଣା ପୂର୍ବକ ନାରାବାଜି କରିଥିଲେ। ଶେଷରେ ବିଭାଗୀୟ ଯନ୍ତ୍ରୀ ଏବଂ କର୍ତ୍ତୃପକ୍ଷ ଆସି ଆଲୋଚନା ପୂର୍ବକ ବୁଝାମଣା ପରେ ଯନ୍ତ୍ରାଂଶ ମରାମତି କାମ ଆରମ୍ଭ ହୋଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି।

# ଅତିରିକ୍ତ ଜିଲ୍ଲାପାଳଙ୍କୁ ଓୟୁଜେ ସଦସ୍ୟଙ୍କ ସୌଜନ୍ୟ ମୂଳକ ସାକ୍ଷାତ



ବାଲେଶ୍ୱର, ୧୧/୫ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ର ସଦସ୍ୟ ମାନେ ଆଜି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଖୁଣ୍ଟିଆ ବାଲେଶ୍ୱର ଜିଲ୍ଲାର ଭୌଗଳିକ ସ୍ଥିତି, ସ୍ୱାଧୀନତା ସଂଗ୍ରାମ ର ଅବଦାନ, ସାହିତ୍ୟ ,ସଂସ୍କୃତି , ଲୋକକଳା ବିଷୟରେ ଆଲୋଚନା କରିଥଲେ।ବିଶେଷ କରି ଫକୀର ମୋହନ ସେନାପତିଙ୍କ କାଳଜୟୀ ଲେଖା ତାଙ୍କୁ ବେଶ ଅନୁପ୍ରାଣିତ କରିଛି ବୋଲି ସେ କହିଥିଲେ। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଓ ଜାତୀୟ କାର୍ଯ୍ୟକାରୀଣି ସଦସ୍ୟ ରାମ ନାରାୟଣ ଶତପଥି ଓଡ଼ିଶା ସାମ୍ବାଦିକ ୟୁନିଅନର ବିଭିନ୍ନ ସମୟରେ କରାଯାଉଥିବା କାର୍ଯ୍ୟକ୍ରମ ସଂମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ବାଲେଶ୍ୱର ଜିଲ୍ଲାରେ ସଧାରଣ ଲୋକଙ୍କ ସର୍ବନିମ୍ନ ସମସ୍ୟା ସମାଧାନ ପାଇଁ କାର୍ଯ୍ୟ କରିବା ସହିତ ସାମ୍ବାଦିକ ବନ୍ଧୁ ମାନଙ୍କ ଜିଲ୍ଲା ର ସମସ୍ୟା ଜନିତ ଖବର ପ୍ରତି ଅଧିକ ଧ୍ୟାନ ଦେବେ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଏହି ସୌଜନ୍ୟ ମୂଳକ ସାକ୍ଷାତ ବେଳେ ଓଡ଼ିଶା ସାମ୍ବାଦିକ ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ, ଜାତୀୟ କାର୍ଯ୍ୟକାରୀଣି ସଦସ୍ୟ ରାମନାରାୟଣ ଶତପଥି, ଜୋନାଲ ସମ୍ପାଦକ ରବୀନ୍ଦ୍ର ମହାକୁଡ, କୋଷାଧକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଟ ସାମ୍ବାଦିକ କଞ୍ଚମଣି ସ୍ୱାଇଁ, ସଞ୍ଜୟ ମହାଳିକ ,ପ୍ରଦୀପ କୁମାର ବେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଶିଷ୍ଟ ସଂସ୍କୃତ ପ୍ରେମୀଙ୍କୁ ସମ୍ବର୍ଦ୍ଧନା



ଜଳେଶ୍ୱର, ୧୧/୫ (ନି.ପ୍ର): ଜଳେଶ୍ୱର ସଂସ୍କୃତ ସଂଗୋଷ୍ଠୀ ପକ୍ଷରୁ ରାଜପୁର ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଭବାନୀ ଶଙ୍କର ପାଲ ମହୋଦୟଙ୍କୁ ବିଶିଷ୍ଟ ସଂସ୍କୃତ ପ୍ରେମୀ ଭାବରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଅଛି। ପଣ୍ଡିତ ଅନୀଲ କୁମାର ପଣ୍ଡାଙ୍କ ବେଦ ପାଠପରେ ଆୟୋଜିତ ସଭାରେ ପଣ୍ଡିତ ଦେବେନ୍ଦ୍ର ନାଥ ଭୂୟାଁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସଂଗୋଷ୍ଠୀର ସଭାପତି ଡ, ବିବେକାନନ୍ଦ ସାହୁ ବକ୍ତବ୍ୟରେ ଭବାନୀ ଶଙ୍କର ପାଲଙ୍କର ସଂସ୍କୃତ ଭାଷାର ପ୍ରଚାର ପ୍ରସାର ନିମନ୍ତେ ବିଶେଷ ଅବଦାନ ସମ୍ବନ୍ଧରେ ଆଲୋକପାତ କରିସଂସ୍କୃତକୁ ଭଲପାଉଥିବା ବ୍ୟକ୍ତି ବିଶେଷ ହିଁ ସଂସ୍କୃତ ଭାଷାର ପ୍ରକୃତ ପ୍ରଚାରକ ବୋଲି ମତ ପ୍ରକାଶ କରିଥିଲେ। ଶ୍ରୀ ଭବାନୀ ଶଙ୍କର ପାଲଙ୍କର ସହଧର୍ମିଣୀ ଶ୍ରୀମତୀ ରାଧାରାଣୀ ପାଲଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ପଣ୍ଡିତ ଜନାର୍ଦ୍ଦନ ମିଶ୍ର ସମ୍ବର୍ଦ୍ଧନା ପତ୍ର ପାଠ ପୂର୍ବକ ଶ୍ରୀ ଭବାନୀ ଶଙ୍କର ପାଲ ଙ୍କ ସଂସ୍କୃତ ପ୍ରୀତି ସମ୍ବନ୍ଧରେ ଆଲୋଚନା କରିଥିଲେ।ପରିଶେଷରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗୌରୀଶଙ୍କର ପାଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଘିମିରି ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୧୧/୫ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ଘିମିରି ନିରାକରଣ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ ସାହୁ ଉପସ୍ଥିତ ରହି କହିଲେ, ଗ୍ରୀଷ୍ମ ଋତୁର ଉତାପରୁ ସ୍ୱେଦ ଓ ମଇଳା ଚର୍ମରେ ଜମି ରହେ ଫଳରେ ଘିମିରି ଜାତ ହୁଏ କ୍ଷ କୁଣ୍ଡାଇ ହୁଏ, କୁଣ୍ଡାଇଲେ ଲାଲ୍ ପଡି ଜଳେ। ତ୍ୱଚାକୁ ମୁଲତାନି ମାଟି ଲଗାଇ ସଫା କରନ୍ତୁ। ଭଲ ଭାବେ ଦିନକୁ ଦୁଇ ଥର ଗାଧାନ୍ତୁ। ସ୍ନାନ ପରେ ଚନ୍ଦନ କିମ୍ବା ବେଣାଚେର ଚିକ୍କଣ ଚୂର୍ଣ୍ଣ ଲଗାନ୍ତୁ । କୁଣ୍ଡାଇ ହେଲେ ନ କୁଣ୍ଡାଇ ଘୃତ କୁମାରୀ ରସ ଲଗାନ୍ତୁ । ସକାଳୁ ନିମ୍ବ ହଳଦୀ ବଟା ପାଂଚ ଗ୍ରାମ ଖାଆନ୍ତୁ । କାକୁଡ଼ି, ତରଭୁଜ ଖାଆନ୍ତୁ, ଅଧିକ ମିଠା, ଖଟା, ଆମ୍ବ ଖାଆନ୍ତୁ ନାହିଁ ଓ ସୂତାଲୁଗା ପରିଧାନ କରିବା ପାଇଁ ପରାମର୍ଶ ଦେଇଥିଲେ।

# ବାସୁଦେବପୁର ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ



ବାସୁଦେବପୁର , ୧୧/୫ (ନି.ପ୍ର): ବାସୁଦେବପୁର ପଞ୍ଚାୟତ ସମିତି ପକ୍ଷରୁ ବାସୁଦେବପୁର ବ୍ଲକ୍ ସମ୍ମିଳନୀ କକ୍ଷରେ ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏହି ବୈଠକରେ ଭଦ୍ରକର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ବିଡିଓ ତନ୍ମିତା କର, ଏବିଡିଓ, ଜି ପି ଇ ଓ, ସହ ଶ୍ରମ ଅଧିକାରୀ ଡକ୍ଟର ମନୋରଞ୍ଜନ ନାୟକ । ଏହି ବୈଠକର ବିଭିନ୍ନ ପଞ୍ଚାୟତରେ ଥିବା ସମସ୍ୟା କୁ ଆଲୋଚନା କରା ଯାଇଥିଲା। ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ ଓ ସମିତି ସଭ୍ୟ ମାନେ ଏହି ବୈଠକରେ ବିଭିନ୍ନ ଦାବି ଉପସ୍ଥାପନ କରିବା ସହିତ ବିଭିନ୍ନ ସମସ୍ୟା କଥା ଆଲୋଚନା କରିଥିଲେ। ଯୋଗାଣ ବିଭାଗ, ପାନୀୟ ଜଳ ବିଭାଗ, ବିଦ୍ୟୁତ୍ ବିଭାଗ, ରାସ୍ତା ଓ ଗୃହ ବିଭାଗ, କୃଷି ବିଭାଗ, ବନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ପ୍ରଭୃତି ବିଭିନ୍ନ ବିଭାଗର ଥିବା ସମସ୍ୟା କୁ ଏହି ବୈଠକରେ ଆଲୋଚନା କରା ଯାଇଥିଲା। ଆର୍ତ୍ତୁଙ୍ଗ ପଞ୍ଚାୟତ ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ,ନରସିଂହପୁର ପଞ୍ଚାୟତ ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ରାଜ ଘର ପୋଖରୀ ସମିତି ସଭ୍ୟ ରମେଶ ଚନ୍ଦ୍ର ବଳ, ନୂଆଗାଁ ସରପଞ୍ଚ ରିନା ସ୍ୱାଇଁ, ସୁଦର୍ଶନପୁର ପଞ୍ଚାୟତ ସରପଞ୍ଚ ଚନ୍ଦ୍ରକାନ୍ତ ମଲ୍ଲିକ ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ। ବ୍ଲକର ସମସ୍ତ କର୍ମଚାରୀ, ବିଭିନ୍ନ ବିଭାଗର ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ ଏହି ବୈଠକରେ ଯୋଗ ଦେଇଥିଲେ। କେତେକ କ୍ଷେତ୍ରରେ ସରକାରୀ ଯୋଜନାରେ ଅନିୟମିତତା ଓ ଦୁର୍ନୀତି ହୋଇଛି ବୋଲି ଏହି ବୈଠକରେ ବିଭିନ୍ନ ପଞ୍ଚାୟତ ପ୍ରତିନିଧି ମାନେ ଦୁଃଖ ଓ କ୍ଷୋଭ ପ୍ରକାଶ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ବଢ଼ିଲା ଡିଜିଟାଲ୍ ଯୁଦ୍ଧ ଆଶଙ୍କା...

ଏହି ଆଇନ ଅନୁଯାୟୀ, ଯେକୌଣସି ପ୍ରଣାଳୀ ଆନ୍ତର୍ଜାତୀୟ ନୌପରିବହନ ପାଇଁ ସମ୍ପୂର୍ଣ୍ଣ ଖୋଲା। ଏହାକୁ ବନ୍ଦ କରାଯାଇପାରିବ ନାହିଁ, ଅର୍ଥାତ୍ ଯେଉଁ ଦେଶ ଅଧୀନରେ ଏହି ପ୍ରଣାଳୀ ପଡ଼ିଥାଏ, ସେ ଦେଶ ଜାହାଜଗୁଡ଼ିକର ଗତିକୁ ଅବରୋଧ କରିପାରିବ ନାହିଁ। ଏହା ସ୍ପଷ୍ଟ କରେ ଯେ, ପ୍ରଣାଳୀର ଜଳକ୍ଷେତ୍ର, ସମୁଦ୍ରତଟ ଏବଂ ଆକାଶପଥ ସେହି ଦେଶ ଦ୍ୱାରା ନିୟନ୍ତ୍ରିତ ହେବ ଯାହାର ଉପକୂଳ ଏହା ନିକଟରେ ରହିଥିବ। ଆନ୍ତର୍ଜାତୀୟ ସାମୁଦ୍ରିକ ଆଇନର ଧାରା ୭୯ ଅନୁଯାୟୀ କୌଣସି ଦେଶର ଜଳସୀମାରେ କେବୁଲ ବିଛାଇବା ପାଇଁ ଅନୁମୋଦନ ଆବଶ୍ୟକ। ଇରାନ ଏବେ ଏହି ଆଇନକୁ ବ୍ୟବହାର କରିବାକୁ ଚାହୁଁଛି। ହର୍ମୁଜ୍‌ରେ ବିଛାଯାଇଥିବା କେବୁଲର ଏକ ବଡ଼ ଅଂଶ ଇରାନର କ୍ଷେତ୍ରୀୟ ଜଳସୀମା ଦେଇ ଯାଇଛି। ଯଦି କେବୁଲ କ୍ଷତିଗ୍ରସ୍ତ ହୁଏ, ତେବେ ଏହାକୁ ମରାମତି କରିବା ପାଇଁ ଇରାନର ଅନୁମତି ଆବଶ୍ୟକ ହେବ। ଏଥିପାଇଁ ଇରାନ ଏକ ଦୁଇ ପର୍ଯ୍ୟାୟ ଯୋଜନା ପ୍ରସ୍ତୁତ କରିଛି, ଯାହା ଅନୁଯାୟୀ ମେଟା, ଆମାଜନ ଏବଂ ମାଇକ୍ରୋସଫ୍ଟ ଭଳି ବଡ଼ ଟେକ୍ କମ୍ପାନିଗୁଡ଼ିକୁ ଡାଟା ପଠାଇବା ପାଇଁ ଇରାନରୁ ଅନୁମତି ନେବାକୁ ପଡିବ ଏବଂ ବାର୍ଷିକ ଶୁଳ୍କ ଦେବାକୁ ପଡିବ। କେବୁଲଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ମରାମତି କେବଳ ଇରାନୀ କମ୍ପାନିଗୁଡ଼ିକୁ ପ୍ରଦାନ କରାଯିବ। ଏହା କେବଳ ଇରାନକୁ ଆର୍ଥିକ ସମ୍ବଳ ଯୋଗାଇବ ନାହିଁ ବରଂ କେବୁଲଗୁଡ଼ିକର ଭୌତିକ ସୁରକ୍ଷା ଏବଂ ତଥ୍ୟ ସ୍ଥାନାନ୍ତର ଉପରେ ଏହାର ତଦାରଖକୁ ମଧ ବୃଦ୍ଧି କରିବ। ଏହା ଦ୍ୱାରା ଡିଜିଟାଲ୍ ଅର୍ଥନୀତି ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବ। ଏହି ଧମକ ସ୍ପଷ୍ଟ ଭାବରେ ସୂଚାଇ ଦିଏ ଯେ, ଯଦି ଇରାନକୁ ଟିକସ ଦେବାରେ କୌଣସି ଦେଶ ବିଫଳ ହୁଏ, ତେବେ ସମୁଦ୍ର ତଳେ ଥିବା ସମ୍ପୃକ୍ତ ଦେଶର ଯୋଗାଯୋଗ କେବୁଲଗୁଡ଼ିକୁ ଟାର୍ଗେଟ କରାଯିବ ଏବଂ କାଟି ଦିଆଯାଇପାରେ। ଯଦି ଇରାନକୁ ଡାଟା ସ୍ଥାନାନ୍ତର ପାଇଁ ଟିକସ ଦିଆ ନ ଯାଏ, ତେବେ ଇରାନ ଆରବ ବିଶ୍ୱରେ ଏକ ଡିଜିଟାଲ ବ୍ଲାକଆଉଟ୍ ଯୋଜନା କରିଛି। ହର୍ମୁଜ୍ ପ୍ରଣାଳୀରେ ପାଣି ତଳେ ଯୋଗାଯୋଗ କେବୁଲଗୁଡ଼ିକୁ କାଟି ଏହି ଯୋଜନା ସଫଳ କରିବ। ଇରାନ ଜାଣେ ଯେ ୟୁରୋପୀୟ କିମ୍ବା ଆରବ ଦେଶଗୁଡ଼ିକ କୌଣସି ମୂଲ୍ୟରେ ଏହି କେବୁଲଗୁଡ଼ିକୁ କ୍ଷତି ପହଞ୍ଚାଇବାକୁ ଦେବେ ନାହିଁ। ତେଣୁ, ଇରାନର ସର୍ତ୍ତଗୁଡ଼ିକୁ ଗ୍ରହଣ କରିବା ବ୍ୟତୀତ ସେମାନଙ୍କର ଅନ୍ୟ କୌଣସି ବିକଳ୍ପ ପନ୍ଥା ନାହିଁ।

## ରାଜ୍ୟସଭା ନିର୍ବାଚନରେ ...

କିନ୍ତୁ ନିର୍ବାଚନ କମିଶନର ଶାସକ ବିଜେପିର ପ୍ରରୋଚନାରେ ଦ୍ୱିତୀୟ ବାଲାଟ ପ୍ରଦାନ କରିଥିଲେ, ଯାହା ନିର୍ବାଚନର ନିୟମକୁ ଉଲ୍ଲଙ୍ଘନ କରୁଛି । ଯଦି ଭାରତବର୍ଷରେ ସମ୍ବିଧାନକୁ ରକ୍ଷା କରୁଥିବା ସଂସ୍ଥାମାନେ ନିରପେକ୍ଷ ଭାବେ ନିଜ କାର୍ଯ୍ୟ ନିର୍ବାହ କରିବେ ନାହିଁ, ତାହା ହେଲେ ଦେଶରେ ଗଣତନ୍ତ୍ର ଦୁର୍ବଳ ହେବ । ଏହା ଦେଶ ଓ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ । ସୂଚନାଯୋଗ୍ୟ ଯେ ଗତ ୨୮ ଏପ୍ରିଲରେ ହୋଇଥିବା ରାଜ୍ୟସଭା ନିର୍ବାଚନ ସମୟରେ ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅବୈଧ ଭାବେ ଦ୍ୱିତୀୟ ବାଲାଟ ପେପର ଦିଆଯିବାକୁ ନେଇ ବିଜେଡି ଭାରତ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ ପତ୍ର ଦାଖଲ କରିଥିଲା । ଭାରତ ନିର୍ବାଚନ ଆୟୋଗର ଅଣ୍ଡର ସେକ୍ରେଟାରୀ ରାଜେନ୍ଦ୍ର କୁମାର ସିଂହ ୨୯ ଏପ୍ରିଲରେ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ଲେଖି, ବିଜେଡି ପ୍ରତିନିଧି ଦଳ ସହିତ ଏହି ବିଷୟରେ ତ୍ୱରିତ ଆଲୋଚନା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ସୋମନାଥ ଅମୃତ ମହୋତ୍ସବରେ...

ଦୁଇଟି ସମାରୋହ ଏକସଙ୍ଗେ ସମ୍ପନ୍ନ ହେବାର ଅଭିନବ ମହତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସେ କହିଥିଲେ, ''ପ୍ରଥମ ବିଧ୍ୱଂସର ୧୦୦୦ ବର୍ଷ ପରେ ମଧ ସୋମନାଥ ଅବିନାଶୀ ରହିବା ଏବଂ ଆଜି ଏହି ଆଧୁନିକ ସ୍ୱରୂପର ପ୍ରାଣ ପ୍ରତିଷ୍ଠାକୁ ୭୫ ବର୍ଷ ପୂରଣ ହେବା ଅବସରରେ ଆମକୁ ହଜାର ହଜାର ବର୍ଷର ଅମର ଯାତ୍ରାକୁ ଅନୁଭବ କରିବାର ସୁଯୋଗ ମିଳିଛି ।'' ୧୯୫୧ରେ ଏହି ଐତିହାସିକ ପ୍ରାଣ ପ୍ରତିଷ୍ଠା ସମାରୋହର ଗୁରୁତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହା କୌଣସି ସାଧାରଣ ଅବସର ନୁହେଁ। ଯଦି ଭାରତ ୧୯୪୭ରେ ସ୍ୱାଧୀନ ହୋଇଥିଲା, ତେବେ ୧୯୫୧ରେ ସୋମନାଥର ପ୍ରାଣ-ପ୍ରତିଷ୍ଠା ଭାରତର ସ୍ୱାଧୀନ ଚେତନାକୁ ଉଦଘୋଷ କରିଥିଲା । ଭାରତ ସ୍ୱାଧୀନ ହେବାର ମାତ୍ର ଚାରି ବର୍ଷ ପରେ, ୧୯୫୧ ମସିହାରେ ମନ୍ଦିରର ପୁନଃନିର୍ମାଣର ଗଭୀର ମହତ୍ୱ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ । ସେ କହିଥିଲେ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ୫୦୦ ଗଡ଼ଜାତ ରାଜ୍ୟର ରାଜନୈତିକ ଏକୀକରଣ ଏବଂ ସୋମନାଥକୁ ପୁନଃନିର୍ମାଣ କରିବା ଜରିଆରେ ନିଜ ଦୃଢ଼ ସଂକଳ୍ପର ପରିଚୟ ଦେଇଥିଲେ । ଯେତେବେଳେ ଭାରତ ବିଦେଶୀ ଗୋଲାମିରୁ ମୁକ୍ତ ହୋଇଥିଲା, ସୋମନାଥର ପୁନଃନିର୍ମାଣ ସମକାଳୀନ ବିଶ୍ୱକୁ ଏକ ବାର୍ତ୍ତା ଦେଇଥିଲା ଯେ ଭାରତ କେବଳ ସ୍ୱାଧୀନ ହେଉ ନାହିଁ, ବରଂ ଏହାର ପ୍ରାଚୀନ ଗୌରବକୁ ମଧ ଫେରି ପାଉଛି ବୋଲି ଶ୍ରୀ ମୋଦୀ କହିଥିଲେ। ଏହି ସମାରୋହର ବହୁମୁଖି ମହତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ, ସେ କେବଳ ୭୫ ବର୍ଷର ପୁନରାବଲୋକନକୁ ଦେଖୁନାହାନ୍ତି । ଏଠାରେ ସେ ସୃଜନ ଏବଂ ବିଧ୍ୱଂସର ସେହି ସଂକଳ୍ପକୁ ଦେଖୁଛନ୍ତି ଯାହାକୁ ସୋମନାଥ ପୂରଣ କରିଛି । ଏହି ପବିତ୍ର ପରିସରରେ ଅସତ୍ୟ ଉପରେ ସତ୍ୟର ଶାଶ୍ୱତ ବିଜୟକୁ ପ୍ରତ୍ୟକ୍ଷ ରୂପେ ଦେଖୁଥିବା ସେ କହିଥିଲେ । ପ୍ରଧାନମନ୍ତ୍ରୀ ଶହ ଶହ ବର୍ଷ ଧରି ଚାଲି ଆସିଥିବା ଏକ ଆଧାତ୍ମିକ ଚେତନାକୁ ଦେଖିବା ବିଷୟରେ କହିଥିଲେ, ଯାହା ସାର୍ବଜନୀନ କଲ୍ୟାଣ ପାଇଁ ଶିକ୍ଷା ପ୍ରଦାନ କରିଥାଏ। ସେ ସୋମନାଥର ଦୃଢ଼ତାରେ ନିହିତ ଭାରତର ଅବିନାଶୀ ସାରତତ୍ତ୍ୱ ବିଷୟରେ ତାଙ୍କର ଦୃଷ୍ଟିକୋଣ ପ୍ରକାଶ କରିଥିଲେ। ''ମୁଁ ଏଠାରେ ଭାରତର ଅବିନାଶୀ ସାରତତ୍ତ୍ୱକୁ ଦେଖୁଛି, ଯାହାକୁ ଶହ ଶହ ବର୍ଷର କଠୋର ପ୍ରୟାସ ଦ୍ୱାରା ଲିଭାଇ ଦିଆଯାଇପାରିବ ନାହିଁ, ପରାଜିତ କରାଯାଇପାରିବ ନାହିଁ,'' ଶ୍ରୀ ମୋଦୀ କହିଥିଲେ। ଏହି ଉତ୍ସବର ଦୂରଦର୍ଶୀ ଦିଗ ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ, ସୋମନାଥ ଅମୃତ ମହୋତ୍ସବ କେବଳ ଏକ ସ୍ମୃତିଚାରଣ ଉତ୍ସବ ନୁହେଁ। ଏହା କେବଳ ଅତୀତର ଏକ ଉତ୍ସବ ନୁହେଁ, ବରଂ ଆଗାମୀ ଏକ ହଜାର ବର୍ଷ ଲାଗି ଭାରତ ପାଇଁ ଏକ ପ୍ରେରଣା। ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ସମସ୍ତ ଦେଶବାସୀ ଏବଂ ଭଗବାନ ସୋମନାଥଙ୍କ ଲକ୍ଷ ଲକ୍ଷ ଭକ୍ତଙ୍କୁ ପ୍ରଧାନମନ୍ତ୍ରୀ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଥିଲେ ।

## ରାଜ୍ୟରେ ଭୁଶୁଡ଼ିଛି...

ତେବେ କିଛି ପଟା ପଡୋଶୀ ମାନସ ଜେନାଙ୍କ ସୀମାରେ ପଡ଼ିଯାଇଥିଲା । ଏହାପରେ ମାନସ ଉତ୍କ୍ଷିପ୍ତ ହୋଇ ସୁରେନ୍ଦ୍ରଙ୍କ ଭଉଣୀ କମଳାଙ୍କୁ ହତ୍ୟା କରିଥିଲେ । ଏସ୍‌ସିବିରେ ଜୀବନ ସହ ସଂଗ୍ରାମ କରୁଛନ୍ତି ସୁରେନ୍ଦ୍ରଙ୍କ ଭାଉଜ । ସେହିପରି କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁରେ ସ୍ୱାମୀ-ସ୍ତ୍ରୀଙ୍କ ଘରୋଇ କଳିରୁ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ । ଗାଁ ଦାଣ୍ଡରେ ୧୫ରୁ ଅଧିକ ଯୁବକ ଦଉଡ଼ିରେ ବାନ୍ଧି ଯୁବକଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି । ସେପଟେ ଯୁବତୀଙ୍କୁ ଦୁର୍ବ୍ୟବହାର ଉଦ୍ୟମ କରିବା ଉଦଳାର ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି । ବାରିପଦା ଅଞ୍ଚଳର ଯୁବକଙ୍କୁ ଗଛରେ ବାନ୍ଧି ଅମାନୁଷିକ ଭାବେ ମାଡ଼ ମାରିଛନ୍ତି ଲୋକେ । ସେହିପରି ବୁଗୁଡ଼ାରେ ବେଆଇନ ମାଙ୍କଡା ପଥର ବୋଝେଇ ଗାଡ଼ିକୁ ଅଟକାଇ ପୁଲିସକୁ ଖବର ଦେବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ପଥର ମାଫିଆମାନେ ମୁଖ୍ୟ ରାସ୍ତାରେ ଆକ୍ରମଣ କରି ହତ୍ୟା କରିବା ସହ ଦୁଇ ହାତ କାଟି ଦେଇଛନ୍ତି । ମୃତ ଯୁବକ ଜଣକ ଓଡ଼ଗାଁ ଖେଳପଡ଼ିଆ ସାହିର ଅଜିତ କୁମାର ସାହୁ। ଏହି ଘଟଣାରେ ଜଡ଼ିତ ୪ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବା ସହ ପରବର୍ତ୍ତୀ ତଦନ୍ତ ଜାରି ରଖିଛି। ଅଜିତ, ବଜରଙ୍ଗଦଳର ଜଣେ ସକ୍ରିୟ କର୍ମୀ ଥିଲେ। ସେ ନିଜ ସାଙ୍ଗସାଥୀଙ୍କୁ ନେଇ ଅଞ୍ଚଳରେ ଗୋରକ୍ଷା ସହ ବିଭିନ୍ନ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ । ପୂର୍ବରୁ ଅନେକ ଥର, ଅଜିତ ବେଆଇନ ମାଙ୍କଡାପଥରଗାଡ଼ି ଓ ଗୋଚାଲାଣ ଗାଡ଼ିଗୁଡ଼ିକୁ ଅଟକାଇ ପୁଲିସକୁ ସୂଚିତ କରିଛନ୍ତି। ଅଜିତଙ୍କ ଭୟରେ ମାଙ୍କଡ଼ାପଥର ଓ ଗୋ-ମାଫିଆଙ୍କ ବେପାର ମାନ୍ଦା ହୋଇ ଯାଇଥିଲା। ଏଣୁ ସେମାନେ ଅଜିତଙ୍କୁ ରାସ୍ତାରୁ ହଟାଇବାକୁ ଉଦ୍ୟମ କରୁଥିଲେ। ରବିବାର ରାତି ପ୍ରାୟ ସାଢେ ଦୁଇଟା ସମୟରେ, ଏକ ମାଙ୍କଡା ବୋଝେଇ ଟ୍ରକକୁ ସୁରକ୍ଷା ଦେଇ ଏକ କାରରେ ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ସଜ୍ଜିତ ହୋଇ ବାହାରିଥିଲେ । ଓଡ଼ଗାଁ ଥାନାଠାରୁ ମାତ୍ର ଦୁଇ କିମି ଦୂର ଓଡ଼ଗାଁ କଲେଜ ନିକଟ କଦଳୀବନ୍ଧ ଠାରେ ଅଜିତ ମାଙ୍କଡ଼ାପଥର ବୋଝେଇ ଗାଡ଼ିକୁ ଅଟକାଇଥିଲେ। ଏହି ସମୟରେ କାର ଭିତରୁ ପ୍ରାୟ ୬ଜଣ ଦୁର୍ବୃତ୍ତ ଖଣ୍ଡାକାତି ବାହାରି ଅଜିତକୁ ଚାରିପଟୁ ଘେରିଯାଇଥିଲେ। ସଂଘବଦ୍ଧ ଭାବେ ଆକ୍ରମଣ କରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଖଣ୍ଡା ଚୋଟରେ ଅଜିତଙ୍କ ବାମ ହାତର ପାପୁଲି ଛିଣ୍ଡି ଖଣ୍ଡେ ଦୂରରେ ପଡ଼ିଥିବା ବେଳେ ଡାହାଣ ହାତ ଭାଙ୍ଗି ଲଟକି ରହିଥିଲା। ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା । ଅଜିତଙ୍କ ସହ ଥିବା ବସନ୍ତ ପ୍ରଧାନ ଜୀବନ ବଞ୍ଚାଇ ଦୌଡ଼ି ଆସି ପୁଲିସକୁ ଖବର ଦେଇଥିଲେ। ତେବେ ପୁଲିସ କିଛି ମିନିଟ୍ ବିଳମ୍ବରେ ପହଞ୍ଚିଥିଲା। ଏତିକି ବେଳକୁ ଅଜିତଙ୍କ ମୃତ୍ୟୁ ହୋଇ ସାରିଥିଲା। ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇସାରିଥିଲେ।

## ଆଇଆଇଟି ବମ୍ବେରେ ଦେଶର...

ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷାନୁଷ୍ଠାନଗୁଡ଼ିକ କେବଳ ଜ୍ଞାନ ଆହରଣ ନୁହେଁ, ବରଂ ନବସୃଜନ ଓ ଗବେଷଣା ମାଧ୍ୟମରେ ଦେଶର ସାମର୍ଥ୍ୟ ବୃଦ୍ଧି କରୁଛନ୍ତି । ୨୦୪୭ ସୁଦ୍ଧା 'ବିକଶିତ ଭାରତ' ଗଠନ ପାଇଁ ଶିକ୍ଷାବିତ୍, ଶିଳ୍ପ ଜଗତ ଏବଂ ନୀତି ନିର୍ଦ୍ଧାରକଙ୍କ ମଧ୍ୟରେ ସମନ୍ୱୟ ଜରୁରୀ। ଆଇଆଇଟି ବମ୍ବେର ଦ୍ୱାରା ପ୍ରୋତ୍ସାହିତ ଷ୍ଟାର୍ଟଅପ୍ 'ଉର୍ଜାନୋଭାକ'କୁ ଅଭିନନ୍ଦନ ଜଣାଇବା ସହ ଶ୍ରୀ ପ୍ରଧାନ ଏହାକୁ ଭାରତର ବୈଜ୍ଞାନିକ ସାମର୍ଥ୍ୟର ପ୍ରତିଫଳନ ବୋଲି ଅଭିହିତ କରିଛନ୍ତି। ଏହାପରେ କେନ୍ଦ୍ରମନ୍ତ୍ରୀ ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (ଟିସ) ର ୯୦ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ 'ଗ୍ଲୋବାଲ କଲୋକ୍ୱିଅମ୍-୨୦୨୬' କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, ସାମାଜିକ ବିଜ୍ଞାନ କେବଳ ଏକ ପାଠ୍ୟକ୍ରମ ନୁହେଁ, ବରଂ ସମାଜର ପ୍ରଗତି ଓ ସମାନତା ପାଇଁ ଏକ ଦସ୍ତାବିଜ । ସେ କହିଥିଲେ ଯେ, ଭାରତର ବହୁସଂଖ୍ୟକ ଯୁବଶକ୍ତିଙ୍କ ପାଇଁ ବୁଝିଲା ଭଳି ତଥା ଆନ୍ତର୍ଜାତୀୟ ସ୍ତରର ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା ରହିଛି । ସେହିପରି ଗତ ୧୨ ବର୍ଷ ମଧ୍ୟରେ 'ସବ୍‌କା ସାଥ୍, ସବ୍‌କା ବିକାଶ' ଏବଂ 'ଜାମ' ତଥା ଜନଧନ, ଆଧାର ଓ ମୋବାଇଲ୍ ମାଧ୍ୟମରେ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ସମାବେଶୀ ବିକାଶ ଅଣାଯାଇଛି ।

ମଙ୍ଗଳବାର, ମଇ ୧୨, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଫେଲୋସିପ୍ ସଭାଗୃହରେ ଇଣ୍ଟରସିପ୍ ପ୍ରୋଗ୍ରାମ ଉଦ୍‌ଘାଟିତ

ଭଦ୍ରକ, ୧୧/୫ (ନି.ପ୍ର): ଆଜି ଫେଲୋସିପ୍ ସଭାଗୃହରେ ଚରମ୍ପା କଲେଜ ଓ ପାଳିଆବିନ୍ଧା କଲେଜର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଇଣ୍ଟରସିପ୍ ପ୍ରୋଗ୍ରାମ ୧୫ ଦିନ ପାଇଁ ଆରମ୍ଭ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ଫେଲୋସିପ୍‌ର ସଭାପତି ଝରଣା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏଥିରେ ଫେଲୋସିପ୍‌ର ସଂପାଦକ ଏସ୍.ଏମ୍.ଫାରୁକ, ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ଚରମ୍ପା ମହାବିଦ୍ୟାଳୟର ଅଧ୍ୟାପିକ ସୁକାନ୍ତି ମହାପାତ୍ର ଓ ପାଳିଆବିନ୍ଧା କଲେଜର ଅଧ୍ୟାପିକା ଅନିତା ମଞ୍ଜରୀ ଯୋଗ ଦେଇଥିଲେ । ୭୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଟ୍ରେନିଂ ଆରମ୍ଭରେ ବରିଷ୍ଠ ଅଭିଭକ୍ତା ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଂପାଦକ ପବନ ଶର୍ମା, ବିଷୟ ବିଷାରଦ ଭାବେ ମହାତ୍ମା ଗାନ୍ଧୀଙ୍କର ରାଜନୈତିକ ଚିନ୍ତାଧାରା ବିଷୟରେ ତାଙ୍କର ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଲିପ୍‌ସା ନାୟକ ( ପ୍ରୋଗ୍ରାମ ମ୍ୟାନେଜର) ପରିଚାଳନା କରିଥିଲେ । ଗ୍ରୀଷ୍ମ ଛୁଟିରେ ପିଲାମାନଙ୍କୁ ସମସ୍ତ ସୋସିଆଲ ଆକ୍ଟିଭିଟ୍‌ର ପରିଭାଷା ଜଣିବା ପାଇଁ ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟକୁ ଦୀର୍ଘ ୧୫ ଦିନ ଧରି ଆଗେଇ ନେବା ପାଇଁ ଫେଲୋସିପ୍ ପ୍ରୟାସ କରିଛି । ଏଥିରେ ଶିଶୁ ସମସ୍ୟା,ନାରୀ ସମସ୍ୟା, ସାଇବର କ୍ରାଇମ୍, ତୃତୀୟଲିଙ୍ଗ, କ୍ଲାଇମେଟ୍ ମ୍ୟାନେଜମେଣ୍ଟ ଓ ସ୍ୱାସ୍ଥ୍ୟା ସମ୍ବନ୍ଧୀୟ ବିଷୟରେ ଆଲୋକପାତ କରାଯିବ । ଏହି କାର୍ଯ୍ୟକ୍ରମରେ ଗାନ୍ଧୀ ବିଚାରମଞ୍ଚର ସଂପାଦକ ସୁଧାକର ରାଉତ ଓ ଅନ୍ୟାନ୍ୟ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ । ଏହି ପ୍ରଶିକ୍ଷଣ ବ୍ୟବସ୍ଥାଟି ଶିକ୍ଷା ଜଗତରେ ଖୁବ୍ ଆଦୃତ ହୋଇଛି ।




## ଚାନ୍ଦବାଲି ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ମିଳିତ ଜନ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୧୧/୫ (ନି.ପ୍ର): ଭଦ୍ରକର ଚାନ୍ଦବାଲି ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଯୁକ୍ତ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୭୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୫୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୭ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୫ଟି ଅଭିଯୋଗ ରହିଥିଲା ।ଶୁଣାଣି ସମୟରେ ୮ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୫ ଜଣ ଅଭିଯୋଗକାରୀଙ୍କୁ ମୋଟ ୧୫,୦୦୦/- ଟଙ୍କା ମଞ୍ଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବି ନାରାୟଣ ସାହୁ, ଆରକ୍ଷୀ ଅଧୀକ୍ଷକ ଶ୍ରୀ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଶୁଭେନ୍ଦ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବାର୍ଷିକ ରଥଯାତ୍ରା ବିଶେଷାଙ୍କ 'ମହାବାହୁ' ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ

ଉଦଳା, ୧୧/୫ (ନି.ପ୍ର): ଉଦଳାର ପ୍ରମୁଖ ଆଧାତ୍ମିକ ଅନୁଷ୍ଠାନ ଭକ୍ତିଜ୍ଞାନ ସଂଚାର ସେବା ସମିତି ଦ୍ୱାରା ଚଳିତ ବର୍ଷ ପବିତ୍ର ରଥଯାତ୍ରା ଅବସରରେ ପ୍ରକାଶିତ ଓ ଲୋକାର୍ପିତ ହେବାକୁ ଥିବା ପତ୍ରିକା 'ମହାବାହୁ' ପାଇଁ ଏକ ପ୍ରସ୍ତୁତି ବୈଠକ ବରିଷ୍ଠ ନାଗରିକ ସଂଘ ସଭାଗୃହରେ ମହାବାହୁର ମୁଖ୍ୟ ସଂପାଦକ ଡ଼କ୍ଟର ଦିଲୀପ କୁମାର ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ଏହି ପ୍ରସ୍ତୁତି ବୈଂକରେ ମୁଖ୍ୟ ଅତିଥି ଭାବରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଅଧକ୍ଷା ଶ୍ରୀମତୀ ପ୍ରମିଳା ପଣ୍ଡା, ବିଶିଷ୍ଟ ଅତିଥି ଭାବରେ ଇଂ. ସୁବାଷ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ନାଗରିକ ସଂଘର ସଭାପତି ଡ଼ାକ୍ତର ଶଚିଦାନନ୍ଦ ପରିଡ଼ା, ସଂପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ଭକ୍ତିଜ୍ଞାନ ସଂଚାର ସେବା ସମିତିର ଅଧକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳ, ବରିଷ୍ଠ କବି କିଶୋର ଚନ୍ଦ୍ର ଦାସବାବୁ, ଅବସରପ୍ରାପ୍ତ ପଧାପକ ଭୋଳାନାଥ ସାହୁ ପ୍ରମୁଖ ମଂଚାସୀନ ଥାଇ ଜଗନ୍ନାଥ ସଂସ୍କୃତି ଓ ଦର୍ଶନର ପ୍ରଚାର ପ୍ରସାର ସହ ଜଗନ୍ନାଥ ଚେତନା ତଥା ପରମ୍ପରା ଉପରେ ଆଧାରିତ ଆଧାତ୍ମିକ ପତ୍ରିକା ମହାବାହୁ ଆଗାମୀ ରଥଯାତ୍ରା ଓ ବାହୁଡ଼ା ମଧ୍ୟରେ ପଡୁଥିବା ରବିବାର ତା.୧୯/୦୭/୨୦୨୬ରିଖ ଦିନ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବ ପାଳନ ଅବସରରେ ପ୍ରକାଶ ପାଇବ ବୋଲି ମହାବାହୁର ସଂପାଦକ ରବିକାନ୍ତ ମହାପାତ୍ର ସଭାକୁ ଅବଗତ କରିଥିଲେ । ସଭାର ପ୍ରାରମ୍ଭରେ ମହାବାହୁର ସହସଂପାଦକ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ରଜତ କୁମାର ପଣ୍ଡା ଜଗନ୍ନାଥଷ୍ଟକ ପାଠ ସହ ସ୍ୱାଗତଭାଷଣ ଓ ଅତିଥି ପରିଚ ପ୍ରଦାନ କରିଥିଲେ । ପ୍ରସ୍ତୁତି ବୈଠକର ପ୍ରାରମ୍ଭରେ ସଭାପତିଙ୍କ ପରାମର୍ଶ କ୍ରମେ ସଂପାଦକ ବିଗତ ବୈଠକର ବିବରଣୀ ପାଠ ସହ ୨୦୨୫-୨୬ ବର୍ଷର ଆୟବ୍ୟୟର ହିସାବ ସଭାରେ ପେଶ କରିଥିଲେ । ଏହି ପ୍ରସ୍ତୁତି ବୈଠକରେ ଅନ୍ୟ ଯେଉଁମାନେ ଅଂଶଗ୍ରହଣ ପୁର୍ବକ ସେମାନଙ୍କର ମୁଲ୍ୟବାନ ମତାମତ ଦେଇଥିଲେ ସେମାନଙ୍କ ମଧ୍ୟରେ ବିଶିଷ୍ଟ ସାରସ୍ୱତ ସାଧକ ପରେଶ ଚନ୍ଦ୍ର ସାହୁ, ଶ୍ରୀମତୀ ପ୍ରମିଳା ଜେନା, ଶ୍ରୀମତୀ ଜ୍ୟୋସ୍ନା ରାୟ, ବିଶିଷ୍ଟ ଶିଶୁ ସାହିତ୍ୟିକ ଶ୍ରୀକାନ୍ତ ପ୍ରସାଦ ବେହେରା ଓ ବରିଷ୍ଠ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଓ ସୁସାହିତ୍ୟିକା ମିନତି ପରିଡ଼ା ପ୍ରମୁଖ ଥିଲେ । ମହାବାହୁ ପାଇଁ ଲେଖାଗୁଡ଼ିକ ଆସନ୍ତା ଜୁନ ୦୫ ତାରିଖ ସୁଦ୍ଧା ମହାବାହୁର ମୁଖ୍ୟ ସଂପାଦକ ଦିଲୀପ କୁମାର ଦୀକ୍ଷିତଙ୍କ ନାଗପାଳ ଠିକଣାରେ ବା ମହାବାହୁର ସଂପାଦକ, ରବିକାନ୍ତ ମହାପାତ୍ର, ନାଗପାଳ, ୱାର୍ଡ଼ନଂ-୨, ଉଦଳା, ହ୍ୱାଟସଅପ ନଂ-୯୪୩୮୨୦୦୮୩୬ ଠିକଣାରେ ପଠାଇବାକୁ ଅନୁରୋଧ କରାଯାଇଥିଲା । ପ୍ରସ୍ତୁତି ବୈଠକ ଶେଷରେ ମହାବାହୁର ସହସଂପାଦକ ତଥା ସୁସଂଗଠକ ଅଧାପକ ଦିଲିପ କୁମାର ପ୍ରମାଣିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।




# ବସ୍ତା ବିଦ୍ୟୁତ ଡିଭିଜନ ଆଗରେ କର୍ମଚାରୀଙ୍କ ବିକ୍ଷୋଭ




ବସ୍ତା,୧୧।୫(ନିପ୍ର):ବିଦ୍ୟୁତ ବିଭାଗ ବସ୍ତା ଡିଭିଜନ ସମ୍ମୁଖରେ ବିଭାଗରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀ ଓ ବିଏ କର୍ମଚାରୀଙ୍କୁ ଟାଟା କମ୍ପାନୀର ଛଟେଇ ନୋଟିସ ପ୍ରତ୍ୟାହାର ଦାବି କରି ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି କମ୍ପାନୀର ଟିପିଏନଓଡ଼ିଏଲ ୱାର୍କରସ ଏମ୍ପ୍ଲୟରସ ଫୋରମ ପକ୍ଷରୁ ବିକ୍ଷୋଭ ଆନ୍ଦୋଳନ ଚାଲିଛି । କମ୍ପାନୀ ଖର୍ଚ୍ଚ କାଟ ଆଳରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ପାଖା ପାଖି ୪୦ ରୁ ୫୦ ଶତାଂଶ କର୍ମଚାରୀ ଛଟେଇ କରିବ ବୋଲି ନିଷ୍ପତ୍ତି କରିଛି ।ଏଣୁ ଆଗାମୀ ଦିନରେ ଏହି ଛଟେଇ ନୋଟିସ ପ୍ରତ୍ୟାହାର ନକଲେ ସବ୍‌ଡିଭିଜନ ଓ ଛଅଟି ସେକ୍ସନ ସ୍ତରରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ଏପରିକି ଅଞ୍ଚଳରେ ଅନ୍ଧକାର ସୃଷ୍ଟି କରାଯିବ ବୋଲି ଡିଭିଜନ ସଂଗଠକ ନରେଶ କୁମାର ନାୟକ ଓ ସହ ସମ୍ପାଦକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ତାଳସଜ ବିଛେଇବା ହେଲା କାଳ: ତାଳଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

ନୀଳଗିରି, ୧୧/୫ (ନି.ପ୍ର): ନୀଳଗିରି ବ୍ଲକ ଭଉଁରିଆବାଡ଼ ଗ୍ରା:ପ ତଥା ଅଯୋଧ୍ୟା ଫାଣ୍ଡି ଅଧିନ କମାରଖାଲିଆ ଗ୍ରାମର ପ୍ରଫୁଲ୍ଲ ସିଂଙ୍କ ପୁଅ ଅଭିମନ୍ୟୁ ସିଂ (୨୫)ଆଜି ସକାଳ ପ୍ରାୟ ୮,୩୦ ମିନିଟ ସମୟରେ ଘର ଠାରୁ ଅନତିଦୂର ନିଜବିଲରେ ଥିବା ତାଳଗଛକୁ ଚଢି ତାଳସଜ ବିଛାଉ ଥିବାବେଳେ ଗଛରୁ ତଳକୁ ଖସି ପଡ଼ିଥିଲେ । ଶୌଚପାଇଁ ଯାଇଥିବା ଗ୍ରାମ ଲୋକେ ତାଙ୍କୁ ଉଦ୍ଧାରକରି ନୀଳଗିରି ମେଡିକାଲକୁ ଆଣିଥିଲେ ହେଁ ଡାକ୍ତର ଅଭିମନ୍ୟୁଙ୍କୁ ମୃତଘୋଷଣା କରିଥିଲେ । ଏଭଳି ମୃତ୍ୟୁକୁ ନେଇ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଖବରପାଇ ସ୍ଥାନୀୟ ସରପଞ୍ଚ ସଞ୍ଜୟ କୁମାର ସିଂ ନୀଳଗିରି ମେଡିକାଲରେ ପହଞ୍ଚି ମୃତକପରିବାରଙ୍କୁ ଭେଟି ସମବେଦନା ଜଣାଇଥିଲେ । ତେବେ ନୀଳଗିରି ଥାନାପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।

# ଶୀତଳେଶ୍ୱରୀ ପ୍ରକାଶନୀର ପଞ୍ଚମ ବାର୍ଷିକ ଉତ୍ସବ

ଭଦ୍ରକ , ୧୧/୫ (ନି.ପ୍ର): ଓଡିଶାର ଏକ ଅଗ୍ରଣୀ ପ୍ରକାଶନୀ ସଂସ୍ଥା ଶୀତଳେଶ୍ୱରୀ ପ୍ରକାଶନୀର ୫ମ ବାର୍ଷିକ ଉତ୍ସବ କଟକ ସ୍ଥିତ ବାଣୀପିଠ ଶ୍ରୀରାମ ଚନ୍ଦ୍ର ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦକ ଆଦିକନ୍ଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ସାରସ୍ୱତ ଉତ୍ସବରେ ବାଣୀକୃପା ସାହିତ୍ୟ ପତ୍ରିକାର ପାଠକ ଲୋକାର୍ପଣ, ମାତୃଭାଷାର ସୁରକ୍ଷା ନେଇ ଆଲୋଚନା ଚକ୍ର, କବିତା ପାଠ ସହିତ ନୃତ୍ୟ, ସଂଗୀତ ପ୍ରତିଯୋଗୀତା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସାହିତ୍ୟ ସଭା ଓ ଆଲୋଚନା ଚକ୍ରରେ ମୋ ଦୃଷ୍ଟି ରେ କବିତା ଓ କବିତା ର ଭବିଷ୍ୟତ ଉପରେ ରାଜ୍ୟର ବହୁ ସୁନାମ ଧନ୍ୟ ସାହିତ୍ୟିକ, ସ୍ତମ୍ଭକାର ଯୋଗଦାନ କରି ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ । କବି ତଥା ଲେଖକ ବିଜୟ ମଲ୍ଲ ଦୁଇଟି ଅଧିବେଶନ ରେ ସଂଯୋଜନା କରିଥିଲେ, ମୁଖ୍ୟ ଅତିଥି ଭାବେ ଡ. ବୈଜୟନ୍ତୀମାଳା ଶତପଥୀ, କବିତା ସଂଯୋଜିକା ଭାବେ ଗୀତାଞ୍ଜଳି ପୃଷ୍ଟି ସୁକାନ୍ତ ମହାନ୍ତି ଓ ସଂଯୋଜକ ଭାବେ ସୀତାନାଥ ସାହୁ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ପତ୍ରକାର ତଥା ସାହିତ୍ୟିକ ରବିନାରାୟଣ ଖିଲାର, ଉତ୍କଳ ସମାଜର ସମ୍ପାଦକ ସୁଧାଂଶୁ ଷଡ଼ଙ୍ଗୀ, ପଣ୍ଡିତ ଚୈତନ କୁମାର ସାହୁ, ଡ଼ ପ୍ରଭାତି ମିଶ୍ର, ଅନ୍ୟ ଅଧିବେଶନ ରେ ସଭାପତି, ସାରଳା ସାହିତ୍ୟ ସଂସଦ ସୁସ୍ମିତା ରଥ ସମ୍ପାଦିକା, ଗଙ୍ଗାଧର ରଥ ଫାଉଣ୍ଡେସନ, ମାନସ ପଣ୍ଡା, ରତ୍ନାକର ରାଉତ, ଭା.ପ୍ର.ସେ ପୂର୍ବତନ ସରକାରୀ ପ୍ରଶାସକ ତଥା କବି ଜ୍ଞାନୀ ଦେବାଶିଷ ମିଶ୍ର ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଅମିୟ ରଞ୍ଜନ ମହାପାତ୍ର ବିଶିଷ୍ଟ କବି ଓ ସାହିତ୍ୟ ସୁରେଶ କୁମାର ନାୟକ, ବିଜୟ ମଲ୍ଲ ପ୍ରମୁଖ ଯୋଗଦେଇ ଭାଷା ର ସୁରକ୍ଷା, ସାହିତ୍ୟ ଓ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ଏହି ଅବସରରେ ରାଜ୍ୟରୁ ଆସିଥିବା ବହୁ ସାରସ୍ୱତ ସାଧକ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବେଳେ ଭଦ୍ରକରୁ ଲେଖକ ତଥା ସୁସାହିତ୍ୟିକ ରବିନାରାୟଣ ଖିଲାର,ଶିକ୍ଷୟତ୍ରୀ ମନୋରମା ରାୟ, ସାବିତ୍ରୀ ସେଠି, ଡ଼. ଜାନକୀ ପାଢ଼ୀ, ଅନନ୍ତ ନାଥ,ସୁବ୍ରତ ଦୀକ୍ଷିତ, ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା, ରଶିତା ଶୁଭ ଦର୍ଶନୀ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ବିଜୟ କୁମାର ରାଉତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।



# ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ସ୍ଥାନାନ୍ତରିତ ହେଉଥିବା ପ୍ରତି କୁଟୀରର ଜଣେ ସଦସ୍ୟଙ୍କୁ ଚୁକ୍ତିଭିତ୍ତିକ ନିଯୋଜନ ପତ୍ର ପ୍ରଦାନ ଆରମ୍ଭ

ରାଉରକେଲା, ୧୧/୫ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ଗ୍ରୀନଫିଲ୍ଡ ସମ୍ପ୍ରସାରଣ କାର୍ଯ୍ୟ ପାଇଁ ପ୍ଲାଣ୍ଟର ଅଧୀନରେ ଥିବା ଅଞ୍ଚଳରୁ ସ୍ଥାନାନ୍ତରିତ ହେଉଥିବା କୁଟୀରବାସୀଙ୍କୁ କ୍ଷତିପୂରଣ ପ୍ୟାକେଜ୍ ପ୍ରଦାନ କରିବା ଦିଗରେ ନିଜର ଗମ୍ଭୀରତା ଓ ଆନ୍ତରିକତା ପ୍ରଦର୍ଶନ କରି, ଇସ୍ପାତ କାରଖାନା ପକ୍ଷରୁ ପ୍ରତି କୁଟୀରର ଜଣେ ସଦସ୍ୟଙ୍କୁ ଚୁକ୍ତିଭିତ୍ତିକ ନିଯୋଜନ ପତ୍ର ପ୍ରଦାନ କରାଯିବା ଆରମ୍ଭ ହୋଇଛି । ଏହି କ୍ରମ ରେ କାଟେ ବସ୍ତିରୁ ସ୍ଥାନାନ୍ତରିତ ହୋଇଥିବା କୁଟୀରବାସୀଙ୍କ ମଧ୍ୟରୁ ୫ ଜଣ ବ୍ୟକ୍ତିଙ୍କୁ ୧୧ ମଇ ୨୦୨୬ ରେ ଏହି ନିଯୋଜନ ପତ୍ର ପ୍ରଦାନ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏ ମଧ୍ୟରେ, ରାଉରକେଲା ଇସ୍ପାତ କାରଖାନା କାଟେ ବସ୍ତିରୁ ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ ହୋଇଥିବା ୧୭ଟି ପରିବାରକୁ ଚେକ୍ ମଧ୍ୟ ହସ୍ତାନ୍ତର କରିସାରିଛି । କ୍ଷତିପୂରଣ ପ୍ରସ୍ତାବ ଅନୁଯାୟୀ, ପ୍ରତ୍ୟେକ ପ୍ରଭାବିତ ପରିବାରକୁ ମୋଟ ୫,୧୬,୬୨୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହା ବ୍ୟତୀତ, ପ୍ରତ୍ୟେକ କୁଟୀର ବଦଳରେ ୬୫୦ ବର୍ଗଫୁଟର ଏକ ବିକଶିତ ପ୍ଲଟ୍ ପ୍ରଦାନ କରାଯିବ ଏବଂ ନିର୍ଭରଶୀଳ ପରିବାର ସଦସ୍ୟମାନଙ୍କୁ ଇଏସଆଇ ଚିକିତ୍ସା ସୁବିଧା ଅନ୍ତର୍ଭୁକ୍ତ କରାଯିବ । ରାଉରକେଲା ଇସ୍ପାତ କାରଖାନା ବର୍ତ୍ତମାନ ଏକ ବିରାଟ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛି ଯାହା ଏହି ଅଞ୍ଚଳର ଅର୍ଥନୈତିକ ଦିଗନ୍ତକୁ ପୁଣିଥରେ ପରିଭାଷିତ କରିବ । ଆର.ଏସ.ପି. ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ବାର୍ଷିକ ୪.୬୫ ନିୟୁତ ଟନ୍ ରୁ ୯.୮ ନିୟୁତ ଟନ୍ କୁ ବୃଦ୍ଧି କରିବ । ଏହି ସମ୍ପ୍ରସାରଣ ସ୍ଥାନୀୟ ବାଣିଜ୍ୟରେ ଏକ ବଡ଼ ପରିବର୍ତ୍ତନ ଆଣିବ, ଯାହା ସୁନ୍ଦରଗଡ଼ ଜିଲ୍ଲା ଏବଂ ଓଡ଼ିଶା ରାଜ୍ୟ ପାଇଁ ସମୃଦ୍ଧିର ଏକ ନୂତନ ଲହରୀ ଆଣିବ । ଏହି ଗ୍ରୀନଫିଲ୍ଡ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଆର.ଏସ.ପି. ନିଜ ଅଧୀନରେ ଥିବା କାରଖାନା ସଂଲଗ୍ନ ୧,୨୦୦ ଏକର ଜମି ବ୍ୟବହାର କରିବ । ଯଦିଓ ଏହି ଜମି ସରକାରୀ ଭାବେ ରାଉରକେଲା ଇସ୍ପାତ କାରଖାନାର ଅଧୀନରେ ଅଛି, ତେବେ ସମୟକ୍ରମେ ଏହି ସ୍ଥାନରେ ବିଭିନ୍ନ ଅବରୋଧ ସୃଷ୍ଟି ହୋଇଛି । ପ୍ଲାଣ୍ଟ ର ବୃଦ୍ଧି ସହିତ ସମ୍ପୃକ୍ତ ସମୁଦାୟକୁ ମଧ୍ୟ ଆଗକୁ ନେବା ନିଶ୍ଚିତ କରିବା ପାଇଁ, କାରଖାନା ପକ୍ଷରୁ ବର୍ତ୍ତମାନ ସେଠାରେ ରହୁଥିବା ପରିବାରଗୁଡ଼ିକ ପାଇଁ ସ୍ୱତଃପ୍ରବୃତ୍ତ ଭାବେ ଏକ ଅନୁକମ୍ପାମୂଳକ କ୍ଷତିପୂରଣ ପ୍ୟାକେଜ୍ ପ୍ରଦାନ କରାଯାଉଛି ।



# ବାଲେଶ୍ୱରରେ 'ସୋମନାଥ ସ୍ୱାଭିମାନ ପର୍ବ' ଅନୁଷ୍ଠିତ : ଭାରତୀୟ ସଂସ୍କୃତି ଓ ସ୍ୱାଭିମାନର ଗୌରବ ଗାଥା ପ୍ରତିଧ୍ୱନିତ

ବାଲେଶ୍ୱର, ୧୧/୫ (ନି.ପ୍ର): ଜିଲ୍ଲା ପ୍ରଶାସନ, ବାଲେଶ୍ୱର ଏବଂ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଯୁଗ୍ମ ଆୟୋଜନରେ ପୁରୁଣା ବାଲେଶ୍ୱରସ୍ଥିତ ପ୍ରସିଦ୍ଧ ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ 'ସୋମନାଥ ସ୍ୱାଭିମାନ ପର୍ବ' ଭବ୍ୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଭାରତର ସାଂସ୍କୃତିକ ପୁନରୁତ୍ଥାନ, ଐତିହ୍ୟ ଓ ଜାତୀୟ ସ୍ୱାଭିମାନର ପ୍ରତୀକ ସୋମନାଥ ମନ୍ଦିରର ଗୌରବମୟ ଇତିହାସକୁ ସ୍ମରଣ କରି ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଗୁଜୁରାଟସ୍ଥିତ ସୋମନାଥ ମନ୍ଦିରରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପୂଜାର୍ଚ୍ଚନାର ସିଧା ପ୍ରସାରଣ ଏବଂ ସୋମନାଥ ମନ୍ଦିରର ଭବ୍ୟତାକୁ ନେଇ ଏକ ଦୃଶ୍ୟାବଳୀ ପ୍ରଦର୍ଶିତ କରାଯାଇଥିଲା ତାପରେ ସେ ନିଜର ବାର୍ତ୍ତା ରଖିଥିଲେ । 'ଅମୃତ ଆତ୍ମାର ଗୌରବ ଗାଥା' ଶୀର୍ଷକରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ, ସ୍ଥାନୀୟ ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ଯୋଗଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ବିଧାୟକ ଶ୍ରୀ ମାନସ ଦତ୍ତ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ପୌରପାଳିକା ଅଧକ୍ଷା ଶ୍ରୀମତୀ ସବିତା ସାହୁ, ସ୍ଥାନୀୟ ପାରିଷଦବୃନ୍ଦ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଣ୍ଟିଆ ଉପସ୍ଥିତ ଥିଲେ । ଜିଲ୍ଲା ସଂସ୍କୃତି ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ଅତିଥିମାନେ ଦୀପ ପ୍ରଜ୍ୱଳନ କରିବା ସହ ସୋମନାଥଙ୍କ ମହିମା ଏବଂ ଭାରତୀୟ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ସଂକଳ୍ପ ଗ୍ରହଣ କରିଥିଲେ । ଅତିଥିମାନେ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ସୋମନାଥ ମନ୍ଦିର କେବଳ ଏକ ଧାର୍ମିକ ପୀଠ ନୁହେଁ, ବରଂ ଭାରତୀୟ ସଭ୍ୟତାର ସ୍ୱାଭିମାନ, ସଂଘର୍ଷ ଓ ପୁନରୁତ୍ଥାନର ଜୀବନ୍ତ ପ୍ରତୀକ । ଉଲ୍ଲେଖନୀୟ ଯେ, ୧୦୨୬ ମସିହାର ଆକ୍ରମଣର ୧୦୦୦ ବର୍ଷ ପୂର୍ତ୍ତି ଏବଂ ୧୯୫୧ ମସିହାରେ ସୋମନାଥ ମନ୍ଦିରର ପୁନଃନିର୍ମାଣର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ 'ସୋମନାଥ ସ୍ୱାଭିମାନ ପର୍ବ' ପାଳନ କରାଯାଉଛି । ବାଣେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଭାରତର ଗୌରବମୟ ଇତିହାସ ଓ ସଂସ୍କୃତି ସହ ଅଧିକ ସଂଯୁକ୍ତ କରିବାକୁ ପ୍ରୟାସ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମଟି ଆଧ୍ୟାତ୍ମିକତା, ସଂସ୍କୃତି ଓ ଦେଶଭକ୍ତିର ଏକ ସୁନ୍ଦର ସମନ୍ୱୟ ସୃଷ୍ଟି କରିଥିଲା ।




# ହଜ ଗ୍ରାମ ପଂଚାୟତରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣି



ଖୋର୍ଦ୍ଧା , ୧୧/୫ (ନି.ପ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ ହଜ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପଲ୍ଲୀରେ ପ୍ରଶାସନିକ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଅଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ ଙ୍କ ଅଧକ୍ଷତାରେ ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ମାନ୍ୟବର ବିଧାୟକ, ବେଗୁନିଆ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଉପ ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ,ବି ଡି ଓ, ବେଗୁନିଆ, ତହସିଲଦାର, ବେଗୁନିଆ , ହଜ ଗ୍ରାମ ପଞ୍ଚାୟତ ସରପଞ୍ଚ ଦମୟନ୍ତୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲା ପ୍ରଶାସନକୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୧୧୮ ଗୋଟି ଅଭିଯୋଗ ଆସିଥିଲା ବେଳେ ତନ୍ମଧ୍ୟରୁ ୧୦୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଆସିଥିଲା । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ ଅଭିଯୋଗ ଶିବିରରେ ୮୧ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ପରେ ମାନ୍ୟବର ବିଧାୟକ, ବେଗୁନିଆ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ,ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲାପରିଷଦ ଶ୍ରୀ ଜ୍ୟୋତି ଶଙ୍କର ସାହୁ,ସମସ୍ତ ଅଧିକାରୀ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ଓ ଅଗ୍ରଣୀ ଯୋଜନାର ସଫଳ ରୂପାୟନ ଦିଗରେ ଖୋଲା ଯାଇଥିବା ଶିକ୍ଷା ଓ ସୂଚନା ଷ୍ଟଲ ଗୁଡ଼ିକୁ ବୁଲି ଅନୁଧ୍ୟାନ କରିଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ , ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ମା' ମଙ୍ଗଳା ପୀଠରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର , ୧୧/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ତ୍ତୁଙ୍ଗ ପଞ୍ଚାୟତରେ ଆଧାତ୍ମିକ ତଥା ଭକ୍ତିମୟ ପରିବେଶ ମଧ୍ୟରେ ମା ମଙ୍ଗଳା ଙ୍କ ପୀଠରେ ବାର୍ଷିକ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ସମଗ୍ର ସୃଷ୍ଟି ତଥା ଜୀବ ଜଗତର କଲ୍ୟାଣ ପାଇଁ ଏହି ବିଶ୍ୱ ଶାନ୍ତି ମହାଯଜ୍ଞ ସମସ୍ତ ଙ୍କ ସହଯୋଗରେ ଅନୁଷ୍ଠିତ ହୋଇଛି । ଆଦ୍ୟାଶକ୍ତି ପରମ ବୈଷ୍ଣବୀ ମା ମଙ୍ଗଳାଙ୍କ ପୀଠରେ ତିନି ଦିନ ଧରି ଚଣ୍ଡୀ ପାଠ,ମହାଯଜ୍ଞ ଅନୁଷ୍ଠିତ ହୋଇଛି । ଅନେକ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଏହି ଉତ୍ସବରେ ଯୋଗ ଦେଇ ଥିଲେ । କଳସ ଶୋଭାଯାତ୍ରା, ଘଟ ଉତ୍ତୋଳନ ପ୍ରଭୃତି କାର୍ଯ୍ୟକ୍ରମ ସୁଚାରୁ ରୁପେ ସମ୍ପନ୍ନ ହୋଇ ଥିଲା । ଏହି ଉତ୍ସବ ମୁଖ୍ୟ ପୁରୋହିତ ବିଜୟ କିଶାନ ସନ୍ଧି ବିଗ୍ରହ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ଭୁ ଦେବୀ ପୂଜା ଠାରୁ ଆରମ୍ଭ କରି ଗୁରୁ ପୂଜା, ଗୋ ପୂଜା, ସୂର୍ଯ୍ୟ ପୂଜା, ମାତୃ ପିତୃ ପୂଜା, ସର୍ବ ଦେବା ଦେବୀ ପୂଜା ପ୍ରଭୃତି ନିର୍ଦ୍ଧାରିତ ସମୟରେ ହୋଇ ଥିଲା । ଆସନ୍ତା କାଲି ଏହି ମହାଯଜ୍ଞ ର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ସମାଜ ସେବୀ ତଥା ନାଟ୍ୟକାର ସୀତାକାନ୍ତ ରାଉତ ପ୍ରକାଶ କରିଛନ୍ତି । ଏହି ଉତ୍ସବରେ ବହୁ ସଂଖ୍ୟାରେ ଭକ୍ତ ମାନେ ମନ ଆନନ୍ଦରେ ପ୍ରସାଦ ସେବନ କରିଥିଲେ । ଏହି ଆଧାତ୍ମିକ ପରିବେଶରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇ ଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida